
ମୂ. : ୨୫

# ଆମରି ସତ୍ୟ

# AMARI SATYA

RNI Regn. No. - ODI/ODI/2010/350521
Postal Regd. No. : PURI-33/2019-21
ଦ୍ୱାଦଶ ବର୍ଷ, ତୃତୀୟ ସଂଖ୍ୟା
ମାସିକ, ସେପ୍ଟେମ୍ବର - ୨୦୨୧, ପୃଷ୍ଠା ସଂଖ୍ୟା ୫୨

TOKYO 2020







# ପ୍ରଣାମ ଗୁରୁଦେବ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୬।୯(ଆ.ପ୍ର): ଆମରି ସତ୍ୟ ପକ୍ଷରୁ ପ୍ରଣାମ ଗୁରୁଦେବ କାର୍ଯ୍ୟକ୍ରମ ସ୍ଥାନୀୟ ସାମନ୍ତରାପୁର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ବ୍ୟକ୍ତିମାନେ ନିଜ ଗୁରୁଙ୍କ ବିଷୟରେ ଆଲୋକପାତ କରିଥିଲେ। ଡ଼ଃ ନିରଞ୍ଜନ ମହାନ୍ତିଙ୍କୁ ତାଙ୍କର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଗୁରୁଙ୍କ ଉପରେ ଏକ କବିତା ପାଠ ଗୋବିନ୍ଦ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ ପ୍ରମୋଦ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼ଃ ପ୍ରସନ୍ନ କୁମାର ଜେନା ସଭାପତି, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ମୁଖ୍ୟ ଅତିଥି ଓ ଶିକ୍ଷାବିତ ଭାଗସେନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।



୨୧.୦୩.୨୧ ସକାଳ

ଖୋର୍ଦ୍ଧା

## ଶିଶୁ ସାହିତ୍ୟ ଶିଶୁ ମନସ୍ତତ୍ତ୍ୱ ଉପରେ ଆଧାରିତ ହେବା ଉଚିତ


ସମାଜ ୦୧.୦୮.୨୧

## ଶୈକ୍ଷିକ ମୂଲ୍ୟବୋଧ ସମ୍ପର୍କିତ ଆଲୋଚନାଚକ୍ର

## कोरोनाकाल में कवियों द्वारा ऑनलाइन वर्चुअल हास्य कविता कार्यक्रम

## 'ଓଡ଼ିଆ ସାହିତ୍ୟରେ ଜଗନ୍ନାଥ' ଆଲୋଚନାଚକ୍ର

■ ଅବକାରୀ ଚଢ଼ଉ...



ଆମରି ସତ୍ୟ ଆଭାସୀ ଆଲୋଚନା ଚକ୍ର-୩

ସମା

## ଆମରି ସତ୍ୟ ପକ୍ଷରୁ 'ସ୍ୱତନ୍ତ୍ର, ହସର ଆସର'

ଖୋର୍ଦ୍ଧା, ୮।୬ (ଆ.ପ୍ର): ଆମରି ସତ୍ୟ ପକ୍ଷରୁ ଗୁଗୁଲ ମିଟ ମାଧ୍ୟମରେ ଏକ ସ୍ୱତନ୍ତ୍ର ହସର ଆସର ଅନୁଷ୍ଠିତ ହୋଇଛି। ଆମରି ସତ୍ୟର ପ୍ରତିଷ୍ଠାତା ଡ଼ଃ ପ୍ରମୋଦଚନ୍ଦ୍ର ଦାସ ଏହାକୁ ଉଦଘାଟନ କରି ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ହସର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନେଶ୍ୱର ସାହୁ ଯୋଗଦେଇଥିଲେ। ଏଥିରେ କବି, କବୟିତ୍ରୀ ଶଶୀରେଖା ନାୟକ, ନନ୍ଦିତା ମିଶ୍ର, ଜ୍ୟୋତିପ୍ରଭା ପଟ୍ଟନାୟକ, ଦାସରଥି ଦେଇ, ନଳିନୀ ମହାପାତ୍ର, ଅନୀତାକୁମାରୀ ନାୟକ, ଦେବକାନ୍ତ ରାଓ, ବୀଣାପାଣି ଦେବୀ, ପଦ୍ମନାଭ ପାଣିଗ୍ରାହୀ, ଆଦିକନ୍ଦ ପ୍ରମୁଖ ଯୋଗଦେଇଥିଲେ। ଡ଼ଃ ରଶ୍ମିରଞ୍ଜନ ରଥ, ଓ ରଶ୍ମିତା ନାୟକ ଏହାକୁ ସଂଯୋଜନା କରିଥିଲେ।



## ଦେଶାତ୍ମବୋଧକ ଆଭାସୀ କବିତା ଆସର

## ଆମରି ସତ୍ୟ ପକ୍ଷରୁ ସ୍ୱତନ୍ତ୍ର ହସର ଆସର

## ଆମରି ସତ୍ୟ ପକ୍ଷରୁ ପ୍ରଣାମ ଗୁରୁଦେବ



**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସଂପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୂପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମୀରଞ୍ଜନ ନାଥ
୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୫୦୪୬୬୯୭୯୨


# ଆମରି ସତ୍ୟ

## AMARI SATYA

**ଭିନ୍ନସ୍ୱାଦର ମାସିକ ପତ୍ରିକା...**


**ଦ୍ୱାଦଶ ବର୍ଷ - ତୃତୀୟ ସଂଖ୍ୟା - ସେପ୍ଟେମ୍ବର, ୨୦୨୧**



**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ-**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ,ଆମରିସତ୍ୟ
ଏମ-୫/୨୩,ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଭୁବନେଶ୍ୱର କାର୍ଯ୍ୟାଳୟ -**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**
**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳ ସଚିବ, ନାଇଜର, ଭୁବନେଶ୍ୱର
**ଡ.ଶରତ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, ବାଲିଚନ୍ଦ୍ରପୁର
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍,ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। **IFSC-SBIN0012027, MICR-752002151**



'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ଟୋକିଓ ଅଲିମ୍ପିକ୍‌ରେ ଭାରତ | ଆଶିଷ କୁମାର ରାୟ | ୦୫ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୮ |
| ୬. | କଥାକାର ମନୋଜ ଦାସ | ଜବାହରଲାଲ ସୁବୁଦ୍ଧି | ୧୧ |
| ୭. | ସ୍ନେହ ଶ୍ରଦ୍ଧାର ମୂଲ୍ୟ | ଡକ୍ଟର ବସନ୍ତ କିଶୋର ସାହୁ | ୧୨ |
| ୮. | ଏଇ ମାତ୍ର ଅଳି | ଯମେଶ୍ୱର କହଳସିଂହ | ୧୩ |
| ୯. | ଭୀମ-ବକା ଘୁସା ଘୁସି | ନିର୍ମଳା କୁମାରୀ ମହାପାତ୍ର | ୧୪ |
| ୧୦. | ବେଳହୁଁ ସାବଧାନ | ଶାନ୍ତନୁ କୁମାର ଷଡ଼ଙ୍ଗୀ | ୧୫ |
| ୧୧. | ସହରିଆଙ୍କ ଭିଟାମିନ 'ଡି' ନିଅଣ୍ଟ | ଡକ୍ଟର ମୁରାରି ମୋହନ ଦାଶ | ୧୬ |
| ୧୨. | ଦେହାତୀତ | ଦେବଯାନୀ ରାୟ | ୧୭ |
| ୧୩. | ଜୀବନ ପଥରେ | ତ୍ରିଲୋଚନ ଦାସ | ୧୭ |
| ୧୪. | ଏଚ.ଆଇ.ଭି / ଏଡ଼ସ | ଡା ଧନେଶ୍ୱର ସାହୁ | ୧୮ |
| ୧୫. | ଗୋଟେ ନମସ୍କାର ପାଇଁ | ଇଂ ସତ୍ୟବ୍ରତ ରଥ | ୨୧ |
| ୧୬. | ଜୀବନ ଏକ ପରୀକ୍ଷା | ଶରଚ୍ଚନ୍ଦ୍ର ମହାପାତ୍ର | ୨୨ |
| ୧୭. | କର ବିଭୁ ଅରଚନା | ଦାଶ ବେନହୁର | ୨୪ |
| ୧୮. | ଆତ୍ମବଳ | ବୀଣାପାଣି ସିଂହ | ୨୪ |
| ୧୯. | ଠାକୁର କ'ଣ ଖାଲି ଦେଉଳରେ | ମଧୁସ୍ମିତା ପଣ୍ଡା | ୨୫ |
| ୨୦. | କହ ଗୋଲାପ | ବିରଜା ମୋହିନୀ ତ୍ରିପାଠୀ | ୨୬ |
| ୨୧. | ସ୍ମୃତିର ଝଲକ | ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୨୬ |
| ୨୨. | ମାଗିନିଅ | ସୌଦାମିନୀ ମିଶ୍ର | ୨୬ |
| ୨୩. | ବିଜ୍ଞାନ ଖୋଜୁଛି ବ୍ୟାଖ୍ୟା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୨୭ |
| ୨୪. | ଚିତ୍ତହାରୀ ଚିତ୍ତରଂଜନ | ସତ୍ୟବାଦୀ ବଳିଆରସିଂହ | ୨୮ |
| ୨୫. | ବିଲେଇ ସାପ | ମନୋଜ କୁମାର ମହାପାତ୍ର | ୨୯ |
| ୨୬. | ବଂଧୁର ବଂଧୁ ଜଗବଂଧୁ | ଶ୍ରୀ କରୁଣାକର ସାହୁ | ୩୦ |
| ୨୭. | ବନ୍ଦେ ଉତ୍କଳ ଜନନୀ | ଶ୍ରୀମତୀ ରଶ୍ମିତା ନାୟକ | ୩୨ |
| ୨୮. | ସେ ଜମାରୁ ଆଉ ବୁଝୁନି | ଅର୍ଜୁନ ମେହେର | ୩୨ |
| ୨୯. | ଆତ୍ମଚିନ୍ତନ -୧ | ସୁବୋଧ କୁମାର ଜଗଦେବ | ୩୩ |
| ୩୦. | ଉତ୍କଳର ବରପୁତ୍ର... | ଶ୍ରୀ ବ୍ରଜ କିଶୋର ଦାସ | ୩୪ |
| ୩୧. | ଆସ କିଛି ଜାଣିବା | | ୩୫ |
| ୩୨. | ଏଇ ବାଟରେ.... | ସଚ୍ଚି ମହାନ୍ତି | ୩୫ |
| ୩୩. | ଉଦ୍ଧବ(୨) | ସତ୍ୟନାରାୟଣ ସାମନ୍ତରାୟ | ୩୬ |
| ୩୪. | ଜୀବନ ଜିଜ୍ଞାସା | ଶ୍ରୀ ଭାରତୀ ଭୂଷଣ ଦାସ | ୩୮ |
| ୩୫. | ସମ୍ବାଦ ବିଚିତ୍ରା | | ୪୦ |
| ୩୬. | ସାଧାରଣ ଜ୍ଞାନ | | ୪୧-୪୮ |


## ॥ ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ




ମୋ' କଳାଠାକୁର ଶ୍ରେଷ୍ଠ କଳାକାର
କି' ଗୁଣ ଗାଇବି ପ୍ରଭୁ ତୁମର,
କାହାକୁ ହସାଅ କାହାକୁ କନ୍ଦାଅ
ତୁମ ନିର୍ଦ୍ଦେଶନା ଭାରି ସୁନ୍ଦର । ॥୦॥

ସାରା ଜଗତଟା ତୁମ ରଙ୍ଗମଞ୍ଚ
ଗଢ଼ିଛ ପ୍ରଭୁ ହେ' ଯତନ କରି,
ଜୀବନ ନାଟକ ଚାଲିଛି ଏଇଠି
ତୁମରି ନାମକୁ ତୁଣ୍ଡରେ ଧରି,
ସମୟ ସହିତ ଦୃଶ୍ୟ ସରିଯାଏ
ଅନ୍ତିମ ଅଙ୍କରେ ହୁଏ ଅନ୍ଧାର । ॥୧॥

ମୋ' କଳାଠାକୁର............
କେତେବେଳେ ତାଳି କେତେବେଳେ ଗାଳି
ମଞ୍ଚ ଅଭିନୟ ଏମିତି ନିତି,
ତୁମ ଇଙ୍ଗିତରେ ଅଭିନୟ ଚାଲେ
ତୁମଠୁ ଆରମ୍ଭ ତୁମଠି ଇତି,
ହେ' ମୁଖ୍ୟନାୟକ ଅଭୟ ଦାୟକ
ତୁମରି ଇଚ୍ଛାରେ ଚାଲେ ସଂସାର । ॥୨॥
ମୋ' କଳାଠାକୁର.............

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**





## ସମ୍ପାଦକୀୟ....

ପୁଣି କରୋନା ଲେଉଟିଲା ! ଲେଉଟିଲା ତ ଲେଉଟିଲା, ତାହା ପୁଣି ଭିନ୍ନ ଭାବରେ ଲେଉଟିଲା । ଭିନ୍ନରୂପ, ଭିନ୍ନ ପ୍ରଭାବ ଓ ଭିନ୍ନ ପ୍ରକୃତିସହ ଏଥରର କରୋନା ଗତଥରଠାରୁ ଭିନ୍ନଭାବରେ ଉଭା ହୋଇଛି । ଲକ୍ଷଣଗତ ଭିନ୍ନତା ଓ ସଂକ୍ରମଣର କ୍ଷୀପ୍ରତାରେ ଏହା ଗତଥରଠାରୁ ଅଧିକ ମାରକ ସାବ୍ୟସ୍ତ ହୋଇଛି ।

କରୋନାର ଦ୍ୱିତୀୟ ଲହର ପ୍ରାୟ ଅବଶ୍ୟମ୍ଭାବୀ ବୋଲି ଏହା ଜଣାଥିଲା । ବିଶେଷଜ୍ଞମାନେ ଏ ବିଷୟରେ ପୂର୍ବରୁ ସୂଚନା ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏଥିପାଇଁ ସାରା ବିଶ୍ୱକୁ ସତର୍କ କରେଇଦେଇଥିଲେ । ଏ କଥା ବି ସୂଚନା ଦେଇଥିଲେ ଯେ, କରୋନାର ଦ୍ୱିତୀୟ ଲହର ପ୍ରଥମ ଲହରଠାରୁ ଅଧିକ ମାରାତ୍ମକ ସାବ୍ୟସ୍ତ ହେବ । କାରଣ, ଅତୀତରେ ବିଶ୍ୱ ଯେତେଯେତେ ମହାମାରୀକୁ ସାମନା କରିଛି, ତାହାର ଦ୍ୱିତୀୟ ଲହର ପ୍ରଥମଠାରୁ ଅଧିକ ମାରକ ହୋଇଛି । ୧୯୧୮ରେ ଦେଖାଦେଇଥିବା ସ୍ପାନିସ୍ ଫ୍ଲୁ ହେଉଛି ଏହାର ଶ୍ରେଷ୍ଠତମ ଉଦାହରଣ ।

ତେବେ, ସେତେବେଳର ସମୟ ଆଉ ବର୍ତ୍ତମାନର ସମୟ ଭିତରେ ଆକଳନ କଲେ, ଢ଼େର ପାର୍ଥକ୍ୟ ବାରିହୁଏ । ସେତେବେଳର ସମାଜରେ ବର୍ତ୍ତମାନ ଭଳି ଯୋଗାଯୋଗ, ଗମନାଗମନ, ବ୍ୟକ୍ତିସଚେତନତା, ଚିକିତ୍ସା ବ୍ୟବସ୍ଥାର ଏତେ ସୁଯୋଗ ନଥିଲା । ତା'ଛଡ଼ା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାରେ ମଧ୍ୟ ଏଭଳି ସୁଧାର ନଥିଲା । ଲୋକମାନଙ୍କୁ ସତର୍କ କରେଇବାର ଇଚ୍ଛା ଥିଲେ ବି ସେଥିପାଇଁ କୌଣସି ପ୍ରାବଧାନ ନଥିଲା । ମୋଟାମୋଟି ଭାବରେ ବ୍ୟକ୍ତିର ଜୀବନରକ୍ଷା କରିବା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ତା' ନିଜ ଉପରେ ନିର୍ଭର କରୁଥିଲା ।

ମାତ୍ର, ବର୍ତ୍ତମାନର ସମୟ ସମ୍ପୂର୍ଣ୍ଣ ଅଲଗା । ବିଜ୍ଞାନର ଅଗ୍ରଗତି ସହିତ ଆମେ ବହୁଭାବରେ ସୁରକ୍ଷିତ ଓ ଆମ ସୁରକ୍ଷା ପାଇଁ ସରକାର ମଧ୍ୟ ଯତ୍ନଶୀଳ । ସେହିଦୃଷ୍ଟିରୁ ସେତେବେଳର ମହାମାରୀ ଓ ବର୍ତ୍ତମାନର ମହାମାରୀକୁ ଏକାଭଳି ବିଚାର କରିବା ଉଚିତ ନୁହେଁ । ସେତେବେଳେ ଦ୍ୱିତୀୟ ଲହର ଭୟଙ୍କରଭାବେ ଆସିବ ଓ ଅନେକ ଲୋକ ମୃତ୍ୟୁବରଣ କରିବେ, ତାହା ଲୋକେ କାହିଁକି ତତ୍କାଳୀନ ବିଜ୍ଞାନ ବୋଧେ ସଚେତନ ନଥିବ । ତେଣୁ ଅନେକ ଲୋକ ମରିବା ସ୍ୱାଭାବିକ । ତାହାକୁ ଦ୍ୱାହିଦେଇ ବର୍ତ୍ତମାନର ମହାମାରୀ କରୋନାର ଦ୍ୱିତୀୟ ଲହରକୁ ମାପିବା ମୋଟେ ସମୀଚୀନ ନୁହେଁ । କାରଣ, ଦ୍ୱିତୀୟ ଲହର ପାଇଁ ବିଜ୍ଞାନ ସଚେତନ ଥିଲା, ସରକାର ସଚେତନ ଥିଲେ ଓ ଲୋକେ ମଧ୍ୟ ଏ ବିଷୟରେ ସଚେତନ ଥିଲେ । ତେବେ, ଏହା ଅଧିକ ବ୍ୟାପିବା ଓ ଅଧିକ ମୃତ୍ୟୁବରଣ କରିବା ପାଇଁ କିଏ ଦାୟୀ, ତାହା ଚିନ୍ତା କରିବାକୁ ଏ ହେଉଛି ପ୍ରକୃଷ୍ଟ ସମୟ ।

ଆମେ ଅନେକ କ୍ଷେତ୍ରରେ ଇତିହାସକୁ ଉଦାହରଣ ଭାବେ ଗ୍ରହଣକରି ନିଜ ଦାୟିତ୍ୱରୁ ମୁକୁଳିଯିବାକୁ ଶ୍ରେୟ ଭାବିଥାଉ । ମାତ୍ର, ତାକୁ ଉଦାହରଣ ଭାବେ ଗ୍ରହଣ କରିବାକୁ ଇତିହାସ ଏ କଥା କେବେ ବି କହିନାହିଁ, ବରଂ ତା'ଠାରୁ ଶିକ୍ଷାଗ୍ରହଣ କରିବାକୁ କହିଛି । ଆମର ଅନୁଭୂତି ଆମକୁ କହେ, ଇତିହାସର ପୁନରାବୃତ୍ତି ଯଦି ସତ୍ୟ ହୋଇଥାଏ ତେବେ ତାହା ଚକ୍ରାକାର (cyclic) ରେ ନହୋଇ କୁଣ୍ଡଳାକାର (spiral) ରେ ହୋଇଥାଏ । ଏକଥାକୁ ଖୁବ୍ ସୁନ୍ଦର ଭାବରେ ଜର୍ଜ ବର୍ଣ୍ଣାଡ଼ ଶ କହିଥିଲେ, If history repeats itself, and the unexpected always happens, how incapable must man be of learning from experience. ଏହା ତ ମଣିଷ ପକ୍ଷେ, ମଣିଷ ପାଇଁ, ମଣିଷର ଏକ ଅପରିହାର୍ଯ୍ୟ ବିଡ଼ମ୍ବନା !

ତେବେ, ବର୍ତ୍ତମାନ କାହାର ଭୁଲ୍, କାହାର ଠିକ୍, ଆଉ କଣ କରିଥିଲେ କଣ ଭଲ ହୋଇଥା'ନ୍ତା, କଣ ନକରିବାରୁ ଏଭଳି ବିପର୍ଯ୍ୟୟ ଘଟିଲା, ତାହା ବିଚାରିବାର ସମୟ ନୁହେଁ । ବର୍ତ୍ତମାନର ସମୟ ହେଉଛି, ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚେଇବାର । ସରକାରଙ୍କୁ ସହଯୋଗ କରିବା, କୋଭିଡ଼ ନିୟମ ମାନିଚଳିବା ଓ ଅନ୍ୟମାନଙ୍କୁ ଏଥିରେ ପ୍ରବୃତ୍ତ କରିବା ହେଉଛି ବର୍ତ୍ତମାନ ପାଇଁ ସର୍ବଶ୍ରେଷ୍ଠ ମହୌଷଧି ଏକଥା ମନେରଖିବାକୁ ପଡ଼ିବ । ପରିଶେଷରେ ଜଗତକର୍ତ୍ତା ପରମକାରୁଣିକ ଶ୍ରୀ ଜଗନ୍ନାଥଙ୍କ ପାଦପଙ୍କଜରେ ଏତିକି ପ୍ରାର୍ଥନା କରିବା, ଆମକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ବିଶ୍ୱକୁ କରୋନା ଭୁତାଣୁଠାରୁ ମୁକ୍ତ କରି ଅନ୍ୟ ଏକ ଶାନ୍ତ ସକାଳକୁ ଆମ ପାଇଁ ଉନ୍ମୁକ୍ତ କରନ୍ତୁ ।

॥ ଜୟ ଜଗନ୍ନାଥ ॥

**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ



## ଗୀତା

ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।
ଶୀତୋଷ୍ଣ ସୁଖ ଦୁଃଖେଷୁ ତଥା ମାନାପମାନୟୋଃ ।

ଶୀତ - ଉଷ୍ଣ ଓ ସୁଖ - ଦୁଃଖରେ ତଥା ମାନ - ଅପମାନରେ ଯାହାଙ୍କ ଅନ୍ତଃକରଣର ବୃତ୍ତିଗୁଡ଼ିକ ଭଲ ରୂପେ ଶାନ୍ତ ରହନ୍ତି. ସେପରି ସ୍ୱାଧୀନ ଆତ୍ମାବିଶିଷ୍ଟ ପୁରୁଷଙ୍କ ଜ୍ଞାନରେ ସଚ୍ଚିଦାନନ୍ଦଘନ ପରମାତ୍ମା ସମ୍ୟକ୍ ପ୍ରକାରେ ସ୍ଥିତ ଅଟନ୍ତି ଅର୍ଥାତ୍ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ ।

## ମହତ ବାଣୀ


ମନରେ ସୃଷ୍ଟି ହେଉଥିବା ମନ୍ଦ ପ୍ରବୃତ୍ତି ରୂପକ ଜୀବାଣୁର ବିନାଶ କରିବାପାଇଁ ପ୍ରାର୍ଥନା ଏକ ଉପଯୁକ୍ତ ଜୀବାଣୁ ନାଶକ ଅଟେ। ଏଣୁ ନିୟମିତ ପ୍ରାର୍ଥନା କର।

## ଋଢ଼ି ପ୍ରୟୋଗ

- ଅଠା ବୋଳିଦେବା-
  (ଦୋଷ ଲଦିଦେବା)।
- ଅଧିଆ ପଡ଼ିବା-
  (ଆଶ୍ରିତ ହୋଇ ପଡ଼ିରହିବା)

## କୁହତ ଦେଖି

ଗାତରେ ମୁଁ କରଇ ଘର,
ମୁହଁରେ ଥାଏ ନିଶ,
ଯାହା ଘରେ ପଶେ,
ସବୁ ଜିନିଷ କରଇ ନାଶ । (ମୂଷା)



## ଚାଣକ୍ୟ ଶ୍ଳୋକ

**ମନୁଷ୍ୟ କାହାଠାରୁ କ'ଣ ଗ୍ରହଣ କରିବା ଉଚିତ୍ -**

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍ ।**
**ନୀଚାଦପ୍ୟୁତ୍ତମା ବିଦ୍ୟା ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ॥**

ମନୁଷ୍ୟ ଭିତରୁ ଅମୃତ, ଅପବିତ୍ର ସ୍ଥାନରୁ ସୁବର୍ଣ୍ଣ, ନୀଚଠାରୁ ଉତ୍ତମବିଦ୍ୟା ଓ ନୀଚକୁଳରୁ ଉତ୍ତମ ସ୍ତ୍ରୀକୁ ଗ୍ରହଣ କରିବା ଉଚିତ୍ ॥

## ଢଗଢମାଳି

ତୁଚ୍ଛାକୁ ଏତେ, ମୁଦି ନାହିଁ
ଗୋଡ଼ କଚାଡୁ କେତେ।
ପିତଳ ଗୁଣାକୁ ନାକ ଟାଉଁ ଟାଉଁ
ସୁନାଗୁଣା ଥିଲେ ହୁଅନ୍ତା କେତେ।

ଗୋଡ଼ରେ ମୁଦି ନଥାଇ ଗୋଡ଼ କଚାଡ଼ିବା ଏବଂ ସୁନା ବଦଳରେ ପିତଳ ଗୁଣା ପିନ୍ଧି ଦେଖେଇ ହେବାର ମାନେ କିଛି ନଥାଏ।

## ଭାଗବତ ବାଣୀ

ସ୍ୱଧର୍ମେ ଯାର ନିଷ୍ଠାଥିବ । ସେ ପର ନିନ୍ଦା ନ କରିବ।
ଯାହାକୁ ଦେଖି ପ୍ରାଣୀ ଡରେ। ସେ ପ୍ରାଣୀ ଜୀବ ଥାଉ ମରେ।

ଦୁଃଶ୍ଚରିତ୍ରା ମାତା, ନଈ କୂଳର ବୃକ୍ଷ, ଋଣୀ ପିତାଙ୍କ ଉପରେ ବିଶ୍ୱାସ କରିବା ଅନୁଚିତ। ଏମାନେ ଯେ କୌଣସି ମୁହୂର୍ତ୍ତରେ ପତିତ ହୋଇପାରନ୍ତି।(ଚାଣକ୍ୟ)

# ଟୋକିଓ ଅଲିମ୍ପିକ୍‌ରେ ଭାରତ

ଆଶିଷ କୁମାର ରାୟ



କରୋନା ମହାମାରୀ ଯୋଗୁଁ ଏକ ବର୍ଷ ବିଳମ୍ବରେ ଆୟୋଜିତ ଟୋକିଓ ଅଲିମ୍ପିକ୍ ସଫଳତାର ସହିତ ସମ୍ପନ୍ନ ହୋଇଛି । ଗତ ଜୁଲାଇ ୨୩ରୁ ଅଗଷ୍ଟ ୮ ତାରିଖ ମଧ୍ୟରେ ଖେଳାଯାଇଥିବା ଏହି ଦର୍ଶକବିହୀନ ଅଲିମ୍ପିକ୍‌ରେ ଭାରତକୁ ମିଳିଛି ଏହାର ସର୍ବଶ୍ରେଷ୍ଠ ସଫଳତା । ଟୋକିଓର ଅଲିମ୍ପିକ୍ କ୍ରୀଡ଼ାଙ୍ଗନରେ ଭାରତର କ୍ରୀଡ଼ାବିତମାନେ ଜିଣିଛନ୍ତି ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରିଟି ବ୍ରୋଞ୍ଜ ପଦକ । ଏହି ସଫଳତା କ୍ରୀଡ଼ାକ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ରମାନଙ୍କୁ ମିଳୁଥିବା ସଫଳତା ତୁଳନାରେ ନ୍ୟୁନ ହୋଇଥିଲେ ହେଁ ଆମ ଦେଶ ପାଇଁ ଏହାର ମହତ୍ତ୍ୱ କିଛି କମ ନୁହେଁ । ଅନ୍ୟ କୌଣସି ଅଲିମ୍ପିକ୍‌ରେ କେବେବି ଆମ ଦେଶର ଖେଳାଳିମାନେ ଏତେ ସଂଖ୍ୟକ ପଦକ ଜିତିନଥିବା ଦୃଷ୍ଟିରୁ ଏହା ହିଁ ଭାରତର ଶ୍ରେଷ୍ଠ ସଫଳତା ।

ଟୋକିଓ ଅଲିମ୍ପିକ୍‌ରେ ଭାରତ ପାଇଁ ପ୍ରଥମ ପଦକ ଜିତିଥିଲେ ମଣିପୁରର ସାଇଖୋମ୍ ମୀରାବାଈ ଚାନୁ । ଉଦ୍‌ଘାଟନୀ ଦିବସର ପର ଦିନ ମହିଳା ଭାରୋତ୍ତୋଳନର ୪୯ କି.ଗ୍ରା. ବିଭାଗରେ ତାଙ୍କୁ ମିଳିଥିଲା ରୌପ୍ୟ ପଦକ । ପ୍ରତିଯୋଗିତାରେ ଚୀନର ହାଓ ଝାଏହୁଇଙ୍କ ପଛକୁ ରହି ମୀରାବାଈ ଏହି ପଦକଟି ହାସଲ କରିଥିଲେ । ୨୦୧୬ର ରିଓ ଅଲିମ୍ପିକ୍‌ରେ ମୀରାବାଈ ସଂପୂର୍ଣ୍ଣ ବିଫଳ ହୋଇଥିଲେ । ତେବେ ସେଥିରେ ଭାଙ୍ଗି ନ ଯାଇ ନିଜର କଠୋର ସାଧନା ଜାରି ରଖିବା ସହିତ ୨୦୧୭ର ବିଶ୍ୱ ଚାମ୍ପିଆନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନେଇଥିଲେ । ଏଥିରୁ ତାଙ୍କର ଦୃଢ଼ ମନୋବଳର ପରିଚୟ ମିଳେ । ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଶରୀରରେ ଲୁକ୍କାୟିତ ଥିବା ଶାରୀରିକ ଶକ୍ତି ଓ ମାନସିକ ଦୃଢ଼ତା ହିଁ ମୀରାବାଈଙ୍କୁ ବିଫଳତାରୁ ସଫଳତା ଆଡ଼କୁ ଆଗେଇନେଲା । ବିଶ୍ୱ ଚାମ୍ପିଆନ ହେବା ପରେ ସେ ଆହୁରି କେତୋଟି ବଡ଼ ପ୍ରତିଯୋଗିତାରେ ବିଜୟୀ ହୋଇ ଏବେ ସେ ଅଲିମ୍ପିକ୍‌ରେ ମଧ୍ୟ ସଫଳତା ହାସଲ କରିଛନ୍ତି । ଭାରୋତ୍ତୋଳନରେ ବିଶ୍ୱ ଚାମ୍ପିଆନ ହେବା ସହିତ ଅଲିମ୍ପିକ୍‌ରେ ପଦକ ହାସଲ କରିବା ଦିଗରେ ମୀରାବାଈ ଏବେ ଦେଶର ଦ୍ୱିତୀୟ ଖେଳାଳିରେ ପରିଣତ ହୋଇଛନ୍ତି । ତାଙ୍କ ପୂର୍ବରୁ କର୍ଣ୍ଣମ୍ ମାଲେଶ୍ୱରୀ ୧୯୯୪ ଓ ୧୯୯୫ରେ ଏହି ଖେଳର ବିଶ୍ୱ ଚାମ୍ପିଆନ୍ ହେବା ପରେ ୨୦୦୦ ମସିହାର ସିଡନୀ ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ ।

ଟୋକିଓ ଅଲିମ୍ପିକ୍‌ରେ ଭାରତ ପାଇଁ ଦ୍ୱିତୀୟ ପଦକଟି ଜିତିଥିଲେ ବ୍ୟାଡମିଣ୍ଟନ ତାରକା ପୁସାର୍ଲା ଭେଙ୍କଟା ସିନ୍ଧୁ । ଅଲିମ୍ପିକ୍ କ୍ରୀଡ଼ାରେ ଏହା ମଧ୍ୟ ଥିଲା ସିନ୍ଧୁଙ୍କର ଦ୍ୱିତୀୟ ପଦକ । ହାଇଦ୍ରାବାଦର ଏହି ପ୍ରସିଦ୍ଧ ତାରକା ଜଣକ ୨୦୧୬ର ରିଓ ଅଲିମ୍ପିକ୍‌ର ମହିଳା ସିଂଗଲ୍ସ ଫାଇନାଲରେ ସ୍ପେନ୍‌ର କାରୋଲିନା ମାରିନ୍‌ଙ୍କ ନିକଟରୁ ପରାଜିତ ହୋଇ ହାସଲ କରିଥିଲେ ରୌପ୍ୟ ପଦକ । ଏଥର ମାରିନ୍‌ଙ୍କ ଅନୁପସ୍ଥିତିରେ ପି.ଭି. ସିନ୍ଧୁ ଥିଲେ ସ୍ୱର୍ଣ୍ଣ ପଦକର ଦାବିଦାର । ତେବେ ସେମି ଫାଇନାଲରେ ତାଇୱାନ୍‌ର ତାଏ ସୁ ୟିଙ୍ଗ୍‌ଙ୍କ ଠାରୁ ହାରିଯିବା ଫଳରେ ତାଙ୍କର ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟ ଆଶା ଧୂଳିସାତ ହୋଇଗଲା । ପରିଶେଷରେ ପ୍ଲେ- ଅଫ୍ ମୁକାବିଲାରେ ଚୀନ୍‌ର ହେ ବିଙ୍ଗଜିଆଓଙ୍କୁ ସହଜରେ ପରାସ୍ତ କରି ସେ ବ୍ରୋଞ୍ଜ ପଦକ ହାସଲ କରିବା ଦିଗରେ ସମର୍ଥ ହେଲେ । ଫଳ ସ୍ୱରୂପ ଦୁଇଟି ଅଲିମ୍ପିକ୍‌ରେ ପଦକ ଜିଣିବା ଦିଗରେ କୁସ୍ତିବୀର ସୁଶିଲ କୁମାରଙ୍କ ପଛକୁ ପି.ଭି. ସିନ୍ଧୁ ଭାରତର ଦ୍ୱିତୀୟ କ୍ରୀଡ଼ାବିତ ହେବାର ଗୌରବ ହାସଲ କରିନେଲେ । ଏହା ପୂର୍ବରୁ ସେ ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନ୍‌ଶିପ୍‌ରେ ଥରେ ଚାମ୍ପିଆନ୍ ହେବା ସହିତ ଦୁଇଥର ରନର୍ସ ଅପ୍ ହୋଇ ଦେଶକୁ ଗୌରବାନ୍ୱିତ କରିଛନ୍ତି ।






ଟୋକିଓଠାରେ ଭାରତ ପାଇଁ ତୃତୀୟ ପଦକ ଲାଭ କରିଥିବା ତାରକା ହେଲେ ଆସାମର ଲଭଲୀନା ବୋରଗୋହାଇଁ। ବକ୍ସିଂ ବା ମୁଷ୍ଟିଯୁଦ୍ଧର ମହିଳା ୬୯ କି.ଗ୍ରା. ୱେଲ୍‌ଟରୱେଟ୍ ବିଭାଗରେ ସେ ହାସଲ କରିଛନ୍ତି ବ୍ରୋଞ୍ଜ ପଦକ। ପୂର୍ବରୁ କିକ୍ ବକ୍ସିଂ ଖେଳୁଥିବା ଲଭଲିନା ବକ୍ସିଂ କ୍ରୀଡ଼ାକୁ ଆସିବା ପରଠାରୁ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି। ଏହି କିଛି ବର୍ଷ ମଧ୍ୟରେ ଏସୀୟ ଚାମ୍ପିଆନ୍‌ଶିପ୍, ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ ପରେ ଏବେ ଜିଣିଛନ୍ତି ଅଲିମ୍ପିକ୍ ପଦକ। ଅଲିମ୍ପିକ୍‌ର କ୍ୱାର୍ଟର ଫାଇନାଲରେ ତାଇୱାନ୍‌ର ଚେନ୍ ନିଏନ୍ ଚିନ୍‌ଙ୍କୁ ପରାସ୍ତ କରି ଲଭଲୀନା ବ୍ରୋଞ୍ଜ ପଦକ ନିଶ୍ଚିତ କରିଥିଲେ, କିନ୍ତୁ ଏହାପରେ ତୁର୍କୀର ବୁସେନାଜ୍ ସୁର୍ମେନେଲିଙ୍କ ହାତରୁ ପରାଜିତ ହେବା ଫଳରେ ସେ ଫାଇନାଲରେ ପ୍ରବେଶ କରିପାରିଲେ ନାହିଁ। ତେବେ ସେ ଯାହା ହେଉନା କାହିଁକି ଅଲିମ୍ପିକ୍ ବକ୍ସିଂରେ ପଦକ ହାସଲ କରିବା ଦିଗରେ ଲଭଲୀନା ଭାରତର ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିନେଲେ। ତାଙ୍କ ପୂର୍ବରୁ ୨୦୦୮ରେ ବିଜେନ୍ଦର ସିଂହ ଏବଂ ୨୦୧୨ରେ ଏମ.ସି. ମେରୀକମ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ଲାଭ କରିଥିଲେ।

ଲଭଲୀନାଙ୍କ ପରେ ଟୋକିଓ ଅଲିମ୍ପିକ୍‌ରେ ଭାରତର ଚତୁର୍ଥ ପଦକଟି ଆସିଥିଲା ଭାରତୀୟ ପୁରୁଷ ହକି ଦଳର ସୌଜନ୍ୟରୁ। ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଖେଳୁଥିବା ହକି ଦଳ ଟୋକିଓଠାରେ ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିବା ପରେ କ୍ୱାର୍ଟର ଫାଇନାଲରେ ଗ୍ରେଟ୍ ବ୍ରିଟେନ୍‌କୁ ୩-୧ ଗୋଲରେ ହରାଇଦେଲା। ତେବେ ସେମି ଫାଇନାଲରେ ବିଶ୍ୱ ଚାମ୍ପିଆନ୍ ବେଲଜିୟମ ଠାରୁ ପରାଜିତ ହେବା ପରେ ବ୍ରୋଞ୍ଜ ପଦକ ନିମନ୍ତେ ହୋଇଥିବା ମୁକାବିଲାରେ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ଜର୍ମାନୀକୁ ୫-୪ ଗୋଲରେ ପରାସ୍ତ କରିଦେଲା। ପ୍ରକୃତରେ ଦେଖିବାକୁ ଗଲେ ଭାରତୀୟ ଦଳ ଥିଲା ପଦକର ପ୍ରମୁଖ ଦାବିଦାର। ଚମତ୍କାର ପ୍ରଦର୍ଶନ ବଳରେ ସେମାନେ ନ୍ୟୁଜିଲାଣ୍ଡ, ସ୍ପେନ୍, ଗତ ଅଲିମ୍ପିକ୍‌ର ଚାମ୍ପିଆନ୍ ଆର୍ଜେଣ୍ଟିନା ଓ ଆୟୋଜକ ଦେଶ ଜାପାନକୁ ପରାସ୍ତ କରିବା ପରେ ଗ୍ରେଟ୍ ବ୍ରିଟେନ ଓ ଜର୍ମାନୀ ବିରୁଦ୍ଧରେ ବିଜୟ ସହିତ ବ୍ରୋଞ୍ଜ ପଦକ ହାସଲ କଲେ। ଏହି ସଫଳତାକୁ ଭାରତୀୟ ଦଳର ସାମୂହିକ ପ୍ରୟାସ ଆଖ୍ୟା ଦିଆଯାଇପାରେ। ହରମନ୍‌ପ୍ରୀତ ସିଂହ, ରୂପିନ୍ଦରପାଲ ସିଂହ, ଗୁରଜନ୍ତ ସିଂହ, ସିମରନ୍‌ଜିତ ସିଂହ, ଦିଲପ୍ରୀତ ସିଂହ, ହାର୍ଦ୍ଦିକ ସିଂହ, ନୀଲକାନ୍ତ ଶର୍ମା ଆଦିଙ୍କ ଗୋଲସ୍କୋରିଂ ଦକ୍ଷତା ସହିତ ବରୁଣ କୁମାର, ସୁରିନ୍ଦର କୁମାର ତଥା ଓଡ଼ିଶାର ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରାଙ୍କ ରକ୍ଷଣାତ୍ମକ ଶୈଳୀ, ବିଶେଷ କରି ଅଧିକାଂଶ ମ୍ୟାଚରେ ପି. ଆର. ଶ୍ରୀଜେଶଙ୍କ ଚମତ୍କାର ଗୋଲରକ୍ଷଣ ଏବଂ ଅଧିନାୟକ ମନପ୍ରୀତଙ୍କ ତାଳମେଳ ଭାରତୀୟ ଦଳ ପାଇଁ ଆଣିଦେଲା ବହୁ ପ୍ରତୀକ୍ଷୀତ ସଫଳତା। ୧୯୮୦ର ମସ୍କୋ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକିକୁ ମିଳିଥିବା ଏହି ପଦକଟି ସାରା ଦେଶରେ ସୃଷ୍ଟି କରିଥିଲା ଆନନ୍ଦ ଉତ୍ସବର ବାତାବରଣ। ପୁରୁଷ ହକି ଦଳ ଭଳି ଯଦି ଆମ ମହିଳା ହକି ଦଳ ମଧ୍ୟ ପଦକ ହାସଲ କରିଥାନ୍ତା ତେବେ ଦେଶର ହକିପ୍ରେମୀଙ୍କ ଖୁସି ନିଶ୍ଚିତ ଭାବେ ଦ୍ୱିଗୁଣିତ ହୋଇଯାଇଥାନ୍ତା। ତେବେ ଉନ୍ନତ ପ୍ରଦର୍ଶନ ସତ୍ତ୍ୱେ ରାନୀ ରାମପାଲଙ୍କ ନେତୃତ୍ୱାଧୀନ ଦଳ ସେମି ଫାଇନାଲରେ ଆର୍ଜେଣ୍ଟିନାଠାରୁ ୧-୨ଗୋଲରେ ଏବଂ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ୍‌ଠାରୁ ୩-୪ଗୋଲରେ ପରାଜିତ ହୋଇଯିବା







ଯୋଗୁଁ ଅଳ୍ପେକେ ପଦକ ହାତଛଡ଼ା ହୋଇଗଲା।

ପୁରୁଷ ହକି ଦଳର ସଫଳତା ପରେ ସେହିଦିନ ଅର୍ଥାତ୍ ଅଗଷ୍ଟ ୫ ତାରିଖରେ ହରିୟାଣାର ରବି କୁମାର ଦହିୟା ଭାରତ ପାଇଁ ହାସଲ କଲେ ୫ମ ପଦକ। ନିଜର ଚମତ୍କାର ପ୍ରଦର୍ଶନର ପୁରସ୍କାର ସ୍ୱରୂପ ତାଙ୍କୁ ମିଳିଲା ଅଲିମ୍ପିକ୍ ରୌପ୍ୟ ପଦକ। ଫ୍ରି-ଷ୍ଟାଇଲ୍ କୁସ୍ତିର ୫୭ କି.ଗ୍ରା. ବିଭାଗର ଏକ ସେମି ଫାଇନାଲରେ ରବି କୁମାର ଦହିୟା କାଜାଖ୍ସ୍ତାନର ନୁର୍ ଇସଲାମ ସାନାୟେଭଙ୍କୁ ପରାସ୍ତ କରିବା ମାତ୍ରେ ସାରା ଦେଶର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଥିଲା। ତେବେ ଫାଇନାଲରେ ରୁଷିଆର ଜାଉର୍ ୟୁଗୁଏଭ୍‌ଙ୍କ ସହିତ ଏକ କଠିନ ମୁକାବିଲାରେ ପରାଜିତ ହେବା ଫଳରେ ତାଙ୍କୁ ରୌପ୍ୟ ପଦକରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିଲା। ପୂର୍ବରୁ ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିବା ରବିଙ୍କର ଏହି ଅଲିମ୍ପିକ୍ ରୌପ୍ୟ ପଦକ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ସଫଳତା ନିଶ୍ଚୟ।

ରବିଙ୍କ ଭଳି ହରିୟାଣାର ଅନ୍ୟ ଜଣେ ପହିଲମାନ ବଜରଙ୍ଗ ପୁନିଆ ଏହି ଅଲିମ୍ପିକ୍‌ରେ ଦେଶ ପାଇଁ ଷଷ୍ଠ ପଦକ ଜିତିଲେ। ଫ୍ରି-ଷ୍ଟାଇଲ୍ କୁସ୍ତିର ୬୫ କି.ଗ୍ରା. ବିଭାଗରେ ତାଙ୍କୁ ମିଳିଲା ବ୍ରୋଞ୍ଜ ପଦକ। ପୂର୍ବରୁ ବିଶ୍ୱ କୁସ୍ତି ପ୍ରତିଯୋଗିତାରେ ତିନିଟି ପଦକ ଜିତିଥିବା ବଜରଙ୍ଗଙ୍କ ଠାରୁ ଅଲିମ୍ପିକ୍‌ର ସ୍ୱର୍ଣ୍ଣ ବା ରୌପ୍ୟ ପଦକ ଆଶା କରାଯାଉଥିଲା, କିନ୍ତୁ ଆଣ୍ଠୁରେ ଆଘାତଜନିତ ସମସ୍ୟା ଯୋଗୁଁ ସେମି ଫାଇନାଲରେ ଆଜରବାଇଜାନ୍‌ର ହାଜି ଆଲିୟେଭଙ୍କ ନିକଟରୁ ପରାଜିତ ହେବା ଫଳରେ ତାହା ସମ୍ଭବ ହୋଇପାରିଲା ନାହିଁ। ତେବେ ସେ ବ୍ରୋଞ୍ଜ ପଦକ ମ୍ୟାଚରେ କାଜାଖ୍ସ୍ତାନର ଦୌଲତ ନିୟାଜବେକୋଭଙ୍କ ବିରୁଦ୍ଧରେ ଏକ ସହଜ ବିଜୟ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଲେ।

ଏହାପରେ ଅଗଷ୍ଟ ୭ ତାରିଖ ସନ୍ଧ୍ୟାରେ ଯାହା ଘଟିଲା ତାହା ଥିଲା କଳ୍ପନାତୀତ। ହରିୟାଣାର ପାନିପତ୍‌ରେ ଜନ୍ମିତ ୨୩ ବର୍ଷ ବୟସ୍କ ନୀରଜ ଚୋପ୍ରା ହାସଲ କଲେ ଐତିହାସିକ ସଫଳତା। ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ସେ ବନିଗଲେ ଭାରତର ଗୋଲ୍‌ଡେନ୍ ବୟ। ଏଥି ସହିତ ଟୋକିଓ ଅଲିମ୍ପିକ୍‌ରେ ଦେଶକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ ସହିତ ସପ୍ତମ ପଦକ। ଅଲିମ୍ପିକ୍‌ର ଆଥ୍‌ଲେଟିକ୍ସ ପ୍ରତିଯୋଗିତାର ଯେଉଁ ସ୍ୱର୍ଣ୍ଣ ପଦକ ଭାରତବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ହୋଇ ରହିଥିଲା, ତାହା ବାସ୍ତବରେ ପରିଣତ ହେଲା। ଚୂଡ଼ାନ୍ତ ମୁକାବିଲାରେ ୮୭.୫୮ମିଟର ଦୂରକୁ ଜାଭଲିନ୍ ଥ୍ରୋ କରି ନୀରଜ ଦେଶର ଅଗଣିତ କ୍ରୀଡ଼ାନୁରାଗୀଙ୍କୁ ଏକ ଦୁର୍ଲଭ ସ୍ୱର୍ଣ୍ଣ ପଦକ ଉପହାର ସ୍ୱରୂପ ପ୍ରଦାନ କଲେ। ଏହି ଦୂରତ୍ୱକୁ ଆଉ କେହି ଅତିକ୍ରମ କରିପାରିଲେ ନାହିଁ ସେଦିନ।



ଟୋକିଓ ଅଲିମ୍ପିକ୍‌ର ଜାଭଲିନ୍ ଥ୍ରୋରେ ନୀରଜଙ୍କଠାରୁ ପଦକ ଆଶା ତ ରହିଥିଲା, କିନ୍ତୁ ଏହା ଯେ ସ୍ୱର୍ଣ୍ଣ ପଦକ ରୂପେ ମିଳିବ, ସେ ଆଶା ହୁଏତ କେହି କରିନଥିବେ। ଦେଖିବାକୁ ଗଲେ ପ୍ରାୟତଃ ଅଧିକାଂଶ ପ୍ରତିଯୋଗିତାରେ ୯୦ମିଟରରୁ ଅଧିକ ଦୂରକୁ ଜାଭଲିନ୍ ଫୋପାଡୁ ଥିବା ଜର୍ମାନୀର ଯୋହାନସ୍ ଭେଟରଙ୍କ ସ୍ୱର୍ଣ୍ଣ ଜିଣିବାର ସର୍ବାଧିକ ସମ୍ଭାବନା ଥିଲା। ସେହି ଘଟଣାପୂର୍ଣ୍ଣ ସନ୍ଧ୍ୟାରେ କିନ୍ତୁ ଭେଟର୍ ସଂପୂର୍ଣ୍ଣ ଭାବେ ବିଫଳ ହୋଇ ନବମ ସ୍ଥାନରେ ରହିଗଲେ। ସୁତରାଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଅକ୍ଳେଶରେ ପଛରେ ପକାଇ ନୀରଜ ହାସଲ କରିନେଲେ ସ୍ୱର୍ଣ୍ଣ ପଦକ। ଏଥି ସହିତ ୧୯୦୦ମସିହାରେ ପ୍ୟାରିସରେ ଅନୁଷ୍ଠିତ ଅଲିମ୍ପିକ୍‌ରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ନର୍ମାନ୍ ପିଟ୍‌ଚାର୍ଡ ଦୁଇଟି ରୌପ୍ୟ ପଦକ ଜିତିବାର ୧୨୧ ବର୍ଷ ପରେ ଯାଇ ଭାରତକୁ ଅଲିମ୍ପିକ୍‌ର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ପଦକ ମିଳିଲା। ଯାହା ମିଲଖା ସିଂହ ଓ ପି.ଟି. ଉଷାଙ୍କ ଭଳି ପ୍ରସିଦ୍ଧ ଆଥ୍‌ଲେଟ୍‌ଙ୍କ ଦ୍ୱାରା ସମ୍ଭବ ହୋଇପାରିନଥିଲା ତାହା ନୀରଜ ଚୋପ୍ରା କରି ଦେଖାଇଦେଲେ।


ଏହି ସ୍ୱର୍ଣ୍ଣ ସହିତ ଟୋକିଓ ଅଲିମ୍ପିକ୍‌ରେ ସାତଟି ପଦକ ଜିତିଥିବା ଭାରତ ଆହୁରି ଅଧିକ ପଦକ ମଧ୍ୟ ଜିତି ପାରିଥାନ୍ତା, କିନ୍ତୁ ମହିଳା ହକି ଦଳ ସହିତ ମହିଳା ଗଲଫ୍ ଖେଳାଳି ଅଦିତି ଅଶୋକ ଚତୁର୍ଥ ସ୍ଥାନରେ ରହିଗଲେ। ଏମାନଙ୍କ ବ୍ୟତୀତ କୁସ୍ତିରେ ଦୀପକ ପୁନିଆ ନିଜ ବିଭାଗରେ ୫ମ ସ୍ଥାନ, ମହିଳା ଡିସ୍‌କସ୍ ଥ୍ରୋରେ କମଲପ୍ରୀତ କୌର୍ ୬ଷ୍ଠ ସ୍ଥାନ ତଥା ପୁରୁଷ ୧୦ମି. ପିସ୍ତଲ ଶୁଟିଂରେ ସୌରଭ ଚୌଧୁରୀ ୭ମ ସ୍ଥାନରେ ରହି ପଦକ ହାତଛଡ଼ା କଲେ। ସେହିଭଳି ତୀରଚାଳନା ଓ ଶୁଟିଂ ଭଳି ଖେଳରେ ଆଦୌ ପଦକ ନମିଳିବା ଥିଲା ଅତ୍ୟନ୍ତ ଦୁଃଖଦାୟକ। ତେବେ ଯାହା ହେଉ ନା କାହିଁକି ନୀରଜଙ୍କ ସ୍ୱର୍ଣ୍ଣ ପଦକ ଏବଂ ଅନେକ ଦିନ ପରେ ହକି ଖେଳରେ ମିଳିଥିବା ବ୍ରୋଞ୍ଜ ପଦକ ଦେଶର ଅଗଣିତ କ୍ରୀଡ଼ାନୁରାଗୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ଥିଲା ଯଥେଷ୍ଟ।

ମୋ: ୯୪୩୭୬୨୭୫୧୪

# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଡାଇନୋସରମାନେ ବି କର୍କଟ ରୋଗରେ ଆକ୍ରାନ୍ତ ହେଉଥିଲେ** ;- କାନାଡାର ଆଲବର୍ଟୋ ଡାଇନୋସର ପାର୍କରେ



୧୯୮୯ ମସିହାରେ ୭୭ ମିଲିଅନ୍ ବର୍ଷ ତଳର ଏକ ଡାଇନୋସର 'ସିଲ ଆବିଷ୍କୃତ ହୋଇଥିଲା ଯାହାର ଗୋଟିଏ ଗୋଡ ବିକଳାଙ୍ଗ ହୋଇ ବଙ୍କା ହୋଇ ଯାଇଥିଲା ପ୍ରଥମେ ସମସ୍ତେ ଭାବୁଥିଲେ ଯେ ଗୋଡର ହାଡ ଭାଙ୍ଗି ଯାଇଥିବା ଯୋଗୁଁ ହୁଏତ ଏହି ବିକଳାଙ୍ଗ ଅବସ୍ଥା ଦେଖାଦେଇଛି କିନ୍ତୁ ୨୦୧୭ ମସିହାରେ ଏହାର ପୂନଃ ବିଶ୍ଳେଷଣ କରି ପ୍ରତ୍ନତତ୍ତ୍ୱବିଦ୍ ଡେଭିଡ୍ ଇଭାନ୍ସ କହିଛନ୍ତି ଯେ ଏହି ବିକଳାଙ୍ଗତା କୌଣସି ହାଡ ଭାଙ୍ଗିଯିବା ଦ୍ୱାରା ନୁହେଁ ବରଂ ଓଷ୍ଟିଓସାର୍କୋମା ନାମକ କର୍କଟ ରୋଗ ଦ୍ୱାରା ହୋଇଛି ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି। କାନାଡାର ଡ୍ରମହେଲରଠାରେ ଥିବା ରୟାଲ ଟାଇରେଲ ନାମକ ମ୍ୟୁଜିଅମରେ କ୍ରେଟାସିଅସ୍ ପିରିୟଡର ସେନଟୋସୌରସ୍ର ଆପେରଟସ ନାମକ ପ୍ରଜାତିର ଏକ ଡାଇନୋସରର 'ସିଲର ପରୀକ୍ଷଣ ପରେ ସୋମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏହି ରୋଗଟି ଜୀବନର ଦୁଇ ବା ତିନି ଦଶନ୍ଧି ମଧ୍ୟରେ ଦେଖା ଦେଇଥାଏ। ଏହା ଏକ ଅସ୍ଥି କର୍କଟ ରୋଗ ଯାହା କୌଣସି ଏକ ଅସ୍ଥିର ଅତ୍ୟଧିକ ବୃଦ୍ଧି ଯୋଗୁଁ ହୋଇଥାଏ। ଯାହାଦ୍ୱାରା ପରେ ଫୁସଫୁସବି ପ୍ରଭାବିତ ହୋଇଥାଏ। ଏହି ଟ୍ୟୁମରଟି ସାଧାରଣତଃ ଆଂଠୁ, ଜଂଘ ହାଡର ତଳ ଅଂଶ କିମ୍ବା ଟିବିଆ ଅସ୍ଥିର ଉପର ଅଂଶରେ ହୋଇଥାଏ। ଯଦି ଏହି ରୋଗ ବିସ୍ତାରିତ ହୋଇ ନ ଥାଏ ତେବେ ବଂଚିବା ହାର ୭୦-୭୫% ହୋଇଥିବା ସ୍ଥଳେ ଶରୀରର ଅନ୍ୟାଂଶକୁ ମାଡି ଯାଇଥିଲେ ବଂଚିବା ହାର ୩୦% ହୋଇଥାଏ। ଇଭାନ୍ସ ଏବଂ ତାଙ୍କ ସାଥୀମାନେ ଏହି ଅସ୍ଥି ର ମାଇକ୍ରୋସ୍କୋପିକ୍ ପର୍ଯ୍ୟବେକ୍ଷଣ ପରେ ହାଇ ରିଜୋଲ୍ୟୁସନ ସିଟି ସ୍କାନ କରି ଜାଣିବାକୁ ପାଇଲେ ଯେ ଏହି ଡାଇନୋସରଟି ତାର ଜୀବନର ମଧ୍ୟାବସ୍ଥାରେ ଏହି ରୋଗରେ ପୀଡିତ ହେଲାପରେ ତାର ଶରୀରର ଅନ୍ୟ ଅଙ୍ଗ ସବୁ ବି ପ୍ରଭାବିତ ହୋଇଥିଲା ଏବଂ ସମ୍ଭବତଃ ଏକ ବନ୍ୟାଦ୍ୱାରା ଏହାର ବିଶାଳକାୟ ଶରୀରଟି ଭାସିଯାଇ ଅନ୍ୟତ୍ର ଲାଗିଥିଲା। ଏକ ଶକ୍ତିଶାଳୀ ତ୍ରିମାତ୍ରିକ ସିଟି ରିକନ୍ଷ୍ଟ୍ରକ୍ସନ ଦ୍ୱାରା ଏହି ଅସ୍ଥିର ପୂର୍ବାବସ୍ଥା ଆଣି ତାକୁ ସେହି ପ୍ରଜାତିର ଅନ୍ୟ ଏକ 'ସିଲର ଅସ୍ଥି ସହ ତୁଳନା କରି ସେମାନେ ଏହି ରୋଗକୁ ନିଶ୍ଚିତ କରି ପାରିଥିଲେ।

**ବୟସ୍କମାନଙ୍କ ପାଇଁ ଭିଟାମିନ ସି ର ଆବଶ୍ୟକତା** ;- ମନୁଷ୍ୟମାନଙ୍କଠାରେ ବୟସ ବଢିବା ସଙ୍ଗେ ସଙ୍ଗେ ଅସ୍ଥିରୁ ବର୍ଷକୁ ୧%




ହାରରେ ମାଂସପେଶୀ ଅଲଗା ହୋଇ ସାର୍କୋପେନିଆ ନାମକ ରୋଗକୁ ଜନ୍ମ ଦେଇଥାଏ ଯଦ୍ଦ୍ୱାରା ଅସ୍ଥିର ଭଙ୍ଗୁରତା ବଢିଯାଇ ଜୀବନର ଗୁଣବତ୍ତା କମିଯାଏ। ସାରା ବିଶ୍ୱରେ ବର୍ଷକୁ ପ୍ରାୟ ୫୦ ମିଲିଅନ ଲୋକ ଏହି ରୋଗରେ ପୀଡିତ ହୋଇଥାନ୍ତି। କିନ୍ତୁ ଯୁକ୍ତରାଜ୍ୟର ୟୁନିଭର୍ସିଟି ଅଫ ଇଷ୍ଟ ଆଙ୍ଗିଆର ପ୍ରଫେସର ଆଲିସା ୱେଲଚ ତାଙ୍କ ଗବେଷଣାରୁ ଜାଣି ପାରିଛନ୍ତି ଯେ, ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଯଦି ନିୟମିତ ଭାବରେ ଭିଟାମିନ-ସି ଯୁକ୍ତ ଖାଦ୍ୟ ନିୟମିତ ଭାବେ ଖାଆନ୍ତି ତେବେ ଏହି ପ୍ରକ୍ରିୟାଟି ଶୀଥିଳ ହୋଇ ସାର୍କୋପେନିଆର ପ୍ରଭାବ କମ ରହୁଛି। ଏହି ଭିଟାମିନ ଟି ସମସ୍ତ କମଳା ,ଲେମ୍ବୁ ଜାତୀୟ ଖାଦ୍ୟ ,ପନିପରିବା ଏବଂ କୋଳିମାନଙ୍କରେ ଥାଏ।ଡାଇବେଟିସ ରୋଗୀଙ୍କ ପାଇଁ ଏହା ଅମୃତତୁଲ୍ୟ ବୋଲି ସେମାନେ କହିଛନ୍ତି।

**ପ୍ଲାଷ୍ଟିକ ପ୍ରଦୂଷଣ ଓ କଇଁଛ ଜୀବନ** ;-ପ୍ରତ୍ୟେକ ବର୍ଷ ସମୁଦ୍ର ବକ୍ଷକୁ ପୃଥିବୀର ସ୍ଥଳଭାଗରୁ ୨୦୦୦୦୦ ଟନ ପ୍ଲାଷ୍ଟିକ ସୂକ୍ଷ୍ମ କଣିକା ଭାବେ ବାୟୁ ଦ୍ୱାରା ଏବଂ ୧୧ ମିଲିଅନ ଟନ ବିଭିନ୍ନ ସ୍ରୋତରୁ ନିକ୍ଷେପିତ ହୋଇଥାଏ ଏବଂ ଯଦି ଏହି ପ୍ରକ୍ରିୟା ଚାଲୁ ରହେ ତେବେ ୨୦୪୦ ମସିହା ବେଳକୁ ଏହା ୨୯ ମିଲିଅନ ଟନକୁ ବୃଦ୍ଧି ପାଇବ। ଫ୍ଲୋରିଡା ଉପକୂଳରେ ଥିବା ଲୋଗରହେଡ କଇଁଛଙ୍କୁ ନେଇ ଏବେ ଏକ ଗବେଷଣା ହୋଇଥିଲା। ଏଥିରୁ ଜଣାଗଲା ଯେ ପ୍ରତ୍ୟେକ ୪୨ କଇଁଛଙ୍କ ମଧ୍ୟରୁ ୩୯ ଜଣଙ୍କ ଖାଦ୍ୟନଳୀରେ ୦.୩୬ ରୁ ୧୨.୩୯ ମିମି ଆକାରର ପ୍ଲାଷ୍ଟିକ କଣିକା ସବୁ ମହଜୁଦ ରହିଛି। ପ୍ଲାଷ୍ଟିକ ଓ ଶରୀରର ଓଜନର ଅନୁପାତ ୧.୨୩% ଅଟେ। ଏମାନଙ୍କ ଶରୀରରୁ ସଂଗୃହୀତ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ମଧ୍ୟରୁ




କଠିନ ଓ ସିଟ ଆକାରରେ ମିଳିଥିବା ପ୍ଲାଷ୍ଟିକର ପରିମାଣ ସର୍ବାଧିକ ଥିଲା। ଏହି କଣିକାମାନଙ୍କ ମଧ୍ୟରୁ ନାନୋ ଆକାରର କଣିକାଗୁଡିକ କଇଁଛମାନଙ୍କ ରକ୍ତସ୍ରୋତରେ ସିଧାସଳଖ ମିଶି ବିଭିନ୍ନ ରୋଗ ସୃଷ୍ଟି କରୁଛି। ବୃହତ ଅଂଶ ଗୁଡିକ ଖାଦ୍ୟ ନଳୀରେ ଜମାଟ ବାନ୍ଧି ସେମାନଙ୍କ ଖାଦ୍ୟର ପରିମାଣ ଏବଂ ପାଚନ କ୍ରିୟାରେ ବାଧା ସୃଷ୍ଟି କରୁଛି। ଏପରି ହୋଇଛି ଯେ ସ୍ଥାନାଭାବରୁ ସେମାନେ ବଂଚିବା ପାଇଁ ଆବଶ୍ୟକ ସର୍ବନିମ୍ନ ପରିମାଣର ଖାଦ୍ୟକୁ ବି ଗ୍ରହଣ କରି ପାରୁ ନାହାନ୍ତି। ଗବେଷକମାନଙ୍କ ମତରେ କଇଁଛ ଓ ଅନ୍ୟ ସାମୁଦ୍ରିକ ଜୀବମାନଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣ କବଳରୁ ରକ୍ଷା କରିବାକୁ ହେଲେ ମନୁଷ୍ୟ ଦ୍ୱାରା ପ୍ଲାଷ୍ଟିକ ବ୍ୟବହାରକୁ କମ କରିବା ,ପୁନଃଚକ୍ରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଯେଉଁ ଦେଶମାନେ ଏହି ପ୍ଲାଷ୍ଟିକ ଜାତ ଦ୍ରବ୍ୟକୁ ସମୁଦ୍ରରେ ନିକ୍ଷେପ କରୁଛନ୍ତି ସେମାନଙ୍କ ପ୍ରତି କଠୋର ଆଇନ ଦ୍ୱାରା ଦଣ୍ଡିତ କରିବା ଦ୍ୱାରା ସାମୁଦ୍ରିକ ପ୍ରଦୂଷଣକୁ ନିୟନ୍ତ୍ରିତ କରି ଏହି ନିରୀହ ପ୍ରାଣୀମାନଙ୍କୁ ବଂଚା ଯାଇ ପାରିବ ବୋଲି ସେମାନେ ମତ ବ୍ୟକ୍ତ କରିଛନ୍ତି।

**ଆଂଟାର୍କଟିକା ମହାଦେଶରେ ମନୁଷ୍ୟର କ୍ରିୟା କଳାପ** ;-ପ୍ରାୟ ୨୦୦ ବର୍ଷ ପୂର୍ବେ ଏହି ମହାଦେଶ ଲୋକଲୋଚନକୁ ଆସିଥିଲା। ୧୪.୨ ମିଲିଅନ ବର୍ଗ କିମିରେ ପରିବେଷ୍ଟିତ ଏହି ମହାଦେଶର ଆକାର ଅଷ୍ଟ୍ରେଲିଆ ମହାଦେଶର ଆକାରର ପ୍ରାୟ ୨ ଗୁଣ ଅଟେ। ଏହାର ୯୮% ଭୂଭାଗ ବରଫ ଦ୍ୱାରା ଆଚ୍ଛାଦିତ ଏବଂ ଏହାର ଜନସାନ୍ଦ୍ରତା ବର୍ଗ କିମି ପିଛା ପ୍ରାୟ ୦.୦୦୦୦୮ ଅଟେ। ପୂର୍ବରୁ ଏହି ଅଂଚଳ ଉପରେ ମାନବୀୟ ପ୍ରଭାବ ସମ୍ବନ୍ଧରେ କିଛି ଆଲୋକପାତ କରାଯାଇନଥିଲା। କାରଣ ନା ଅଛି ଏଠି କୃଷି, କଳକାରଖାନା ନା ସହର। କିନ୍ତୁ ନିକଟରେ ଜୋହାନେସବର୍ଗର ୟୁନିଭର୍ସିଟି ଅଫ୍ ୱିଟୱାଟରସ୍ରାଣ୍ଡର ପ୍ରଫେସର ଡଃ ବର୍ନାଡ କୋଟଜୀଙ୍କ ନେତୃତ୍ୱରେ ଏକ ହୋଇଥିବା ଏକ ଗବେଷଣାରୁ ଜଣାଯାଏ ଯେ, ୧୮୧୯ ରୁ ୨୦୧୮ ମଧ୍ୟରେ ଏଠାରେ ୨.୭ ମିଲିଅନ ମନୁଷ୍ୟମାନଙ୍କର ପାଦ ପଡିଅଛି। କେବଳ ମଧ୍ୟ ଭାଗର ଏକ ବିସ୍ତୃତ ଅଂଚଳକୁ ଛାଡିଦେଲେ ଅନ୍ୟତ୍ର ସବୁ ଜାଗାରେ ମନୁଷ୍ୟମାନେ ତାଙ୍କ କ୍ରିୟାକଳାପ ଜାରି ରଖିଛନ୍ତି। କିନ୍ତୁ ଖୁସିର କଥା ଏହି ଯେ ଏହାଦ୍ୱାରା ଏଠିକାର ଜୈବ ବିବିଧତାର ସେତେଟା କ୍ଷତି ଘଟିନାହିଁ। କିନ୍ତୁ ଯେଉଁଠି ଗବେଷଣାଗାର ସ୍ଥାପନ ହୋଇଛି କିମ୍ବା ପର୍ଯ୍ୟଟନ କ୍ଷେତ୍ର ପାଇଁ ଖସଡା ପ୍ରସ୍ତୁତ ହୋଇଛି



ସେଠାକାର ଜୈବବିବିଧତା ସହ ପୁରାତନ ଜୀବଜନ୍ତୁଙ୍କ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଦେଖା ଦେଇଛି। ଏଠାକାର ୧୬% ଭୂଭାଗକୁ ପକ୍ଷୀମାନଙ୍କ ବିଚରଣ କ୍ଷେତ୍ର ଭାବେ ଆନ୍ତର୍ଜାତିକ ସ୍ୱୀକୃତି ମିଳିଛି ଏବଂ ଏହା ମନୁଷ୍ୟମାନଙ୍କ ଅପହଂଚ ଦୂରତାରେ ଥିବାରୁ ସେଠକାର ଜୈବମଣ୍ଡଳର ସେପରି ବିଶେଷ କ୍ଷତି ହୋଇନାହିଁ। ଯେଉଁଠି ବରଫ ବେଶି ନାହିଁ ସେଠି ମାନବୀୟ ଗତିବିଧି ବହୁ ପରିମାଣରେ ବୃଦ୍ଧି ପାଇଛି।



**ଦାନ୍ତମାଢ଼ି ରୋଗ ବେଶିଦିନ ରହିଲେ ମୁଖ କର୍କଟ ହୋଇପାରେ** ;- ସାବଧାନ ରହନ୍ତୁ ଯଦି ଆପଣ ବେଶି ଦିନ ଧରି Periodontitis ବା ଦାନ୍ତମାଢ଼ି ରୋଗରେ ପଡି ଏହାର ଚିକିତ୍ସା ନ କରାନ୍ତି ତେବେ ତାହା ମୁଖ ଗହ୍ୱର କିମ୍ବା ପାସ୍ଥଳୀ କ୍ୟାନ୍ସରର କାରଣ ହୋଇପାରେ। ଏହି ରୋଗ ହେଲେ ମାଢ଼ି ସଂକ୍ରମିତ ହୋଇ ଦୁର୍ବଳ ହେବାରୁ ଦାନ୍ତ ଝଡିପଡେ ଏବଂ ଏଠାକାର ସୂକ୍ଷ୍ମ ତନ୍ତୁମାନ ନଷ୍ଟ ହୋଇ ଯାଆନ୍ତି। ପ୍ରାୟ ୨୦୦ ରୋଗୀଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ଏହିପରି ପ୍ରାୟ ୮୦% ରୋଗୀ ପରବର୍ତ୍ତୀ ପର୍ଯ୍ୟାୟରେ oesophageal, Gastric କର୍କଟରେ ପୀଡିତ ହେଉଛନ୍ତି। ଯେଉଁମାନେ ପୂର୍ବରୁ ଦାନ୍ତ ହରାଇ ବସିଛନ୍ତି ସେମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖା ଯାଉଛି।

**୨୦୩୦ ସୁଦ୍ଧା ମନୁଷ୍ୟ ମଙ୍ଗଳ ଗ୍ରହରେ ପାଦ ଦେବ** ;- ନାସାର ମୁଖ୍ୟ ପ୍ରଶାସକ ଜିମ ବ୍ରିଡେନ୍‌ଷ୍ଟାଇନ ପ୍ରକାଶ କରିଛନ୍ତି ଯେ ୨୦୩୦ ମସିହା ପ୍ରାରମ୍ଭ ସୁଦ୍ଧା ମାନବ ମଙ୍ଗଳ ଗ୍ରହରେ ପାଦ ଥାପିବ ତାହା ପୁଣି ଦିନେ ଦୁଇଦିନ ପାଇଁ ନୁହଁ ବରଂ ଏକମାସ ପାଇଁ। କମ୍ ବିକିରଣ ପ୍ରଭାବ ସହିତ ଅତିଶୀଘ୍ର ଏହି ଯାତ୍ରା ସମାପନ କରିବାକୁ ନାସା ଏକ ଅତ୍ୟାଧୁନିକ ପ୍ରପଲସନ ସିଷ୍ଟମ ବ୍ୟବହାର କରିବ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଏହି ୩୦ ଦିନ ମହାକାଶଚାରୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ। ବିଶେଷକରି ମଙ୍ଗଳ ଗ୍ରହରେ ଜୀବ ଜଗତର ଅବସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଏହି ସମୟ ଅବଧି ସହାୟକ ହେବ।

**୨୧୦୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮.୮ ବିଲିଅନ୍ ହୋଇଯିବ** ;- ୟୁନିଭର୍ସିଟି ଅଫ୍ ୱାସିଙ୍ଗଟନର ଇନଷ୍ଟିଚ୍ୟୁଟ ଅଫ୍ ହେଲଥ ମେଟ୍ରିକ୍ସ ଆଣ୍ଡ ଇଭାଲୁଏସନ୍ ର ନିର୍ଦ୍ଦେଶକ ଖ୍ରୀଷ୍ଟୋଫର ମୁରେଙ୍କ ନେତୃତ୍ୱରେ ହୋଇଥିବା

ଏକ ଗବେଷଣାରୁ ଜଣାଯାଇଛି ଯେ, ୨୧୦୦ ମସିହା ବେଳକୁ ପୃଥିବୀର ଜନସଂଖ୍ୟା ୮.୮ ବିଲିଅନରେ ପହଂଚିବ। ୧୯୫ ରାଷ୍ଟ୍ର ମଧ୍ୟରୁ ୧୮୩ ଟି ରାଷ୍ଟ୍ରର ଜନତାଙ୍କ ସଂଖ୍ୟା ଏକ ସାଧାରଣ ସ୍ତରରୁ ବି ନିମ୍ନକୁ ଖସି ଆସିବ। ସାଧାରଣ ଭାବେ ଏକ ଦେଶରୁ ଛାଡି ଚାଲି ଯାଉଥିବା ଏବଂ ଅନ୍ୟ ଦେଶରୁ ସାନ୍ଦ୍ରତାକୁ ମପା ଯାଇଥାଏ। ଏମାନଙ୍କ ମଧ୍ୟରୁ ଜାପାନ, ସ୍ପେନ, ଇଟାଲି, ଥାଇଲାଣ୍ଡ, ପର୍ତ୍ତୁଗାଲ, ପୋଲାଣ୍ଡ, ଦକ୍ଷିଣ କୋରିଆ ଭଳି ୨୦ ଟି ଦେଶର ଗୁଣ ବଢ଼ିଯାଇ ୩ ବିଲିଅନ ଜନତାଙ୍କ ବାସସ୍ଥାନ ପାଲଟିବ। ସେହି ସମୟରେ କେବଳ ନାଇଜେରିଆର ଲୋକସଂଖ୍ୟା ୮୦୦ ମିଲିଅନରେ ପହଂଚି ସାରିଥିବ। କିନ୍ତୁ ପରିବେଶବିତମାନଙ୍କ ପାଇଁ ଏକ ଖୁସି ଖବର ଯେ ସେସମୟରେ ଖାଦ୍ୟ ଉତ୍ପାଦନ ପାଇଁ ଓ କାର୍ବନ ନିର୍ଗମନ ପାଇଁ ଆଉ ଅଧିକ ଚାପ ପଡିବ ନାହିଁ। ଆଫ୍ରିକାକୁ ଛାଡିଦେଲେ ଅନ୍ୟାନ୍ୟ ଦେଶଗୁଡିକରେ ଜନସଂଖ୍ୟା ପିରାମିଡର ନିମ୍ନମୁଖୀ ଗତି ଯୋଗୁଁ କାର୍ଯ୍ୟ ପରିସର ସହିତ ଲୋକବଳ କମିଯିବ ଫଳରେ ସେମାନଙ୍କ ଅର୍ଥନୀତି ଉପରେ ଏହା ଓଲଟା ଫଳ ପକାଇବ। ସେହିପରି ଅର୍ଥନୀତି କ୍ଷେତ୍ରରେ ଆଗରେ ଥିବା ଦେଶମାନଙ୍କୁ ତାଙ୍କ ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ହେଲେ ଅନ୍ୟ ଦେଶରୁ ସଂଖ୍ୟା ପ୍ରାୟ ୪୦% ହ୍ରାସ ପାଇବ ଅର୍ଥାତ ୨୦୧୭ ମସିହାରେ ଏମାନଙ୍କ ସଂଖ୍ୟା ୬୮୧ ମିଲିଅନ ଥିବାବେଳେ ୨୧୦୦ ବେଳକୁ ଏହା ୪୦୧ ମିଲିଅନ ହେବ। ଅନ୍ୟ ପକ୍ଷରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୨.୩୭ ବିଲିଅନ୍ ଅର୍ଥାତ ବିଶ୍ୱର ସର୍ବମୋଟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ହେବ। ସେହିପରି ୮୦ ବର୍ଷରୁ ଅଧିକଙ୍କ ସଂଖ୍ୟା ୧୪୦ ମିଲିଅନରୁ ବୃଦ୍ଧି ପାଇ ୮୬୬ ମିଲିଅନରେ ପହଂଚିବ। କାର୍ଯ୍ୟକ୍ଷମ ଲୋକଙ୍କ ସଂଖ୍ୟା ଓ ଅନୁପାତରେ ଦ୍ରୁତ ହ୍ରାସ ଅନେକ ଦେଶ ପାଇଁ ଆହ୍ୱାନ ସୃଷ୍ଟି କରିବ। ଚଳିତ ଶତାବ୍ଦୀର ଶେଷ ବେଳକୁ ଚୀନରେ ଏହିପରି ଲୋକଙ୍କ ସଂଖ୍ୟା ୯୫୦ ମିଲିଅନରୁ ୩୫୦ ମିଲିଅନ ବା ୬୨% ହ୍ରାସ ପାଇବ। କିନ୍ତୁ ଭାରତ ଏ କ୍ଷେତ୍ରରେ କିଛିଟା ଉନ୍ନତ ସ୍ଥିତିରେ ରହିବ ଅର୍ଥାତ ଏହି ଜାତୀୟ ଲୋକଙ୍କ ସଂଖ୍ୟା ୭୬୨ ରୁ ୫୭୮ ମିଲିଅନକୁ ହ୍ରାସ ପାଇବ। ଅନ୍ୟ ପକ୍ଷରେ ନାଇଜେରିଆରେ ସକ୍ରିୟ କର୍ମଜୀବୀଙ୍କ ସଂଖ୍ୟା ଏବେକାର ୮୬ ମିଲିଅନରୁ ବୃଦ୍ଧି ପାଇ ୪୫୦ ମିଲିଅନରେ ପହଂଚିବ। ୨୦୫୦ ବେଳକୁ ଚୀନ ଦେଶର ଜିଡିପି ଆମେରିକାକୁ ଅତିକ୍ରମ କରିଯିବ କିନ୍ତୁ ୨୧୦୦ ବେଳକୁ ଚୀନ ପୁଣି ୨ୟ ସ୍ଥାନକୁ ଖସି ଆସିବ। ଭାରତର ସ୍ଥାନ ଏ କ୍ଷେତ୍ରରେ ୩ୟ ହେଲାବେଳେ ଜାପାନ, ଜର୍ମାନୀ, ଫ୍ରାନ୍ସ ଓ ଯୁକ୍ତରାଜ୍ୟ ଶ୍ରେଷ୍ଠ ୧୦ ଦେଶଙ୍କ ଭିତରେ ରହିବେ। ବ୍ରାଜିଲ ଏବେକାର ୮ମ ସ୍ଥାନରୁ ୧୩କୁ ଓ ରୁଷିଆ ୧୦ମ ସ୍ଥାନରୁ ୧୪ କୁ ଘୁଂଚି ଆସିବ ଇଟାଲି ଓ ସ୍ପେନ ୧୫ତମ ସ୍ଥାନରୁ ଯଥାକ୍ରମେ ୨୫ ଓ ୨୮ ସ୍ଥାନକୁ ଘୁଂଚି ଆସିବେ ବୋଲି ଏଥିରେ ପୂର୍ବାନୁମାନ କରା ଯାଇଛି। ଭାରତ କ୍ଷେତ୍ରରେ ୨୦୪୮ ମସିହା ବେଳକୁ ଜନସଂଖ୍ୟା ୧.୬ ବିଲିଅନକୁ ବୃଦ୍ଧି ପାଇଲା ପରେ ୨୧୦୦ ବେଳକୁ ପ୍ରାୟ ୩୨% ହ୍ରାସ ପାଇ ୧.୦୯ ବିଲିଅନରେ ପହଂଚିବ ବୋଲି ଏଥିରେ କୁହାଯାଇଛି। କିନ୍ତୁ ଖୁସିର ବିଷୟ ଏହି ଯେ ସେମାନେ କହିଛନ୍ତି ଏସିଆ ମହାଦେଶରେ ଭାରତ ଏକ ମାତ୍ର ରାଷ୍ଟ୍ର ହେବ ଯିଏ ଏହି ଶତାବ୍ଦୀରେ ନିଜ କାର୍ଯ୍ୟକ୍ଷମ ଲୋକଙ୍କୁ ସଂରକ୍ଷଣ ଯୋଗାଇବା ହେତୁ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଗଣିତ ହେବ।

**ଆମେରିକାରେ ଜଳସଂକଟ ଘନାଇଲା** ;-ବିଗତ କିଛି ଦିନର ଶୁଷ୍କ ଗ୍ରୀଷ୍ମଋତୁକୁ ଲକ୍ଷ୍ୟକରି ଆମେରିକାର ବ୍ୟୁରୋ ଅଫ୍‌ରିକ୍ଲାମେସନ ଏକ ସତର୍କ ବାଣୀ ଶୁଣାଇଛନ୍ତି। ସୂଚନା ଥାଉ କି ଆମେରିକାରେ ପଶ୍ଚିମ ପ୍ରାନ୍ତରେ ଜଳ ଯୋଗାଣ ପାଇଁ ସୁଦୂର କୋଲୋରାଡୋ ନଦୀରୁ ପ୍ରାୟ ୫୫% ପାଣି ଆଣି ପାଓ୍ୱେଲ ଏବଂ ମିଆଡ୍ ନାମକ ୨ଟି ହ୍ରଦରେ ଜଳକୁ ଗଚ୍ଛିତ କରି ରଖାଯାଇଥାଏ। ଏହି ପ୍ରକଳ୍ପ ଯୋଗେ କୋଲୋରାଡୋ, ଉଟାହା, ନେଭାଡା, କାଲିଫର୍ନିଆ, ଆରିଜୋନା, ନିଉ ମେକ୍ସିକୋ ଓ ମେକ୍ସିକୋ ପରି ୭ଟି



ପ୍ରାନ୍ତର ପ୍ରାୟ ୪୦ ମିଲିଅନ ଲୋକ ଉପକୃତ ହୋଇଥାଆନ୍ତି। ବିଗତ ୨୧ ବର୍ଷ ଧରି କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ଯୋଗୁଁ ଧିରେ ଧିରେ ଏହି ଜଳାଶୟର ପାଣି ଶୁଖି ଯାଉଥିବା ଲକ୍ଷ୍ୟ କରା ଯାଉଛି ତେଣୁ ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ୨୦୨୫ ବେଳକୁ ଏହି କୃତ୍ରିମ ଜଳାଶୟ ସବୁ ଶୁଷ୍କ ହୋଇ ଯାଇପାରେ ବୋଲି ଅନୁମାନ କରା ଯାଉଛି। କାରଣ ଏବେବି ଏଠାକାର ଜଳର ପରିମାଣ ପ୍ରାୟ ୧୨% କମି ଗଲାଣି। ଏହାର ଫଳ ସ୍ୱରୂପ ଯଦି ମିଆଡର ଜଳସ୍ତର ୧୦୮୩ ଫୁଟ ତଳକୁ ଖସି ଆସେ ତେବେ ଆରିଜୋନା ଅଂଚଳର ଅଧିବାସୀମାନେ ବୁନ୍ଦାଏ ବି ଜଳ ପାଇବେ ନାହିଁ। ୨୦୨୨ ସୁଦ୍ଧା ଏଠାକାର ଜଳସ୍ତର ୧୦୭୫ ଫୁଟକୁ ଖସି ଆସିବାର ୩୨% ସମ୍ଭାବନା ଥିବାବେଳେ ୨୦୨୫ ସୁଦ୍ଧା ଏହାର ସ୍ତର ୩୫ ଫୁଟକୁ ଖସି ଆସିବାର ୭୭% ସମ୍‌ଭାବନା ଅଛି ବୋଲି ଏଥିରେ ଦର୍ଶାଯାଇଛି। ସେହିପରି ବର୍ତ୍ତମାନ ୩୫୯୮ ଫୁଟ ଜଳ ଧାରଣ କ୍ଷମତା ଥିବା ପାଓ୍ୱେଲ ହ୍ରଦର କ୍ଷମତା ୨୦୨୬ ସୁଦ୍ଧା ପ୍ରାୟ ୫୦ ଫୁଟ କମି ଯାଇପାରେ। ୧୯୮୮ ମସିହାରୁ ଆଜି ପର୍ଯ୍ୟନ୍ତ ଜାରି ରହିଥିବା ଜଳ ପ୍ରବାହର ଧାରାକୁ ଷ୍ଟ୍ରେସ୍ ଟେଷ୍ଟିଙ୍ଗ କୌଶଳ ଓ କୋଲୋରାଡୋ ସିମୁଲେସନ ସିଷ୍ଟମକୁ ଉପଯୋଗ କରି ଏହି ତଥ୍ୟ ପ୍ରଦାନ କରାଯାଇଛି। ଏଥିରୁ ରକ୍ଷା ପାଇବାକୁ ଆମେରିକା ସରକାର ପାଓ୍ୱେଲଠାରୁ ୨୨୫ କିମି ଦୂରତାର ଏକ ଭୂତଳ ପାଇପ ଲାଇନ ଦ୍ୱାରା ଜଳ ଉଠାଇ ଉଟାହା ପର୍ଯ୍ୟନ୍ତ ଆଣିବାକୁ ଯୋଜନା କରିଥିଲେ କିନ୍ତୁ ଜନସାଧାରଣଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ସମ୍ଭବ ହେଲାନାହିଁ।

ଦୂରଭାଷ-୯୪୩୭୧୨୭୮୨୦



# କଥାକାର ମନୋଜ ଦାସ

**ଜବାହରଲାଲ ସୁବୁଦ୍ଧି**

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକ ପଦ୍ମଭୂଷଣ ମନୋଜ ଦାସ (୧୯୩୪-୨୦୨୧) ଆଉ ଇହଜଗତରେ ନାହାନ୍ତି। ଶ୍ରୀ ଅରବିନ୍ଦ ଦର୍ଶନର ମହାନ୍ ପ୍ରବକ୍ତା ଭାବେ ସେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ପୁଡୁଚେରୀର ଶ୍ରୀଅରବିନ୍ଦ ଆଶ୍ରମସ୍ଥିତ ନର୍ସିଂହୋମରେ ଅପ୍ରେଲ ୨୭ ତାରିଖରେ ମଙ୍ଗଳବାର ରାତି ପ୍ରାୟ ଆଠଟା ସମୟରେ ୮୭ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତେବେ ପ୍ରଫେସର ଦାସ ଦୀର୍ଘଦିନଧରି କର୍କଟ ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି କହିଛନ୍ତି ଯେ, ଉତ୍କଳ ଜନନୀ ତା'ର ଅନ୍ୟତମ ସୁଯୋଗ୍ୟ ସନ୍ତାନକୁ ହରାଇଲା। ପ୍ରଫେସର ଦାସଙ୍କ ବିୟୋଗରେ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ଘଟିଗଲା।

ପ୍ରଫେସର ମନୋଜ ଦାସଙ୍କୁ ସାଂପ୍ରତିକ ସମୟରେ ବିଶ୍ୱର ଅନ୍ୟତମ ମହାନ ସାରସ୍ୱତ ସାଧକ ଭାବେ ବିବେଚନା କରାଯାଇଛି। ଓଡ଼ିଶାର ଦ୍ୱିଭାଷିକ ଶ୍ରେଷ୍ଠ ଲେଖକ ଭାବେ ବିଶ୍ୱରେ ସୁପ୍ରସିଦ୍ଧ ଲାଭ କରିଥିବା ଲେଖକଙ୍କ ମଧ୍ୟରେ ପ୍ରଫେସର ଦାସ ଥିଲେ ଅତ୍ୟତମ ତଥା ଅସାଧାରଣ ବ୍ୟକ୍ତିତ୍ୱ। ମିଥ୍ ଓ କିମ୍ବଦନ୍ତୀର ପୁନଃକଥନରେ ତାଙ୍କର ଅସାଧାରଣ କୃତିତ୍ୱ ଯୋଗୁଁ ତାଙ୍କୁ ଆଧୁନିକ ଯୁଗର ବିଷ୍ଣୁଶର୍ମା ଭାବେ ଅଭିହିତ କରାଯାଇଥାଏ। କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ବିଶ୍ୱ ସାହିତ୍ୟକୁ ଭାରତୀୟ ସାହିତ୍ୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଯଥାର୍ଥ ପ୍ରତିନିଧି ଭାବେ ତାଙ୍କୁ ବିବେଚନା କରାଯାଇଥାଏ।

ପ୍ରଫେସର ଦାସଙ୍କ ସାରସ୍ୱତ କୃତି ଓ କୃତିତ୍ୱ ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, ଶାରଳା ପୁରସ୍କାର, 'ସମାଜ' ଅନୁଷ୍ଠାନ ତରଫରୁ ଗୋପବନ୍ଧୁ ସାରସ୍ୱତ ସମ୍ମାନ, ସରସ୍ୱତୀ ସମ୍ମାନଠାରୁ ଆରମ୍ଭକରି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଦ୍ୱିତୀୟଥର ପାଇଁ, ସାହିତ୍ୟ ଭାରତୀ ପୁରସ୍କାର, ୨୦୦୧ରେ ପଦ୍ମଶ୍ରୀ ସମ୍ମାନ, ଉତ୍କଳ ରତ୍ନ ପୁରସ୍କାର, ୨୦୨୦ରେ ପଦ୍ମଭୂଷଣ ସମ୍ମାନ, ବିଳମ୍ବରେ ହେଲେ ବି ୨୦୨୦ରେ ସତ୍ୟବାଦୀ ସାରସ୍ୱତ ସମ୍ମାନ ଆଦି ପୁରସ୍କାର ସମ୍ମାନରେ ଅଧିକାରୀ ହେଲେ ମଧ୍ୟ ନିଜକୁ ଗର୍ବୀହୋଇ ବିବେଚିତ ହୁଅନ୍ତିନାହିଁ। ସଦାସର୍ବଦା ନିରହଂକାରୀ ତଥା ହସ ହସ ମୁହଁ ଓ କମ୍ କଥାରେ ସମସ୍ତଙ୍କ ମନ ହରଣ କରିଥାନ୍ତି। ନିକଟ ଅତୀତରେ ତାଙ୍କର ଗଳ୍ପ ସଂକଳନ 'ମନୋଜ ଦାସଙ୍କ କଥା ଓ କାହାଣୀ' ଚୀନ୍, ଋଷ୍ ଓ ଇଂରାଜୀ ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି ଓ ପାଠକଙ୍କ ଦ୍ୱାରା ଆଦୃତ ଲାଭ କରିଛି। କେନ୍ଦ୍ର ସାହିତ୍ୟ ଏକାଡ଼େମୀଦ୍ୱାରା କେବଳ ଦଶଟି ଭାରତୀୟ ଭାଷାରେ ଦଶଜଣ ମହାନ୍ ସାରସ୍ୱତ ସାଧକଙ୍କ ପୁସ୍ତକ ଭିତରେ ଓଡ଼ିଶାର ପ୍ରଫେସର ଦାସଙ୍କ ଏହି ପୁସ୍ତକ ପ୍ରକାଶିତ ହୋଇଥିବାରୁ ଏହା ନିଶ୍ଚିତ ଭାବେ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ମନୋଜ ଦାସଙ୍କ ଜନ୍ମ ୧୯୩୪ ଫେବୃଆରୀ ୨୭ ରେ ବାଲେଶ୍ୱର ଜିଲ୍ଲା ସୀମାନ୍ତବର୍ତ୍ତୀ ସମୁଦ୍ରକୂଳସ୍ଥ ଭୋଗରାଇ ବ୍ଲକ୍‌ର ଶଙ୍ଖାରୀ ଗ୍ରାମରେ ହୋଇଥିଲା। ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀ। ତାଙ୍କର ବଡ଼ଭାଇ ହେଉଛନ୍ତି ପ୍ରଖ୍ୟାତ ଐତିହାସିକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ମନ୍ମଥ ନାଥ ଦାସ। ତାଙ୍କ ପତ୍ନୀଙ୍କ ନାମ ପ୍ରତିଜ୍ଞା ଦେବୀ।

ପ୍ରଫେସର ଦାସ ୧୯୪୯ରେ ପ୍ରଥମ କବିତା ସଙ୍କଳନ "ଶତାବ୍ଦୀର ଆର୍ତ୍ତନାଦ", ୧୯୫୦ ରେ 'ଦିଗନ୍ତ' ପତ୍ରିକାର ସମ୍ପାଦନା ନିଜ ହାତକୁ ନେଇଥିଲେ। ୧୯୫୨ରେ ପ୍ରଥମ ଗଳ୍ପ ସଙ୍କଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା। ୧୯୬୩ ମସିହାରୁ ପ୍ରଫେସର ଦାସ ପୁଡୁଚେରୀର ଶ୍ରୀ ଅରବିନ୍ଦ ଆର୍ନ୍ତଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ କାର୍ଯ୍ୟକରି ଅବସ୍ଥାନ କରିଆସୁଥିଲେ। ସେହି ଆଶ୍ରମରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ଓ ସେହି ଆଶ୍ରମର ନୀତି ନିୟମ ଅନୁଯାଇ ତାଙ୍କର ଅନ୍ତିମ ସଂସ୍କାର କରାଗଲା। ତେବେ ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ ସ୍ୱର୍ଗତ ପ୍ରଫେସର ଦାସଙ୍କ ଶେଷକୃତ୍ୟ ସଂପର୍ଣ୍ଣ କରାଗଲା। ତାଙ୍କ ଜ୍ୟେଷ୍ଠ ପୁତୁରା ସନାତନ ଦାସ ମୁଖାଗ୍ନି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ୱର୍ଗତ ଦାସଙ୍କ ଶେଷକୃତ୍ୟରେ ଯୋଗଦାନକରି ରାଜ୍ୟ ତରଫରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଶ୍ରୀ ଅରବିନ୍ଦ ଆଶ୍ରମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ତେବେ ଆମ ରାଜ୍ୟ ସରକାର ଆର୍ନ୍ତଃଜାତିକ ଖ୍ୟାତିସଂପନ୍ନ କଥାକାର ମନୋଜ ଦାସଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ପୈତୃକ ଗ୍ରାମଘରେ ତାଙ୍କ ଲିଖିତ ପୁସ୍ତକଗୁଡ଼ିକର ସର୍ବସାଧାରଣଙ୍କ ପାଇଁ ଏକ ପାଠାଗାର ଏବଂ ଇଂରାଜୀ ଓ ଓଡ଼ିଆ ଭାଷା ଦ୍ୱିଭାଷିକ ସାହିତ୍ୟିକ ପ୍ରତିଯୋଗିତା କରାଇ ଦଶଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସେତେବେଳେ ମନୋଜ ଦାସ ରାଜନୀତି ଦିଗକୁ ମନ ବଳାଇବାପାଇଁ ଅନୁରୋଧକୁ ଏଡ଼ାଇଦେଇ ସାହିତ୍ୟିକ ଦିଗରେ ମନ ବଳାଇବା ଯୋଗୁ ସାରା ଜଗତରେ ଆଜି ଓ ଭବିଷ୍ୟତରେ ସମସ୍ତଙ୍କର ସ୍ମରଣୀୟ ହୋଇରହିବେ। ତାଙ୍କର ପରଲୋକରେ ତାଙ୍କ ଆତ୍ମାର ସଦ୍‌ଗତି ହେବା ସହିତ ତାଙ୍କ ପରିବାରର ମଙ୍ଗଳକାମନାପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛି ।

**ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**

# ସ୍ନେହ ଶ୍ରଦ୍ଧାର ମୂଲ୍ୟ



ଡକ୍ଟର ବସନ୍ତ କିଶୋର ସାହୁ

ରୋହନ ଭାରି ଚଗଲା। ବୟସ ତେର ବର୍ଷ। ଚାଲିଲା ଶଗଡ଼ରେ ହାତ ମାରିଦିଏ। ସବୁଦିନ ସ୍କୁଲ ଯାଏ ନାହିଁ। ଏଣେ ତେଣେ ବଗୁଲିଆ ପିଲାଙ୍କ ସହିତ ବୁଲେ। ବାପା ମାଆଙ୍କର ଗୋଟିଏ ପୁଅ। ବାପା ଦୂର ସହରରେ ଚାକିରି କରନ୍ତି। ଘରେ ମାଆଙ୍କ ସହିତ ସେ ରୁହେ। ପୁତ୍ର ସ୍ନେହରେ ତା'ର ଚଗଲାମି କଥା ମାଆ ଜାଣି ପାରନ୍ତି ନାହିଁ। କେମିତି ବା ଜାଣିବେ? ସ୍କୁଲ ସମୟ ହେଲେ ସେ ଘରୁ ଖାଇପିଇ ବ୍ୟାଗ୍ ଧରି ବାହାରି ଯାଏ। ସ୍କୁଲ ଛୁଟି ପରେ ପୁଣି ସୁନା ପିଲାଙ୍କ ପରି ବ୍ୟାଗ୍ ଧରି ଘରକୁ ଆସେ। ସବୁଦିନେ କିନ୍ତୁ ଏମିତି କରେ ନାହିଁ। ଦୁଇ ଚାରିଦିନରେ ଥରେ ଥରେ ସ୍କୁଲକୁ ଆସେ। ଯେଉଁଦିନ ଆସେ ସେଦିନ ମନ ଦେଇ ଜମା ପାଠ ପଢେ ନାହିଁ।

ଏମିତି ତା' ଜୀବନ ଗାଡ଼ି ଆଗକୁ ଆଗକୁ ଗଡ଼ି ଚାଲିଥାଏ। କେହି କିଛି ଜାଣି ପାରନ୍ତି ନାହିଁ। କେଉଁ ଦିନ ସେ ନଈ କୂଳେ ଖେଳିଲାଣି ତ ଆଉ କେଉଁଦିନ କଣ୍ଟେଇକୋଳି ବଣକୁ ଯାଇ କଣ୍ଟେଇ କୋଳି ଖାଇଲାଣି। କେଉଁଦିନ ଗାଁ ପାଖ ଦେଇ ଯାଇଥିବା ରେଳ ଧାରଣା କଡ଼େ କଡ଼େ ବୁଲିଲାଣି ତ ଆଉ କେଉଁ ଦିନ ଘର ପାଖ ଦେଇ ଯାଇଥିବା ରାଜରାସ୍ତା କଡ଼ରେ ଛିଡ଼ାହୋଇ କେତେଟା ଗାଡ଼ି ଯାଉଛି ଗଣିଲାଣି। ଏତେ ଚଗଲାମି କଲେ ମଧ୍ୟ ସେ କାହାରି କିଛି କ୍ଷତି କରେ ନାହିଁ। ସେଥିପାଇଁ ତାର ଦୁଷ୍ଟାମି ଜମା ଧରା ପଡ଼େନାହିଁ। ନୂଆ ନୂଆ କଥା ଓ ଜିନିଷ ସମ୍ପର୍କରେ ଜାଣିବାକୁ ତାର ଆଗ୍ରହ ବହୁତ ବେଶି। କେବଳ ସେତିକି ନୁହେଁ। ସେ ବୁଦ୍ଧିମାନ ମଧ୍ୟ।

ବାରମ୍ବାର ସ୍କୁଲରେ ଅନୁପସ୍ଥିତ ହେବାରୁ ଶ୍ରେଣୀ ଶିକ୍ଷକଙ୍କର ସନ୍ଦେହ ହେଲା। ପାଠ ପଢାରେ ମଧ୍ୟ ଦିନକୁ ଦିନ ସେ ଦୁର୍ବଳ ହେବାକୁ ଲାଗିଲା। ଶ୍ରେଣୀ ଶିକ୍ଷକ ଏ କଥା ପ୍ରଧାନ ଶିକ୍ଷକଙ୍କୁ କହିଲେ। ପ୍ରଧାନ ଶିକ୍ଷକ ନିଜେ ରୋହନର ଘରକୁ ଆସି ତା ମାଆଙ୍କୁ କହିଲେ, "ରୋହନ୍ ଭାରି ଭଲ ପିଲା। ଆଗେ ଭଲ ପଢୁଥିଲା। ଶ୍ରେଣୀରେ ପୋଜିସନ୍ ମଧ୍ୟ ରଖୁଥିଲା। କିନ୍ତୁ, ଏଇ କେତେ ଦିନ ହେବ ସେଥିରେ ଅନିୟମିତତା ଦେଖାଦେଇଛି। ସେ ଆଉ ନିୟମିତ ସ୍କୁଲକୁ ଆସୁନାହିଁ। ମନଦେଇ ଆଗପରି ପାଠ ପଢୁନାହିଁ। କାରଣ କ'ଣ? ତା' ଦେହ କ'ଣ ଭଲ ନାହିଁକି ? ନାଁ ସେ ଅନ୍ୟ କିଛି ଦୁଷ୍ଟାମି କରୁଛି ? ମୋତେ ଜଣାଇଲେ ମୁଁ ତାକୁ ସୁଧାରିବାକୁ ଚେଷ୍ଟା କରିବି।"

ମାଆତ ନିଜେ କିଛି ଜାଣି ନଥିଲେ। ରୋହନର ସ୍କୁଲରେ ଅନୁପସ୍ଥିତି ଓ ପାଠ ପଢାରେ ଅନିୟମିତତା ବିଷୟରେ ସେ କିଛି ଜାଣି ନଥିଲେ। ସେ ପ୍ରଧାନଶିକ୍ଷକଙ୍କୁ କିଛି ଉତ୍ତର ଦେଇ ପାରିଲେ ନାହିଁ। ରୋହନର ଏପରି କାର୍ଯ୍ୟକଳାପ ସମ୍ପର୍କରେ ଜାଣି ମନେ ମନେ ଦୁଃଖ ପ୍ରକାଶ କଲେ। କିନ୍ତୁ, ପ୍ରଧାନଶିକ୍ଷକଙ୍କୁ କିଛି କହିଲେ ନାହିଁ। ତା'ର ଦେହ ଅସୁସ୍ଥ ଥିବା ଓ ବାପା ଆସିଥିବାରୁ ସେ ଏଇ କେତେ ଦିନ ସ୍କୁଲକୁ ନିୟମିତ ଯାଇ ପାରିନାହିଁ ବୋଲି କ୍ଷମା ମାଗିଲେ। ଆଗକୁ ଏପରି ଭୁଲ୍ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଲେ। ମାଆଙ୍କ କଥାରେ ପ୍ରଧାନ ଶିକ୍ଷକ ସନ୍ତୁଷ୍ଟ ହୋଇ ଚାଲିଗଲେ।

ସେଦିନ ସ୍କୁଲ ଛୁଟି ସମୟ ହେଲା। ସବୁଦିନ ପରି ରୋହନ ଘରକୁ ଫେରିଲା। ମାଆ କିଛି ନ ଜାଣିଲା ପରି ତା' ଖାଇବାକୁ ବାଢିଦେଲେ। ପାଖରେ ବସାଇ ଆଦରରେ ଖୁଆଇଲେ। ମାଆଙ୍କ ସ୍ନେହ ଶ୍ରଦ୍ଧା ପାଇ ରୋହନ୍ ଆନନ୍ଦରେ ସବୁତକ ଖାଇଦେଲା। ଦିନସାରା ଏଣେତେଣେ ବୁଲାବୁଲି କରିଥିଲା। ଥକି ପଡ଼ିଥିବାରୁ କିଛି ସମୟ ପରେ ଶୋଇ ପଡ଼ିଲା। ମାଆ ରାତି ପାଇଁ ରାନ୍ଧିବାଢି ରୋହନର ଖାଇବାକୁ ଅପେକ୍ଷା କଲେ। ଶ୍ରଦ୍ଧାରେ ରୋହନକୁ ଉଠାଇଲେ । ରୋହନ ଥକି ପଡ଼ିଥିବାରୁ ଉଠିଲା ନାହିଁ। ମାଆ ଆଉ ତାକୁ ନ ଉଠାଇ ଠାକୁରଙ୍କ ପାଖରେ ପୂଜାରେ ବସିଲେ। ଧୂପ, ଦୀପ ଘଣ୍ଟ ଓ ଘଣ୍ଟି ଶବ୍ଦରେ ରୋହନର ନିଦ ହଠାତ୍ ଭାଙ୍ଗିଗଲା।

ସେ ଶୁଣିଲା ମାଆ କାନ୍ଦି କାନ୍ଦି ଠାକୁରଙ୍କୁ କହୁଛନ୍ତି, "ହେ ପ୍ରଭୁ କାହିଁକି ମୋତେ ଏତେ ହନ୍ତସନ୍ତ କରି ମାରୁଛ ? ମୁଁ ଆପଣଙ୍କଠାରେ କି ଦୋଷ କରିଛି? ଗୋଟିଏ ବୋଲି ଆମର ପୁଅ। କେତେ ସ୍ନେହ ଶ୍ରଦ୍ଧାରେ ଆମେ ତାକୁ ଲାଳନ ପାଳନ କରୁଛୁ। ତା ପାଇଁ କେତେ ସ୍ୱପ୍ନ ଆମ ମନରେ। ବଡ଼ ହୋଇ ସେ ଦେଶର ନାଁ ରଖିବ। ଦେଖା ଗଲାଣି ସେ ଆଉ ଭଲ ମଣିଷ ହୋଇପାରିବ ନାହିଁ। ସେ ଆଜିଠୁ ସ୍କୁଲ ନଯାଇ ବଗୁଲିଆ ପିଲାଙ୍କ ସହିତ ଏଣେ ତେଣେ ବୁଲାବୁଲି କରୁଛି। ସ୍କୁଲରେ ଠିକ୍ ପାଠ ପଢୁ ନାହିଁ ବୋଲି ଆଜି ପ୍ରଧାନ ଶିକ୍ଷକ ଅଭିଯୋଗ କରି ଯାଇଛନ୍ତି। ପାଠ ନ ପଢିଲେ ଭବିଷ୍ୟତରେ ସେ କଣ କରିବ? ମୁଁ ତାକୁ ଆକଟ କରି କିଛି କହି ପାରୁନି। ମାଡ଼ ମାରିଲେ ସେ କାନ୍ଦିବ। ତା କାନ୍ଦ ଦେଖିଲେ ମୁଁ ଜମା ସହି ପାରିବି ନାହିଁ। କିଛି କହିଲେ ତାର ମନ ଦୁଃଖ ହେବ। ଯଦି ତାକୁ ଆକଟ ନ କରୁଛି ତେବେ ସେ ମୂର୍ଖ ହେବ। ଆଜି ସିନା ପ୍ରଧାନଶିକ୍ଷକଙ୍କୁ ମିଛ କହି ତାକୁ ରକ୍ଷା କରିଦେଲି। କିନ୍ତୁ ପୁତ୍ର ସ୍ନେହରେ କେତେଦିନ ଏମିତି ମିଛ କହି ତାକୁ ରକ୍ଷା କରି ପାରିବି? କାଲିକି ସତକଥା ନିଶ୍ଚୟ ଜଣା ପଡ଼ିବ। ରୋହନର ବାପା ଯେତେବେଳେ ତା'ର ଏ ଖରାପ ଗୁଣ ସବୁ ଜାଣିବେ କେତେ ମନଦୁଃଖ କରିବେ। ଏକେତ ଦୂରରେ ରହି ପରିବାରର ଦାୟିତ୍ୱ ଠିକ୍ ଭାବରେ ନେଇ ପାରୁନାହାନ୍ତି। ତେଣେ ପୁଅର ଏ ଦୁଷ୍ଟାମି। ସେ ତ ପୂରାପୂରି ଭାଙ୍ଗି ପଡ଼ିବେ। ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କୁ ଆମେ ତ ଆଉ ମୁହଁ ଦେଖାଇ ପାରିବୁ ନାହିଁ। ହେ ପ୍ରଭୁ ମୋତେ ଶକ୍ତି ଦିଅ । ମୁଁ ଏମିତି ପଦକ୍ଷେପ ନେବି ଯେଉଁଥିରେ ରୋହନର ଏ ଖରାପ କାର୍ଯ୍ୟକଳାପ ବଦଳି ଯିବ। ତା ମନ

ଦୁଃଖ  ହେବ ନାହିଁ। ସେ ମନ ଦେଇ ପାଠ ପଢିବ। ଭଲ ମଣିଷଟିଏ ହେବ। ଯଦି ମୋତେ ଶକ୍ତି ଦେବ ନାହିଁ। ତେବେ ମୋ ଜୀବନ ନେଇଯାଅ। ମୁଁ ମୋ ଆଖି ଆଗରେ ମୋ ପୁଅର ବିପଥଗାମୀ ହେବା ଜମା ଦେଖି ପାରିବି ନାହିଁ।"

ରୋହନ୍ ମିଛରେ ସିନା ଶୋଇଥିଲା। କିନ୍ତୁ ମାଆଙ୍କର ସବୁକଥା ଗୋଟି ଗୋଟି ଶୁଣୁଥିଲା। ମାଆଙ୍କୁ କାନ୍ଦୁଥିବାର ଦେଖିଲା। ମାଆଙ୍କର ଶେଷ କେଇ ପଦ ମଧ ତା କାନରେ ପଡ଼ିଲା। ମାଆଙ୍କ କଥାରୁ ସେ ଜାଣିଲା ଯେ ତା'ର ପାଠ ନପଢି ବୁଲିବା କଥା ମାଆ ଜାଣି ସାରିଲେଣି। ସ୍କୁଲରେ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ମଧ ଜାଣିଲେଣି। ସ୍କୁଲକୁ ଗଲେ ଗୁରୁଜୀ ନିଶ୍ଚୟ ବାଡ଼େଇବେ। ମାଡ଼ ଖାଇଲେ ଖାଇବ ସେ ଆଉ ଏପରି ଭୁଲ କେବେ କରିବ ନାହିଁ। ତା ଆଖିରେ ଲୁହ ଜକେଇ ଆସିଲା। ସେ ଶେଜରୁ ଉଠି ମାଆଙ୍କୁ କୁଣ୍ଡାଇ ପକାଇ ଭୋ ଭୋ ହୋଇ କାନ୍ଦି ପକାଇଲା। କାନ୍ଦୁକାନ୍ଦୁ କହିଲା, "ଆଉ ଏପରି ଭୁଲ୍ ମୁଁ ଜୀବନରେ କେବେ କରିବି ନାହିଁ। ଦୁଷ୍ଟ ପିଲାଙ୍କ ସଙ୍ଗରେ ଏହି କେତେ ଦିନ ସାଙ୍ଗ ହେଉଥିଲି। ସେଥିପାଇଁ ସ୍କୁଲ ଯାଉନଥିଲି। ମୋ ଭୁଲ୍ ପାଇଁ ମୁଁ ଲଜ୍ଜିତ। ଏ କଥା ତୁମେ ବାପାଙ୍କୁ କୁହନାହିଁ। ଆଉ ଜମା ଦୁଷ୍ଟ ପିଲାଙ୍କ ସାଥୀରେ ସାଙ୍ଗ ହେବିନାହିଁ। ଦେଖିବ ଏଣିକି ମୁଁ ଭଲ ପିଲା ହେବି। ନିୟମିତ ସ୍କୁଲ ଯିବି। ମୋ ବିରୁଦ୍ଧରେ ଆଉ ତୁମେ କୌଣସି ଅଭିଯୋଗ କାହାଠାରୁ ଶୁଣିବ ନାହିଁ। ଏଣିକି ମୁଁ ମନଦେଇ ପାଠ ପଢି ବାପାଙ୍କ ନାଁ ରଖିବି।"

ମା ଦେଖିଲେ ରୋହନ ତା'ର ଭୁଲ୍ ବୁଝି ପାରିଛି। ତା' ଆଖିରୁ ଧାରଧାର ଲୁହ ବୋହିଯାଉଛି। ହୃଦୟରୁ କୋହ ଉଠୁଛି। ସେ ପୁଅକୁ ସ୍ନେହରେ କୋଳକୁ ଆଉଜେଇ ନେଲେ। ତା'କୁ ଲୁହ ପୋଛି ଦେଇ କହିଲେ, "ମୋ ଧନ କେଡ଼େ ସୁନା ପିଲା? ଯାହା ଭୁଲ୍ କରିଛୁ ତାହା ଭୁଲି ଯାଆ। ଏଣିକି ଭଲ ମଣିଷ ହେବାକୁ ଶପଥ କର। ମୁଁ ଆଉ ବାପାଙ୍କୁ ତୋ ଚଗଲାମି କଥା କହିବି ନାହିଁ।"

ଠାକୁରଙ୍କ ଆଗରେ ରୋହନ ଶପଥ କଲା। ପାଠକୁ ଆଉ ଡ଼ରିବ ନାହିଁ, ଆଉ କେବେ ସ୍କୁଲ ନଯାଇ ଲୁଚିବ ନାହିଁ ବୋଲି କହିଲା। ମନ ଦେଇ ପାଠ ପଢିବ। ତା' ପରଠାରୁ ରୋହନ ନିୟମିତ ସ୍କୁଲ ଗଲା। ପ୍ରଧାନ ଶିକ୍ଷକ ତାକୁ କହିଲେ, "କିରେ ତୋ ଦେହ ଭଲ ନଥିଲା କ'ଣ ଏବେ ଭଲ ହୋଇଗଲା"। ରୋହନ କିଛି ବୁଝି ପାରିଲା ନାହିଁ। କେବଳ ମୁଣ୍ଡ ଟୁଙ୍ଗାରିଲା। ସେ ଜାଣିପାରିଲା, ତା ଦୋଷ ଲୁଚାଇବା ପାଇଁ ମାଆ ପ୍ରଧାନ ଶିକ୍ଷକଙ୍କୁ ମିଛ କହିଛନ୍ତି। ମାଆଙ୍କ ସ୍ନେହ ଶ୍ରଦ୍ଧା ନିକଟରେ ତା ମୁଣ୍ଡ ତଳକୁ ନଇଁଗଲା।

ସେଇ ଦିନଠାରୁ ମନ ଦେଇ ପାଠ ପଢ଼ିଲା। ଆଉ କେବେ ପାଠପଢାକୁ ହତାଦର କଲା ନାହିଁ। ପଢାକୁ ଡ଼ରି ମଧ ଲୁଚିଲା ନାହିଁ। ପ୍ରତିବର୍ଷ ଶ୍ରେଣୀରେ ପ୍ରଥମ ହେଲା। ମାଟ୍ରିକ୍ ପରୀକ୍ଷାରେ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କଲା। ସ୍କୁଲ ତରଫରୁ ପ୍ରଧାନ ଶିକ୍ଷକ ତାକୁ ପୁରସ୍କାର ଦେଇ କହିଲେ, "ତୁ ଆଜି ସ୍କୁଲର ନାଁ ଉଜ୍ଜ୍ୱଳ କରିଛୁ। ମୁଁ ତୋତେ ଆଶୀର୍ବାଦ କରୁଛି ତୁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବୁ।" ରୋହନର ବାପା ତା' ସଫଳତାରେ ଖୁସି ହୋଇ ତା ପାଇଁ ଗୋଟିଏ ନୂଆ ଲାପ୍‌ଟପ କିଣିଦେଲେ। ମାଆଙ୍କ ଆଖିରୁ ଦୁଇ ଟୋପା ଲୁହ ଜକେଇ ଆସିଲା। ସେ ଅଶ୍ରୁ ଆନନ୍ଦର। ସେ ଭାବିଲେ ଯଦି ସେ ସେଦିନ ରୋହନକୁ ମାଡ଼ ମାରିଥାନ୍ତେ, ତାର କ'ଣ ଏପରି ପରିବର୍ତ୍ତନ ହୋଇଥାନ୍ତା?

**ଅଧ୍ୟାପକ, ଓଡିଆ ବିଭାଗ**
**ଘର.ନଂ-ଏ/୧୧,ସୁନାବେଡା-୭୬୩୦୦୨**
**ଜି-କୋରାପୁଟ।**

# ଏଇ ମାତ୍ର ଅଳି

ଯମେଶ୍ୱର କହଳସିଂହ

ଆସିଛି ଅଶିଣ
ପୁଜା ପାରବଣ
ସଙ୍ଗେ କୁସୁମ ବାସ
ମନ ମୋହି ନିଏ
କାଶତଣ୍ଡି ଫୁଲ
ଝରା ଶେଫାଳିର ହସ।।୦।


ଏଇମିତି ଏକ
ପାର୍ବଣ ଲଗନେ
ଦୁର୍ଗେ ଦୁର୍ଗତି ନାଶିନୀ
ତ୍ରିଶୂଳ ମୁନରେ
ମହିଷା ସଂଘାରି
ଉଶ୍ୱାସି ଥିଲ ଅବନୀ

ଆଜି ବଢ଼ିଛି ତା ବଂଶ
ବଢ଼ିଛି ବେଦନା
ଦୁଃଖ ଯାତନା
କଳଙ୍କିତ ପରିବେଶ।
ଏଇମାତ୍ର ଅଳି
ଧରାଇଦିଅ ମା'
ନାରୀକୁ ବନ୍ଧୁକ ଗୁଳି
ଶତମହିଷାର
ବକ୍ଷ ବିଦାରି
ରକତେ ଖେଳନ୍ତୁ ହୋରି
ସଭିଏଁ ହୁଅନ୍ତୁ ତୋଷ...,
ନିଦ ହଜିଥିବା
ନୟନରୁ ଝରୁ
ଦ୍ୱିତୀୟା ଜହ୍ନର ହସ।(୨)

ଲୋକିପୁର,
ଗଡ଼ମାଣତୀର ଖୋର୍ଦ୍ଧା,
ଦୂରଭାଷ-୯୯୩୭୪୭୨୧୧୮

# ଭୀମ-ବକା ଘୁସା ଘୁସି

ନିର୍ମଳା କୁମାରୀ ମହାପାତ୍ର



ସେଇ ବେଳକୁ ......ତାଳ ପଡିବାକୁ ଆଉ କାଉ ରାବିବାକୁ ..... ଏକଚକ୍ରା ନଗରରେ ପାଣ୍ଡବ ପାଞ୍ଚଭାଇ ମାଆ କୁନ୍ତୀକୁ ନେଇ ପହଞ୍ଚିଲେ। କୌରବମାନଙ୍କର ଚକ୍ରାନ୍ତ ଯୋଗୁଁ ପାଣ୍ଡବମାନେ ଏଠି ସେଠି ହୋଇ ବୁଲୁଥିଲେ। ଏଥି ପୂର୍ବରୁ ବାରଣାବତ ନଗରରେ ପାଣ୍ଡବମାନେ ରହୁଥିଲାବେଳେ ସେମାନଙ୍କୁ ମାରିବାପାଇଁ କୌରବ ମାନେ ଜଉ ଗୃହ ଦାହ ପରି ହୀନ କାର୍ଯ୍ୟ କଲେ। କୌଶଳ କ୍ରମେ ପ୍ରାଣ ବଂଚାଇ ପାଣ୍ଡବମାନେ ପହଂଚି ଥିଲେ ଏଇ ଏକଚକ୍ରା ନଗରରେ। ଜଣକର ଘରେ ଆଶ୍ରୟ ନେଲେ। କିଛିଦିନ ରହିବା ପରେ ମାତା କୁନ୍ତୀ ଆଶ୍ରୟଦାତ୍ରୀଙ୍କର କାନ୍ଦଣା ଶୁଣିଲେ। ବୁଝି ଜାଣିଲେ ଆଶ୍ରୟଦାତ୍ରୀଙ୍କର ଏକମାତ୍ର ପୁତ୍ର ଆସନ୍ତାକାଲି ପିଠା ଶଗଡ ନେଇ ବକା ପାଖକୁ ଯିବ। ବକା ପାଖକୁ ଯିଏ ଯାଏ ସେ ଆଉ ଫେରେନା।

ମହାଭାରତ ଯୁଗର କଥା। ଏକଚକ୍ରା ନଗରରେ ରହୁଥିଲା ଏକ ରାକ୍ଷସ। ନାଁ ତାର ବକାସୁର। ତାକୁ ବହୁତ ଭୋକ। ତା ପାଇଁ ବହୁତ ଆହାର ଲୋଡା। ସେ ଭାରି ନିଷ୍ଠୁର। ମନ ଇଚ୍ଛା ସେ ପଶୁ ପକ୍ଷୀ ଓ ମଣିଷକୁ ଆହାର କରେ। ନିଷ୍ଠୁର ହେବା ମାତ୍ରେ ହିଁ ଦୁରାତ୍ମା ହେବା ସ୍ୱାଭାବିକ କଥା। ବକାସୁରର ଦୌରାତ୍ମ୍ୟରୁ ରକ୍ଷା ପାଇବାପାଇଁ ନାଗରିକ ଗଣ ଚିନ୍ତିତ ହେଲେ। ଥରେ ଏକାଠି ହେଲେ। ଯୋଜନା କଲେ। ଉପାୟ ବାହାର କରି ବକାସୁର ପାଖକୁ ଗଲେ। ଶେଷରେ ରାକ୍ଷସ ସହ ଏକ ପ୍ରକାର ମୌଖିକ ରାଜିନାମା ହେଲା। କଥାହେଲା କି ଗୋଟିଏ ପରିବାରରୁ ଜଣେ ପ୍ରତିଦିନ ବକାସୁର ପାଖରେ ଶଗଡରେ ଖାଦ୍ୟ ପହଞ୍ଚାଇବ।

ଯିଏ ଗଲା, ସିଏ ମଲା। ଏଇ ନ୍ୟାୟରେ ନଗରବାସୀ ଦୁଃଖରେ କାଳ କାଟିଲେ। ବକାସୁର ଦିନକୁ ଶଗଡେ ଖାଦ୍ୟ ଖାଇ ମନଇଚ୍ଛା ମଣିଷ ଓ ଜୀବଜନ୍ତୁକୁ କଲବଲ କରି ନିଷ୍ଠୁର ଉଲ୍ଲାସରେ ବିଳାସକରି ରହିଲା। ବହୁ ଭୋଜନକାରୀକୁ ପ୍ରକୃତି ବରଦାସ୍ତ କରେ ନାହିଁ। ଯିଏ ପ୍ରକୃତିକୁ ଯେତେ ଅଧିକ ଲୁଣ୍ଠିତ କରେ ସିଏ ସେତେ ସଅଳ ପ୍ରକୃତି ପୃଷ୍ଠରୁ ବିଦାୟ ନିଏ। ପ୍ରକୃତି ସଦା ଜୀବନ୍ତ। ପ୍ରତିକ୍ରିୟାଶୀଳ। ସେ ତାର ଭାରସାମ୍ୟ ରକ୍ଷା କରିବା ପାଇଁ କିଛି ନା କିଛି ବାଟ ଫିଟାଏ। ସବୁବେଳେ ପ୍ରକୃତିର ଘରେ ସନ୍ତୁଳନ ରକ୍ଷା ଉଦ୍ଦେଶ୍ୟରେ କିଛି ନା କଛି ଘଟୁଥାଏ। ସବୁ କଥାରେ ଗୋଟେ ସୀମା ଅଛି ଓ ଶେଷ ବି ଅଛି। ବକାସୁର ପ୍ରକୃତିର ନିୟମରୁ ବାହାରେ ବା ରହିପାରିବ କିପରି ?

ଓଃ କି ଦୁଃଖ ! ପାଣ୍ଡବ ପାଞ୍ଚଭାଇ ମଧ୍ୟରୁ ବଳୁଆ ଥିଲେ ଭୀମ। ଗଦା ଠେଙ୍ଗା ଧରିଲେ ଭୀମ, ଜାଣିବା ଆସିଲା ଯମ। ଭୀମର ଠେଙ୍ଗାକୁ ଶତ୍ରୁର ଖୁବ ଭୟ। ଦୁଷ୍ଟକୁ ଭୀମ ଉଚିତ ଶିକ୍ଷା ଦିଏ। ସେ ମଧ୍ୟ କୁସ୍ତିକସରତରେ ଧୁରନ୍ଧର। ଭୀମର ବାହୁବଳ ଓ ସାହସକୁ ପୁଞ୍ଜିକରି କୁନ୍ତି ଦେବୀ ଘର ମାଲିକାଣୀଙ୍କୁ ଆଶ୍ୱାସନା ଦେଲେ। କହିଲେ- ବ୍ୟସ୍ତ ହୁଅନା ଭଉଣୀ। ତୁମ ଘରେ ଆମେ ମୁଣ୍ଡ ଗୁଞ୍ଜିଛୁ। ତୁମେ ଆମକୁ ଠାବ ଦେଇଛ। ଆମେ କୃତଜ୍ଞ। ତୁମ ବିପଦ ଆପଦରେ ମୋ ପୁଅମାନେ ଠିଆ ହେବେ।

ଆଜି ସାଙ୍ଗ ହୋଇ ପିଠାପଣା କରିବା। ପିଠା ଶଗଡ ଭୀମ ନେଇଯାଉ। ତୁମ ପୁଅ ଘରେ ରହୁ। କୁନ୍ତୀଙ୍କ ପରାମର୍ଶ କାର୍ଯ୍ୟକାରୀ ହେବା ନିଶ୍ଚିତ। କଥାବାର୍ତ୍ତାରୁ ଜଣାଗଲା ଯେ ଭୀମସେନ ଏପରି ଏକ ମାତୃ ଆଦେଶକୁ ଅପେକ୍ଷା କରିଛି।

ରାତିପାହି ସକାଳ ହେଲା। ଭୀମ ଶଗଡକୁ ସଫାସଫି କରି ଜୁଆଳି ପାଖରେ ଲଗାଇଲେ ଘାଗୁଡି। ବଳଦ ଦୁହିଁଙ୍କୁ ଆଚ୍ଛା କରି ଖୁଆଇ ପିଆଇ ସେମାନଙ୍କ ବେକରେ ଲଗାଇ ଦେଲେ ଘଣ୍ଟି ଆଉ ଘୁଙ୍ଗୁର। ନିଜ ହାତ-ପାଦରେ ଲଗାଇଲେ ଘୁଙ୍ଗୁର। ଶଗଡ ଉପରେ ମଣ୍ଡା ଟୋକେଇମାନ ଥୁଆଗଲା। ଭୀମସେନ ଆନନ୍ଦରେ ବଳଦ ଅଡେଇ ଗାଡି ଆଗେଇ ନେଲେ। ଶଗଡର ଘାଗୁଡି, ବଳଦ ବେକର ଘଣ୍ଟି ଆଉ ଘୁଙ୍ଗୁର ସହ ଭୀମସେନଙ୍କ ହାତପାଦର ଘୁଙ୍ଗୁର ଆଦି ରଣଝଣ ଶବ୍ଦ କରି ସଂଗୀତ ସୃଷ୍ଟିକଲା। ବଢିଆ

ବାଜଣା। ନ ଚାହିଁଲା ଲୋକେ ବି ଚାହିଁଲେ। ପିଲାଏ ଦାଣ୍ଡକୁ ଧାଉଁଥିଲେ ବାଜଣା ଶୁଣିବାକୁ।

ଓଃ ହୁଁ ଓଃ ଆଜିପରା ଭୀମସେନ ପିଠାନେଇ ଯାଉଛନ୍ତି ବକାସୁର ପାଖକୁ। ବହୁତ ପିଠା। ବଢ଼ିଆ ବଳଦ ବଢ଼ିଆ ଶଗଡ। ତାକତବାଲା ପୁରୁଷ ବି ଗାଡିଚାଳକ। ଦେଖାଯାଉ କଣ ଘଟୁଛି। ପିଠା ଶଗଡ ଲାଗିଲା ବକାସୁର ନଅର ପାଖରେ ଭୀମସେନ କାହାପ୍ରତି ନଜର ନଦେଇ ଗଣ୍ଡା ଗଣ୍ଡା ମଣ୍ଡା ଚଳୁ କରିବାକୁ ଲାଗିଲା। ବକାକୁ ବଡ ଭୋକ। ତା ପାଇଁ ଆସିଥିବା ମଣ୍ଡା ସବୁ ଥଣ୍ଡା ହେଉଚି। ସହିପାରିଲାନି ବକାସୁର। ଗର୍ଜନକଲା।

"କିଏରେ ତୁ ଚଣ୍ଡ! ତୋତେ ଥଣ୍ଡା କରିଦେବି। ମୋ ମଣ୍ଡା ଗିଳିଛୁ? ତୋତେ ଲଣ୍ଡା କରିଦେବି। ଏ ଗୁଣ୍ଡା, ଆଣ ମୋ ମଣ୍ଡା। ନହେଲେ ତୋ' ଶଣ୍ଢା ମୋଡି ଦେବି"। ଭୀମସେନ କିଛି ନବୁଝି ମଣ୍ଡା ଖାଇବାକୁ ଲାଗିଲା।

ଅତଏବ ରଡି କରି ମାଡିଆସିଲା ବକାସୁର। ଭୀମସେନ ଏପରିଏକ ସୁଯୋଗକୁ ଅପେକ୍ଷା କରିଥିଲେ। ଯୁଦ୍ଧଂ ଦେହି ଡାକରା। ବକାସୁର ଭୀମସେନଙ୍କୁ ଘୁସା ମାରିଲେ। ଭୀମ ପାଲଟା ଜବାବ ଦେଲେ। ତାପରେ ଚାଲିଲା ଘୁସାଘୁସି, ମରାମରି, ଧରାଧରି, ଗଡାଗଡି, ତଡାତଡି। ବଳଦ ଦିଇଟା ମୁଣ୍ଡ ହଲାଉଥାନ୍ତି। ଘଣ୍ଟିଘୁଙ୍ଗୁର ବାଜୁଥାଏ। ସତେ ଯେପରି ଯୁଦ୍ଧ ବାଜଣା। ଦୁଇ ଯୋଦ୍ଧା କୁସ୍ତି ଯୁଦ୍ଧରେ ତଳେ ପଡିଗଲେ। ବକାସୁର ରକ୍ତ ବାନ୍ତି କଲା ପଡି ରହିଲା ତଳେ। କେହି ତାକୁ ଭଲ ପାଆନ୍ତି ନାହିଁ। ବଇଦକୁ ଡାକିଲେନି। ଭୂଇଁରେ ପଡି ତାର ପ୍ରାଣଗଲା। ଭୀମସେନ ହାତପାଦ ଧୋଇ ଦେଖଣାହାରୀକୁ ବାଣ୍ଟିଲେ। ପିଲାମାନଙ୍କୁ କହିଲେ- ଯାହା ଅଛି ସବୁତକ ଖାଅ ଟୋକେଇ ଖାଲି କର।

ଏକଚକ୍ରା ନଗରୀର କଣ୍ଟାଗଲା ଜାଣ। ଭୀମସେନଙ୍କ ବଳ ଜଣାଗଲା। ଭୀମସେନର ବଳ କେତେ ତାହା କୁନ୍ତୀ ଜାଣନ୍ତି। ମାଆ ଜାଣେ ପୁଅର ବଳ। ସମସ୍ତେ ଭୀମକୁ ପ୍ରଶଂସା କଲେ। ସେ ଯୁଗରେ ବାହୁବଳ ପ୍ରତି ଆଇନର ସମ୍ମାନ ଥିଲା। ରାଜା ମହାରାଜା ଯୁଗ।

ତେବେ ଦୁରାତ୍ମା ବକାସୁର ନିଜ ମରଣପାଇଁ ଦାୟୀ।

ଦୁରାତ୍ମା ମରଣ ପାଇଁ ନିଜେ ଜାଣ ଦାୟୀ
ବହୁଭୋଜୀ ନିଜ ମୃତ୍ୟୁ ବରଣ କରଇ।

କାହାଣୀରୁ ଶିକ୍ଷା - ପ୍ରକୃତିକୁ ଲୁଣ୍ଠନ କରିବା ଅନୁଚିତ। ପ୍ରକୃତି ପରା ଆମର ମୂଳଧନ। ଖଟି ଖାଇବା, ଲୁଟି କରିନୁହେଁ। ହାକିମାତି ସବୁବେଳେ ରହେନା। ପରିଶ୍ରମର ବିକଳ୍ପ ନାହିଁ। ବକା ନିଜ ପରିଶ୍ରମରେ ବଂଚିଥିଲେ କାହାର କିଛି କହିବାର ବା କରିବାର ନଥିଲା। ଶ୍ରମ ହିଁ ସାର।

ଭୁବନେଶ୍ୱର

# ବେଳହୁଁ ସାବଧାନ

**ଶାନ୍ତନୁ କୁମାର ଷଡ଼ଙ୍ଗୀ**

ନିଶା କବଳରେ ଆଜିର ମଣିଷ
ହେଉଅଛି ଛଟପଟ;
ନିଶାତ ଖାଉଛି ଏବେ ମଣିଷକୁ
ପଛରୁ ମାରୁଛି ଛାଟ ॥

ଖାଇଲେ ଯେ ନିଶା ହେବ ଲୋକହସା
କ୍ଷଣକେ ଜୀବନ ଯିବ;
ତଥାପି ମଣିଷ ଛାଡ଼ି ନପାରୁଛି
ନବଦଳେ ତା'ସ୍ୱଭାବ ॥

ମଣିଷ ଜୀବନ ଅଟଇ ଦୁର୍ଲ୍ଲଭ
ଏକଥା ମନରେ ନାହିଁ;
ନିଶା କବଳରେ ହୋଇ ମସଗୁଲ
ମୃତ୍ୟୁକୁ ରହିଛି ଚହିଁ ॥

ସ୍ନେହ ଓ ମମତା ଉଜୁଡ଼ି ଯାଇଛି
ଉଜୁଳି ଯାଏ ପୀରତି;
ନିଶା କବଳରେ ଆଜିରତ ଝିଅ
ପାଲଟି ଯାଏ ଅସତୀ ॥

ଦୁର୍ଜନ ସହିତ କରିଲେ ତ ବାସ
ହୋଇବତ ସର୍ବନାଶ;
ଅନେକ ରୋଗର ସଞ୍ଚାର ଅଟଇ
କରିଦିଏ ସର୍ବନାଶ ॥

ହାତଯୋଡ଼ି ବନ୍ଧୁ କରୁଛି ମିନତୀ
"ନିଶା" କୁ ତ୍ୟାଗ କରିଲେ;
ନଭେଟିବ କେବେ ମରଣକୁ ପରା
ବେଳହୁଁ ବନ୍ଧ ବାନ୍ଧିଲେ ॥

**ମହିଳୋ : କାଦୁଅପଡ଼ା : ଜଗତସିଂହପୁର**




# ସହରିଆଙ୍କ ଭିଟାମିନ 'ଡି' ନିଅଣ୍ଟ

**ଡକ୍ଟର ମୁରାରି ମୋହନ ଦାଶ**

ଆଜିକାଲି ଚିକିତ୍ସକମାନେ ଭିଟାମିନ 'ଡି' ଅଭାବଜନିତ ରୋଗ ବେଶି ହେବାର ଲକ୍ଷ୍ୟ କରୁଛନ୍ତି ଏବଂ ତାକୁ ଜୀବନଚର୍ଯ୍ୟାର ରୋଗ ଭାବରେ ଆରୋପ କରୁଛନ୍ତି। ଏହା କେବଳ ସେହି ଲୋକମାନଙ୍କୁ ଆକ୍ରମଣ କରେ ଯେଉଁମାନେ ସହରରେ ଘରଭିତରେ କାର୍ଯ୍ୟ କରନ୍ତି। ଭାରତର ଲୋକମାନଙ୍କୁ ଯଥେଷ୍ଟ ପରିମାଣର ସୂର୍ଯ୍ୟ କିରଣ ମିଳୁଥିଲେ ମଧ୍ୟ ୫୦ ପ୍ରତିଶତ ଲୋକ ଦେହବିନ୍ଧା ହେବା ଓ କ୍ଳାନ୍ତି ଲାଗିବା ବିଷୟରେ ଚିକିତ୍ସକଙ୍କ ପାଖରେ ଅଭିଯୋଗ କରିଥାନ୍ତି। ସୂର୍ଯ୍ୟ କିରଣ ପଡିଲେ ଭିଟାମିନ 'ଡି' ଚର୍ମ ପ୍ରସ୍ତୁତ କରେ। କିନ୍ତୁ ଲୋକମାନେ କମ ସମୟ ପାଇଁ ସୂର୍ଯ୍ୟ କିରଣକୁ ଉନ୍ମୁକ୍ତ ରହୁଥିବାରୁ ଏବଂ ସୁଷମ ଖାଦ୍ୟ ଖାଉ ନଥିବାରୁ ଭିଟାମିନ 'ଡି' ଅଭାବ ଜନିତ ରୋଗରେ ପୀଡିତ ହେଉଛନ୍ତି।

ହାଇଦ୍ରାବାଦ 'କେୟାର' ଡାକ୍ତରଖାନାର ଡାକ୍ତର ବିଜୟ ମୋହନ ରେଡି ସୂଚନା ଦେଇ କହିଛନ୍ତି ଯେ ଯେଉଁ ରୋଗୀମାନେ କାରଣ ନ ଥାଇ ଶରୀରରେ ଗଣ୍ଠିବ୍ୟଥା, ପେଶୀରେ ବ୍ୟଥା, ପେଶୀରେ ଯନ୍ତ୍ରଣାଦାୟକ ଆକୁଞ୍ଚନ, ଅଷ୍ଟିଓମାଲେସିଆ (ହାଡ ନରମ ରୋଗ), ଦୀର୍ଘକାଳୀନ ଅବସନ୍ନତା ଇତ୍ୟାଦି ଲକ୍ଷଣର ଅଭିଯୋଗ କରନ୍ତି ସେମାନଙ୍କଠାରେ କାଲସିୟମର ମାତ୍ରା ଠିକ୍ ଥିଲେ ମଧ୍ୟ ଭିଟାମିନ 'ଡି' ର ଅଭାବ ପରିଲକ୍ଷିତ ହୁଏ। ଭିଟାମିନ 'ଡି' କାଲସିୟମର ଅବଶୋଷଣ ପାଇଁ ଜରୁରୀ ହୋଇଥାଏ। ଏହି ଭିଟାମିନର ଅଭାବରେ କାଲସିୟମ ଯେତେ ଖାଇଲେ ମଧ୍ୟ ତାର ପ୍ରଭାବ ଶରୀର ଉପରେ ପଡିନଥାଏ। ଏପରି ରୋଗୀମାନେ ସାଧାରଣତଃ ଗୃହିଣୀ, ବୟସ୍କ ବ୍ୟକ୍ତି, ଖରାକୁ ଜମା ଉନ୍ମୁକ୍ତ ହେଉ ନ ଥିବା କର୍ମଚାରୀ ଓ ସର୍ବଦା ଶରୀରକୁ ଆବୃତ୍ତ କରି ରଖୁଥିବା ବ୍ୟକ୍ତିମାନେ ହୋଇଥାନ୍ତି। ସେମାନେ ସିରମରେ ଭିଟାମିନ 'ଡ୍ରି' କେବେହେଲେ ପରୀକ୍ଷା କରିନଥାନ୍ତି। ୫୦-୭୦ ପ୍ରତିଶତ ରୋଗୀଙ୍କଠାରେ ଭିଟାମିନ 'ଡି' ର ଅଭାବ ଥାଏ। ସେମାନେ ଅଷ୍ଟିଓମାଲେସିଆ, ଭଙ୍ଗୁର ଅସ୍ଥି ଓ ଶରୀରରେ ଯନ୍ତ୍ରଣାର ଲାଘବ ପାଇଁ ସନସ୍କ୍ରିନ ଲୋସନ ନ ଲଗାଇ ସୂର୍ଯ୍ୟ କିରଣକୁ ଉନ୍ମୁକ୍ତ ରହିବା ଉଚିତ। ଆମେ ଚର୍ମ କର୍କଟ ରୋଗ ପ୍ରବଣ ନୁହଁନ୍ତି। କାରଣ ମେଲାନିନ ରଞ୍ଜକ ଆମକୁ ପ୍ରଖର ସୂର୍ଯ୍ୟତାପରୁ ରକ୍ଷାକରେ। ଭିଟାମିନ 'ଡି' ପରିପୂରକ, ଦୁଗ୍ଧଜାତ ଦ୍ରବ୍ୟ, ମାଛ ଓ ଅଣ୍ଡା ଖାଇଲେ ଏହି ଭିଟାମିନର ଅଭାବ ଦୂର ହୁଏ।

ଶୀତ-ଦିନେ ସୂର୍ଯ୍ୟ କିରଣ କମ ମିଳୁଥିବାରୁ ଚର୍ମ ଭିଟାମିନ 'ଡି' ପ୍ରସ୍ତୁତ କରିପାରେ ନାହିଁ। ତେଣୁ ଗଣ୍ଠି ଦରଜ ହୁଏ ଓ ପେଶୀ ଠିକ ଭାବେ କାର୍ଯ୍ୟ କରେ ନାହିଁ। ଭିଟାମିନ 'ଡି' ହାଡକୁ ଭଙ୍ଗୁର ହେବାକୁ ଦିଏ ନାହିଁ। ଉଚ୍ଚରକ୍ତ ଚାପ, ଡାଇବେଟିସ, ଷ୍ଟ୍ରୋକ ଓ ହୃଦଘାତ ଭିଟାମିନ 'ଡି'ର ଅଭାବରୁ ହୋଇଥାଏ। ଜଣେ ବୟସ୍କ ବ୍ୟକ୍ତିର ଦିନକୁ ୧୦୦୦ ଆଇୟୁର ଭିଟାମିନ ଆବଶ୍ୟକ ହୁଏ। ୬୦ ବର୍ଷରୁ ଉର୍ଦ୍ଧ ବୟସର ଲୋକମାନେ ୧୨୦୦ ଆଇୟୁ IU ଭିଟାମିନ 'ଡି' ଆବଶ୍ୟକ କରନ୍ତି। ଏହାକୁ ଓମେଗା-୩ ଫ୍ୟାଟି ଏସିଡ ସହିତ ମିଶାଇ ଖାଇଲେ ଭଲ ଭାବରେ ଅବଶୋଷିତ ହୋଇଥାଏ।




କାଲସିୟମ ବଟିକା କିଣିଲାବେଳେ ଯେଉଁ ବଟିକାରେ କାଲସିୟମ ସହିତ ମାଗ୍ନେସିୟମ ଓ ଭିଟାମିନ 'ଡି' ରହିଛି ସେପରି ବଟିକା କିଣିବା ଉଚିତ। କାଲସିୟମ 'ସାଇଟ୍ରେଟ' ଆକାରରେ ଶୀଘ୍ର ଅବଶୋଷିତ ହୁଏ। ବଟିକାଖାଇବା ମଝିରେ ମଝିରେ ବନ୍ଦ କରିବା ଉଚିତ। ଦୁଗ୍ଧ ସହିତ କାଲସିୟମ ବଟିକା ନଖାଇଲେ ଭଲ।

**ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଲୋକପ୍ରିୟ ବିଜ୍ଞାନ ଲେଖକ**
**ଜି-ଏଲ-୧, ଭି.ଏସ.ଏସ.ନଗର**
**ଭୁବନେଶ୍ୱର-୭**

# ଦେହାତୀତ

ଦେବଯାନୀ ରାୟ

ସେଇ ନିଟୋଳ ରୂପରେ
ସମର୍ପି ଦେଇ ନିଜକୁ
ସ୍ୱପ୍ନ ଡ଼େଣାରେ ରଙ୍ଗ ମାଖିଛି
ବିଭୋର ପଣର
ଅବଚେତନାରେ ରହିଁଛି
ତୋ ଦେହବେଦୀର ମୁଖଶାଳାକୁ ..... ।

ପୁଣି ବି ସାଉଁଟିଛି
ନିଃ... ସ୍ୱ... ହେବାର ଧୃଷ୍ଟତା
ଉପଲବ୍ଧ କରିଛି
ଅସ୍ଥିମଜ୍ଜାରେ ପ୍ରତିଟି ରକ୍ତକଣିକାକୁ...... ।

ଶତପଦ୍ମରେ ଭାସ୍ୱର
ଦୀପ୍ତିମନ୍ତ ନିଶବ୍ଦ ସ୍ୱରର
ଚିର ଇପ୍ସିତ ମାର୍ଗ - ମାର୍ଗାନ୍ତରରୁ
ଆସିବାକୁ ହେବ
ଆଲୋକର ବର୍ଣ୍ଣବିଭାକୁ...... ।

ପ୍ରଜ୍ଞା - ପାଣ୍ଡିତ୍ୟର କପଟ ପ୍ରବଞ୍ଚନା
ସରଳ ଶଠତା ଭେଦି
ପାପ - ପୁଣ୍ୟ
ନୀତି - ଅନୀତି
ରିଆଜ ସୁର୍‌ର ଧାରେ
ଊର୍ଦ୍ଧ୍ୱତାର ଗର୍ଭ ଗୃହର
ଗୁଞ୍ଜରିତ ପ୍ରଣବ ମନ୍ତ୍ର
ଦେହଂ ଦେହୀର ଓଁ କାର
ନିଜ ସ୍ୱରର ଅନ୍ତଃକରଣରେ
ଦକ୍ଷ ଅଲଂଘ୍ୟତାରେ
ଦେହାହୀତ ହେବାକୁ...... ।

ଜଟଣୀ, ଖୋର୍ଦ୍ଧା

# ଜୀବନ ପଥରେ

ତ୍ରିଲୋଚନ ଦାସ

ଜୀବନ ପଥରେ ଅଶାନ୍ତିର ଝଡ଼
ଏ ମଣିଷ ଦିଗ ହରା,
ଜୀବନ ଜୁଇରେ ଜଳୁଛି ସଂସାର
ଅସରା ଦୁଃଖରେ ଭରା ।।୦।

ମିଛ ଦୁନିଆରେ କେହି ନୁହେଁ କା'ର
ସବୁ ଏଠି କ୍ଷଣିକର,
ଲୋଭ ମୋହମାୟା କବଳରେ ପଡ଼ି
କପାଳେ ମାରୁଛି କର,
ଭାରି ଅଙ୍କା ବଙ୍କା ଏ ଜୀବନ ନଈ
ଦୁଃଖର ସୁଖର ଧାରା
ଜୀବନ ପଥରେ ଅଶାନ୍ତିର ଝଡ଼
ଏ ମଣିଷ ଦିଗ ହରା ।।୧।

ଆଜି ମଲେ କାଲି ହେବ ଦୁଇଦିନ
ସଙ୍ଗତେ ନ ଯିବେ କେହି,
ଧନ ଦଉଲତ ଯାହା ଅରଜିଛ
ସାଥେ କିଛି ନେବ ନାହିଁ,
ତଥାପି ମଣିଷ ବୃଥା ଅହଂକାରେ
ଧରାକୁ ମଣଇ ସରା,
ଜୀବନପଥରେ ଅଶାନ୍ତିର ଝଡ଼
ଏ ମଣିଷ ଦିଗ ହରା ।।୨।

ଜନମ ହୋଇଲେ ମରଣ ଅବଶ୍ୟ
ଏହା ସତ୍ୟ ଚିରନ୍ତନ,
ମରିଗଲା ପରେ ମରଣ ହିଁ କରେ
ଜୀବନର ଜୟଗାନ,
ହେଲେ ଏ ମଣିଷ ମରଣକୁ ଲୁଚି
ଜଳୁଛି ଜୀବନ ସାରା
ଜୀବନ ପଥରେ ଅଶାନ୍ତିର ଝଡ଼,
ଏ ମଣିଷ ଦିଗ ହରା ।।୩।

ଖୋରଧା
ଦୂରଭାଷ-୯୮୫୩୫୩୫୦୯୫

# ଏଚ.ଆଇ.ଭି / ଏଡ଼ସ

✍ ଡକ୍ଟର ଧନେଶ୍ୱର ସାହୁ





ଥାଇରଏଡ଼ ପ୍ରୋଫାଇଲ ବା ଥାଇରଏଡ଼ ପ୍ୟାନେଲ ବା ଥାଇରଏଡ଼ ଫଙ୍କସନ ଷ୍ଟେଟ ହେଉଛି ଥାଇରଏଡ଼ ଗ୍ଲାଣ୍ଡପାଇଁ ରକ୍ତରେ କେତେଗୁଡ଼ିଏ ହରମୋନ ପରୀକ୍ଷା। ସେ ପରୀକ୍ଷାଗୁଡ଼ିକ ହେଲା ରକ୍ତରେ କେତେ ପରିମାଣରେ ଟ୍ରାଇଆଇଓଡ଼ୋଥାଇରୋନିନ ଟିଓ (Triiodothyronin - T3), ଟେଟ୍ରାଆଇଡ଼ୋଥାଇରୋନିନ କିମ୍ବା ଥାଇରୋକ୍ସିନ ଟି୪ (Tetraiodothyronin or Thyroxin - T4), ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନ (Thyroid Stimulating Hormone - TSH ) ଅଛି ତାହା ଜାଣିବା।

## ଥାଇରଏଡ଼ ପ୍ରୋଫାଇଲ କରିବାର ଉଦ୍ଦେଶ୍ୟ :-

- ଏହାଦ୍ୱାରା ଥାଇରଏଡ଼ ଗ୍ଲାଣ୍ଡର କାର୍ଯ୍ୟକାରିତା ଓ ଥାଇରଏଡ଼ ରୋଗ ବିଷୟରେ ଜଣାଯାଏ।
- ଥାଇରଏଡ଼ ରୋଗୀମାନଙ୍କର ଚିକିତ୍ସା ଯାଞ୍ଚ କରାଯାଏ ।
- ପିଲା ନହେବାର କାରଣପାଇଁ ଅନୁସନ୍ଧାନ କରାଯାଏ ।

## ଥାଇରଏଡ଼ ଗ୍ଲାଣ୍ଡ ସଂପର୍କରେ କେତେକ ଜାଣିବା କଥା :-

- ଥାଇରଏଡ଼ ଗ୍ଲାଣ୍ଡ ଏକ ଛୋଟ ଗ୍ଲାଣ୍ଡ। ଏହା ବେକର ତଳ ଅଂଶରେ ଆଡ଼ାମସ୍ ଆପଲ ତଳେଥାଏ। ଏହା ଦେଖିବାକୁ ପ୍ରଜାପତି ପରି। ଏହାର ଓଜନ ୨୦ ଗ୍ରାମରୁ ୬୦ ଗ୍ରାମ ।
- ଥାଇରଏଡ଼ ଗ୍ଲାଣ୍ଡ ଦୁଇଗୋଟି ହରମୋନ ତିଆରି କରେ। ସେଗୁଡ଼ିକ ହେଲା ଟ୍ରାଇଆଇଓଡ଼ୋଥାଇରୋନିନ ଟିଓ (Triiodothyronin - T3), ଟେଟ୍ରାଆଇଡ଼ୋଥାଇରୋନିନ କିମ୍ବା ଥାଇରୋକ୍ସିନ ଟି୪ (Tetraiodothyronin or Thyroxin - T4) ।
- ଟି୪ ରକ୍ତରେ ୯୯.୯% ଥିବାବେଳେ ଟିଓ ରକ୍ତରେ ୦.୧% ଥାଏ।
- ଟିଓ ଓ ଟି୪ ରକ୍ତରେ ଦୁଇପ୍ରକାର ଉପାୟରେ ରହେ। ସେଗୁଡ଼ିକ ହେଲା

## ୧. ବାଉଣ୍ଡ ଫର୍ମ -

ଏହା ରକ୍ତରେ ଥିବା ପ୍ରୋଟିନ ସହ ବାନ୍ଧି ହୋଇଥାଏ। ଏହାଦ୍ୱାରା ଏହା ଶରୀରରେ ଟିସୁ ଭିତରକୁ ପ୍ରବେଶ କରିପାରେ ନାହିଁ। ତିନିପ୍ରକାରର ପ୍ରୋଟିନଦ୍ୱାରା ହରମୋନ ବାନ୍ଧିହୋଇ ରହିଥାଏ। ସେ ପ୍ରୋଟିନଗୁଡ଼ିକ ହେଲା - ଆଲବୁମିନ, ଟ୍ରାନସଥାଇରେନିନ (Transthyrenin) ଓ ଥାଇରେକ୍ସିନ ବାଇଣ୍ଡିଙ୍ଗ ଗ୍ଲୋବୁଲିନ (Thyroxine Binding Globulin - TBG) କିମ୍ବା ଥାଇରଏଡ଼ ହରମୋନ ବାଇଣ୍ଡିଙ୍ଗ ଗ୍ଲୋବୁଲିନ। ୯୯.୯୯% ହରମୋନ ବାଉଣ୍ଡଫର୍ମରେ ଥାଏ।

## ୨. ଫ୍ରି ଫର୍ମ :-

ଏହା ଫ୍ରି ଥାଏ। ଏହା ପ୍ରୋଟିନ ସହ ବାନ୍ଧିହୋଇ ନଥାଏ। ଯେତେବେଳେ ଦରକାର ପଡ଼େ ଏହା ଶରୀରର ଟିସୁ ଭିତରକୁ ପ୍ରବେଶ କରେ। ୦.୦୧% ହରମୋନ ଫ୍ରି ଫର୍ମରେ ଥାଏ।

- ଟି୪ ହେଉଛି ଇନାକ୍ଟିଭ (Inactive) ହରମୋନ। ଟିଓ ହେଉଛି ଆକ୍ଟିଭ (Active) ହରମୋନ। ଥାଇରଏଡ଼ ଗ୍ଲାଣ୍ଡରୁ ୧୫% ଟିଓ ସିଧା ଆସେ। ୮୫% ଟିଓ ଟି୪ ରୁ ଟିଓ ପରିବର୍ତ୍ତିତ ହୁଏ।
- ଟିଓ ହରମୋନରେ ତିନିଗୋଟି ଆଇଓଡ଼ିନ ମଲିକୁଲ ଅଛି। ଟି୪ ହରମୋନରେ ଚାରିଗୋଟି ଆଇଓଡ଼ିନ ମଲିକୁଲ ଅଛି। ଥାଇରଏଡ଼ ଗ୍ଲାଣ୍ଡ ଖାଦ୍ୟରୁ ମିଳୁଥିବା ଆଇଓଡ଼ିନ ବ୍ୟବହାର କରେ।
- ଟୋଟାଲ ଟି୪ = ବାଉଣ୍ଡ ଟି୪ + ଫ୍ରି ଟି୪

  ଟୋଟାଲ ଟିଓ = ବାଉଣ୍ଡ ଟିଓ + ଫ୍ରି ଟିଓ
- ବ୍ରେନରେ ଥିବା ହାଇପୋଥାଲାମସ ଓ ପିଟ୍ୟୁଟାରି ଗ୍ଲାଣ୍ଡଦ୍ୱାରା ଥାଇରଏଡ଼ ଗ୍ଲାଣ୍ଡରେ ଥାଇରଏଡ଼ ହରମୋନ ତିଆରି ନିୟନ୍ତ୍ରିତ ହୁଏ। ହାଇପୋଥାଲାମସ ଥାଇରୋଟ୍ରୋପିନ ରିଲିଜିଙ୍ଗ ହରମୋନ (Thyrotropin Releasing Hormone - TRH) ରକ୍ତକୁ ଛାଡ଼େ ଓ ପିଟ୍ୟୁଟାରି

ଗ୍ଲାଣ୍ଡକୁ କୁହେ ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନ ବା ଥାଇରୋଟ୍ରୋପିନ (Thyroid Stimulating Hormone or Thyrotropin - TSH) ରକ୍ତକୁ ଛାଡ଼ିବାକୁ। ପିଟ୍ୟୁଟାରି ଗ୍ଲାଣ୍ଡ ରକ୍ତକୁ ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନ ଛାଡ଼େ ଓ ଥାଇରଏଡ଼ ଗ୍ଲାଣ୍ଡକୁ କୁହେ ଥାଇରଏଡ଼ ହରମୋନ ଟି୩, ଟି୪ ରକ୍ତକୁ ଛାଡ଼ିବାକୁ। ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନଠାରୁ ନିର୍ଦ୍ଦେଶପାଇ ଥାଇରଏଡ଼ ଗ୍ଲାଣ୍ଡ ରକ୍ତକୁ ଟି୩ ଓ ଟି୪ ଛାଡ଼େ। ଯେ କୌଣସି ଯାଗାରେ ଅସୁବିଧା ହୋଇପାରେ।

Feed back system ଶରୀରରେ ଅଛି। ଯାହାଫଳରେ ଥାଇରଏଡ଼ ହରମୋନ ସ୍ତର ପରିମାଣ ରକ୍ତରେ ରହେ। ଯେତେବେଳେ ରକ୍ତରେ ଥାଇରଏଡ଼ ହରମୋନ ସ୍ତର କମିଯାଏ ସେତେବେଳେ ହାଇପୋଥାଲାମସ ଉତ୍ତେଜିତ ହୋଇ TRH ପିଟ୍ୟୁଟାରି ଗ୍ଲାଣ୍ଡକୁ ପଠାଏ। ଫଳରେ ପିଟ୍ୟୁଟାରି ଗ୍ଲାଣ୍ଡ ଉତ୍ତେଜିତ ହୋଇ TSH ଥାଇରଏଡ଼ ଗ୍ଲାଣ୍ଡକୁ ପଠାଏ। ଥାଇରଏଡ଼ ଗ୍ଲାଣ୍ଡ ଟି୩, ଟି୪ ରକ୍ତକୁ ଛାଡ଼େ। ଯେତେବେଳେ ରକ୍ତରେ ଥାଇରଏଡ଼ ହରମୋନ ସ୍ତର ବଢ଼ିଯାଏ, ସେତେବେଳେ Feed back system କାମକରେ। ଏହିଭଳି ଭାବରେ ଶରୀରରେ ଏହା ଲାଗିରହିଛି।

## ଥାଇରଏଡ଼ ହରମୋନର କାମ କ'ଣ :-

- ଏହା ଶରୀରରେ ମେଟାବୋଲିଜିମ, ଶକ୍ତି ଉତ୍ପାଦନ, ମେଟାବୋଲିକ ରେଟ, ଗ୍ରୋଥ ଓ ଡ଼େଭଲପମେଣ୍ଟ ପାଇଁ ଦରକାର।
- ଏହା ଶରୀରକୁ ଆଡ୍ରିନାଲିନ (Adrenaline) ଓ ଡ଼ୋପାମିନ (Dopamine) ଉତ୍ପାଦନ କରିବାରେ ସାହାଯ୍ୟ କରେ। ଏହା ଶରୀରରେ ଭୟ, ଉତ୍ତେଜିତ ଅବସ୍ଥା ଓ ଖୁସି ଇତ୍ୟାଦି ସୃଷ୍ଟିକରେ।

## ହାଇପୋଥାଇରଏଡ଼ିଜିମ (Hypothyroidism) :-

ଯଦି ଥାଇରଏଡ଼ ଗ୍ଲାଣ୍ଡ କମ ପରିମାଣର ଥାଇରଏଡ଼ ହରମୋନ ତିଆରି କରି ରକ୍ତକୁ ପଠାଏ ତେବେ ତାକୁ ହାଇପୋଥାଇରଏଡ଼ିଜିମ କୁହାଯାଏ। ଏଥିରେ ବିଭିନ୍ନ ସଙ୍କେତ ଓ ଲକ୍ଷଣ ଦେଖାଯାଏ । ସେଗୁଡ଼ିକ ହେଲା :-

- ଓଜନ ବଢ଼େ ।
- ଦୁର୍ବଳ ଲାଗେ ।
- ଥାଇରଏଡ଼ ଗ୍ଲାଣ୍ଡ ବଡ଼ ଦେଖାଯାଏ।
- କୋଲଡ଼ ସେନସିଟିଭିଟି କିମ୍ବା ଇନଟଲେରାନସ ଟୁ କୋଲଡ଼ (Intolerance to cold) ଥଣ୍ଡା ଅନୁଭବ କରେ। ଥଣ୍ଡା ସହ୍ୟ କରିପାରେନା ।
- ବାଳ ଝଡ଼େ। ବାଳ ଶୁଖିଲା ଦେଖାଯାଏ। ବାଳ ଭାଙ୍ଗିଯାଏ।
- ଚର୍ମ ଶୁଖିଲା ଦେଖାଯାଏ। ଚର୍ମ କୁଣ୍ଡେଇ ହୁଏ।
- ମାଂସପେଶୀ ଓ ଗଣ୍ଠି ଦୁର୍ବଳ ଲାଗେ ଓ ବ୍ୟଥା ହୁଏ।
- ନଖ ଭାଙ୍ଗିଯାଏ ।
- ରକ୍ତରେ କଲିଷ୍ଟେରଲ ବଢ଼ିଯାଏ ।
- ଚିଡ଼ିଚିଡ଼ା ଲାଗେ।
- ହୃତପିଣ୍ଡ ରେଟ କମିଯାଏ ।
- ମେନସ୍ଟ୍ରୁଆଲ ସାଇକେଲ ଇରେଗୁଲାର ହୁଏ ଓ ଅଧିକ ରକ୍ତସ୍ରାବ ହୁଏ।
- କନଷ୍ଟିପେସନ ବା କୋଷ୍ଠକାଠିନ୍ୟ ହୁଏ।
- ସ୍ୱାଭାବିକ ଭାବରେ ସେକ୍ସୁଆଲ କାମ କରିବାରେ ବିଫଳ ହୁଏ।
- ସ୍ଫୁର୍ତ୍ତିହୀନତା ଓ ନିମ୍ନାଭିମୁଖୀ ଦେଖାଯିବା।
- ମନେରଖିବା ଓ ଏକାଗ୍ରତାରେ ଅସୁବିଧା ହେବା ।

## ହାଇପରଥାଇରଏଡ଼ିଜିମ(Hyperthyroidism) :-

ଯଦି ଥାଇରଏଡ଼ ଗ୍ଲାଣ୍ଡ ଅଧିକ ପରିମାଣର ଥାଇରଏଡ଼ ହରମୋନ ତିଆରିକରି ରକ୍ତକୁ ପଠାଏ ତେବେ ତାକୁ ହାଇପରଥାଇରଏଡ଼ିଜିମ କୁହାଯାଏ। ଏଥିରେ ବିଭିନ୍ନ ସଂକେତ ଓ ଲକ୍ଷଣ ଦେଖାଯାଏ । ସେଗୁଡ଼ିକ ହେଲା -

- ଓଜନ କମେ।
- ଥାଇରଏଡ଼ ଗ୍ଲାଣ୍ଡ ବଡ଼ ଦେଖାଯାଏ ।
- ହିଟ ସେନସିଟିଭିଟି ବା ଇନଟଲେରାନସ ଟୁ ହିଟ (Intolerance to heat) - ଗରମ ଅନୁଭବ କରେ। ଗରମ ସହ୍ୟ କରିପାରେନା।
- ହାର୍ଟ ବିଟ୍ ଅଧିକ ହୁଏ। ଇରେଗୁଲାର ହାର୍ଟବିଟ୍ ହୁଏ। ଆଟ୍ରିଆଲ ଫବ୍ରିଲେସନ, କଂଜେଷ୍ଟିଭ ହାର୍ଟ ଫେଲୁର ହୁଏ।
- ଅଧିକ ଝାଳ ବାହାରେ ।
- ହାତ ଥରେ (Tremor)।
- ଚିଡ଼ିଚିଡ଼ା ହୁଏ।
- ଭୋକ ଅଧିକ ହୁଏ।
- ଅସ୍ଥିର ଓ ଭୟଗ୍ରସ୍ତତା (Restlessness & Nervousness)ହୁଏ।
- ଏକାଗ୍ରତା କରିପାରେନା। ଜ୍ଞାନଶୂନ୍ୟ ହେବା। ହାଇ ଆଂଗଜାଇଟ ହେବା ।
- ଦୁର୍ବଳ ଲାଗିବା।
- ନିଦ ନହେବା ।
- ବାଳ ଝଡ଼େ । ବାଳ ଭାଙ୍ଗିଯାଏ । ବାଳ ଫାଇନ ହୁଏ।
- ଚର୍ମ ଗରମ ଲାଗେ, କୁଣ୍ଡେଇ ହୁଏ ଓ ଲାଲ ଦେଖାଯାଏ।
- ବାନ୍ତି ଲାଗେ ଓ ବାନ୍ତି ହୁଏ।
- ଝାଡ଼ା ହୁଏ।
- ପୁରୁଷଙ୍କ ବ୍ରେଷ୍ଟ ବଢ଼େ ।
- ମୁଣ୍ଡ ବୁଲେଇ ହୁଏ ।
- ପ୍ରଶ୍ୱାସ ଓ ଶ୍ୱାସ ନେବା ଛାଡ଼ିବାରେ କଷ୍ଟ ହେବା ।
- ରକ୍ତଚାପ ବଢ଼େ ।
- ମେନସ୍ଟ୍ରୁଆଲ ସାଇକଲ - ସର୍ଟ ଓ ଲାଇଟ ମେନସ୍ଟ୍ରୁଏସନ।

- ଆଖି ବାହାରକୁ ବାହାରିଯାଏ।
- ମାଂସପେଶୀକୁ ଦୁର୍ବଳ ଲାଗେ।
- ମୁଣ୍ଡ ବୁଲେଇ ହୁଏ।
- ରକ୍ତରେ କଲିଷ୍ଟେରଲ ପରିମାଣ କମିଯାଏ ।

## ସାଧାରଣ ଭାବରେ ରକ୍ତରେ ଥିବା ଟି୩ :-

୮୦ - ୨୨୦ ନାନୋଗ୍ରାମ ଡ଼େସିଲିଟର ରକ୍ତରେ । (ng/dl)

| ବୟସ | ରେଫରେନସ ରେଞ୍ଜ |
|---|---|
| < ୧ ମାସ | କିଛି ଜଣାନାହିଁ |
| ୧ - ୨୩ ମାସ | ୧୧୭ - ୨୩୯ ng/dl |
| ୨ - ୧୨ ବର୍ଷ | ୧୦୫ - ୨୦୭ ng/dl |
| ୧୩ - ୨୦ ବର୍ଷ | ୮୬ - ୧୯୨ ng/dl |
| > ୨୦ ବର୍ଷ | ୭୬ - ୧୮୧ ng/dl |

## ସାଧାରଣ ଭାବରେ ରକ୍ତରେ ଥିବା ଟି୪ (T4) :-

୪.୫ - ୧୪.୧୦ ମାଇକ୍ରୋଗ୍ରାମ ଡ଼େସିଲିଟର ରକ୍ତରେ (mcg/dl or Hg/dl) ।

## ସାଧାରଣ ଭାବରେ ରକ୍ତରେ ଥିବା ଥାଇରଏଡ଼ ଷ୍ଟିମୁଲେଟିଙ୍ଗ ହରମୋନ (TSH) :-

୦.୨୭ - ୪.୫ ମିଲି ଇଣ୍ଟରନେସନାଲ ଇଉନିଟସ ଲିଟର ରକ୍ତରେ (mlu/L) ।

| **ବୟସ** | **ରେଫରେନସ ରେଂଜ** |
|---|---|
| ଜନ୍ମର ପ୍ରଥମ ସପ୍ତାହ ପ୍ରିମାଚ୍ୟୁର ପିଲାର | ୦.୨୦ - ୨୭.୯୦ mlu/L |
| ସାଧାରଣ ଟର୍ମ ପିଲାର କର୍ଡ଼ ରକ୍ତ | ୧ - ୩୯ mlu/L |
| ୧ - ୨ ଦିନ ପିଲାର | ୩.୨୦ - ୩୪.୬୦ mlu/L |
| ୩ - ୪ ଦିନ ପିଲାର | ୦.୭୦ - ୧୫.୪୦ mlu/L |
| ୫ ଦିନରୁ ଚାରି ସପ୍ତାହ | ୧.୭୦ - ୯.୧୦ mlu/L |
| ୧ - ୧୧ ମାସ | ୦.୮୦ - ୮.୨୦ mlu/L |
| ୧ - ୧୯ ବର୍ଷ | ୦.୫୦ - ୪.୩୦ mlu/L |
| ୨୦ ଓ >୨୦ ବର୍ଷ | ୦.୪୦ - ୪.୫୦ mlu/L |
| ଗର୍ଭ ସମୟରେ - | |
| ୧ମ ଟ୍ରାଇମେଷ୍ଟର | ୦.୨୬ - ୨.୬୬ mlu/L |
| ୨ୟ ଟ୍ରାଇମେଷ୍ଟର | ୦.୫୫ - ୨.୭୩ mlu/L |
| ୩ୟ ଟ୍ରାଇମେଷ୍ଟର | ୦.୪୩ - ୨.୯୧ mlu/L |

## ଥାଇରଏଡ଼ ପ୍ରୋଫାଇଲ ସମ୍ବନ୍ଧରେ କିଛି ସମାଲୋଚନା :-

(୧) ରକ୍ତରେ ଯଦି ଟି୩ ଓ ଟି୪ କମ ରହେ, TSH ଅଧିକ ରହେ ତେବେ ତାକୁ ହାଇପୋଥାଇରଏଡ଼ିଜିମ କୁହାଯାଏ।

(୨) ରକ୍ତରେ ଯଦି ଅଧିକ ଟି୩ ଓ ଟି୪ ରହେ, TSH କମ ରହେ, ତେବେ ତାକୁ ହାଇପରଥାଇରଏଡ଼ିଜିମ କୁହାଯାଏ।

(୩) ରକ୍ତରେ ଯଦି ନରମାଲ ଟି୩ ଓ ଟି୪ ରହେ, TSH ଅଧିକ ରହେ ତେବେ ତାକୁ ମାଇଲଡ଼ ବା ସବ୍‌କ୍ଲିନିକାଲ ହାଇପୋଥାଇରଏଡ଼ିଜିମ କୁହାଯାଏ।

(୪) ରକ୍ତରେ ଯଦି ନରମାଲ ଟି୩ ଓ ଟି୪ ରହେ, TSH କମ ରହେ ତେବେ ତାକୁ ମାଇଲଡ଼ ବା ସବ୍‌କ୍ଲିନିକାଲ ହାଇପରଥାଇରଏଡ଼ିଜିମ କୁହାଯାଏ।

(୫) ରକ୍ତରେ ଯଦି ଟି୩ ଓ ଟି୪ କମ୍ କିମ୍ବା ନରମାଲ, TSH କମ ରହେ ତେବେ ତାହାକୁ ନନଥାଇରଏଡ଼ାଲ ହାଇପୋଥାଇରଏଡ଼ିମ କୁହାଯାଏ ।

(୬) ରକ୍ତରେ ଯଦି ଟି୩ ଓ ଟି୪ ଅଧିକ ରହେ, TSH ନରମାଲ ଥାଏ ତେବେ ତାହାକୁ ଥାଇରଏଡ଼ ହରମୋନାଲ ରେଜିଷ୍ଟାନସ କୁହାଯାଏ।

ଯଦି କୌଣସି ଲୋକର ଓଜନ ବଢ଼େ କିମ୍ବା କମେ, ବାଳ ଝଡ଼େ, ଚର୍ମ ଶୁଖିଲା ଓ ଲାଲ ଦେଖାଯାଏ, ଥାଇରଏଡ଼ ଗ୍ଲାଣ୍ଡ ବଡ଼ ଦେଖାଯାଏ, ମାଂସପେଶୀ ଓ ଗଣ୍ଠି ଦୁର୍ବଳ ଲାଗେ, ବ୍ୟଥା ହୁଏ ଓ ନଖ ଭାଙ୍ଗିଯାଏ, ହୃତପିଣ୍ଡ ରେଟ କମିଯାଏ କିମ୍ବା ବଢ଼ିଯାଏ, ରକ୍ତଚାପ ବଢ଼େ କିମ୍ବା କମେ, ହାତଥରେ, ଚିଡ଼ିଚିଡ଼ା ପ୍ରକୃତି ଦେଖାଯାଏ, ମେନସ୍ଟ୍ରୁଆଲ ସାଇକଲ ଇରେଗୁଲାର ହୁଏ, ଅଧିକ କିମ୍ବା କମ୍ ରକ୍ତସ୍ରାବ ହୁଏ, ସେକ୍ସୁଆଲ ଡିଫେକସନ ହୁଏ, ଏକାଗ୍ରତା ଓ ମନେରଖିବାରେ ଅସୁବିଧା ହୁଏ, ଝାଡ଼ା ହୁଏନି କିମ୍ବା ଝାଡ଼ା ହୁଏ, ସିଏ ଗରମ କିମ୍ବା ଥଣ୍ଡା ସହିପାରେନା ତେବେ ଡାକ୍ତରଙ୍କୁ ପରାମର୍ଶ କରି ଥାଇରଏଡ଼ ପ୍ରୋଫାଇଲ କରିବା ଉଚିତ୍। ପରୀକ୍ଷାରୁ ଯାହା ବାହାରିବ ତାହା ଅନୁସାରେ ଚିକିତ୍ସା କରିବା ଉଚିତ୍। ନଚେତ୍ ବିପଦ ଆସିପାରେ। ମୋ ମତରେ ସମସ୍ତେ ମଝିରେ ମଝିରେ ଥାଇରଏଡ଼ ପ୍ରୋଫାଇଲ କରିବା ଉଚିତ ।

ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଖୋରଧା



# ଗୋଟେ ନମସ୍କାର ପାଇଁ

ଇଂ ସତ୍ୟବ୍ରତ ରଥ

ଆମ ସଂସ୍କୃତିରେ ଗୁରୁ, ଗୁରୁଜନମାନଙ୍କୁ ସମ୍ମାନ ଜଣାଇବା ପାଇଁ ନମସ୍କାରର ପ୍ରଚଳନ ରହି ଆସିଛି। ନମସ୍କାରର ପ୍ରତିଦାନରେ ଗୁରୁ, ଗୁରୁଜନମାନେ ଆଶୀର୍ବାଦ ଦେଇଥାଆନ୍ତି। ସମବୟସ୍କ ସାଙ୍ଗସାଥୀ ମଧ୍ୟ ପରସ୍ପରକୁ ନମସ୍କାର କରିଥାଆନ୍ତି। ନମସ୍କାରର ଏକ ଅର୍ଥ ହେଲା ନମ୍ରତା ବା ନମନୀୟତା ପ୍ରଦର୍ଶନ କରିବା। ପାଦ ଛୁଇଁ ନମସ୍କାର କରିବାକୁ ପ୍ରଣାମ କୁହାଯାଏ। କେହି କେହି ନମସ୍କାର ବଦଳରେ ଜୁହାର କହିଥାଆନ୍ତି।

ନମସ୍କାର ବା ପ୍ରଣାମ ଶିଷ୍ଟାଚାରର ପ୍ରଥମ ପାହଚ। ଏଥିରେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଜଣାଇବାର ଭାବ ଥାଏ। ସକାଳୁ ଉଠି ପ୍ରତିଦିନ ପିତାମାତାଙ୍କୁ ନମସ୍କାର କରିବା ଏକ ସୁସ୍ଥ ପରଂପରା। ସମୟ କ୍ରମେ ସେ ପରଂପରା ନଷ୍ଟଭ୍ରଷ୍ଟ ହୋଇଯାଇଛି।

ଶ୍ରଦ୍ଧା, ଭକ୍ତି ଓ ନମ୍ରତାର ସହିତ ନମସ୍କାର କରିବାର ଅନେକ ମୂଲ୍ୟ ରହିଛି। ଏହା କେବେ ନିଷ୍ଫଳ ନୁହେଁ। ଭ୍ରମ ବଶତଃ ଜଣେ ଅଜ୍ଞାତ ବ୍ୟକ୍ତିଙ୍କୁ ନମ୍ରତାର ସହିତ ନମସ୍କାର କରି ଛୋଟ ପିଲାଟିଏ କିଭଳି ବହୁ ଗୌରବର ଅଧିକାରୀ ହୋଇ ପାରିଥିଲା, ତାହାର ଏକ ଉଦାହରଣ ରହିଛି।

ପିଲାଟିର ନାଆଁ ଭୈରୋଦାନ। ଶାନ୍ତଶିଷ୍ଟ, ପରିଶ୍ରମୀ ଉତ୍ତମ ଆଚରଣଶୀଳ ବାଳକ। ଘରେ କର୍ମ କୁଶଳୀ ମାଆ ଓ ରୋଗଣା ବାପା। ତାଙ୍କର ଗୋଟିଏ ସୁନ୍ଦର ଫୁଲ ବଗିଚା ଥିଲା। ମାଆ ଭୋରରୁ ଉଠି ଫୁଲ ତୋଳି ମାଳ ଗୁନ୍ଥି ବସନ୍ତି। ଭୈରୋଦାନ ଡାଲାରେ ଫୁଲମାଳ ଓ ଫୁଲ ନେଇ ମନ୍ଦିର ବେଢ଼ାରେ ବସି ବିକ୍ରି କରେ। ମନ୍ଦିରର ପୂଜକ ଭୈରୋଦାନଙ୍କୁ ଖୁବ ଆଦର କରନ୍ତି ଓ ତାକୁ ଅନେକ ବିଷୟରେ ଶିକ୍ଷା ଦିଅନ୍ତି। ପିଲାଟି ଫୁଲ ବିକ୍ରି କରିସାରି ବଗିଚାରେ କାମ କରେ, ବାପାଙ୍କ ସେବା ଶୁଶ୍ରୁଷା କରେ। ବାପା ଚେରମୂଳୀ ଔଷଧ ସାହାଯ୍ୟରେ ଗାଈଗୋରୁ ଆଦି ଗୃହପାଳିତ ପଶୁଙ୍କର ଚିକିତ୍ସା କରନ୍ତି। ବାପା ରୋଗଣା ହୋଇଯିବା ପରେ ଆଉ ପରିଶ୍ରମ କରି ପାରନ୍ତି ନାହିଁ। ଭୈରୋଦାନ ଚେରମୂଳୀ ଔଷଧ ତିଆରି କରିବାରେ ବାପାଙ୍କୁ ସାହାଯ୍ୟ କରୁଥିଲା।

ଭୈରୋଦାନର ଗଳାଟି ମିଠା ମିଠା। ତାର କଥାଗୁଡିକ ମଧ୍ୟ ଭାରି କୋମଳ। ତା ମନରେ ଯେତେବେଳେ ଯାହା ସନ୍ଦେହ ହୁଏ ସେ ପୁରୋହିତଙ୍କୁ ପଚାରେ। ଘରେ ମାଆ ତାକୁ ଅକ୍ଷର ଲେଖା ଶିଖାଇ ଦେଇଥିଲେ। ବାପାଙ୍କଠାରୁ ଚେରମୂଳୀର ଔଷଧୀୟ ଗୁଣ ସେ ଶିକ୍ଷା କରିଥିଲା। ତାର ଜଣେ ମାମୁ ଥିଲେ ଯିଏ କି ବେଳେ ବେଳେ ଭୈରୋଦାନ ଘରକୁ ଆସୁଥିଲେ ଓ ତାଙ୍କୁ ବହୁତ ଭଲ ପାଉଥିଲେ। ଥରେ ରାଜାଙ୍କର ଜଣେ ଗୁପ୍ତଚର ଛଦ୍ମବେଶରେ ମନ୍ଦିର ଆସିଥିଲେ। ଭୈରୋଦାନ ଫୁଲଡାଲା ଧରି ମନ୍ଦିର ବେଢ଼ାରେ ବସିଥିଲା। ଛଦ୍ମବେଶୀ ଗୁପ୍ତଚରଙ୍କୁ ଦେଖି ଭ୍ରମ ବଶତଃ ସେ ମାମୁ ବୋଲି ଭାବି ଠିଆ ହୋଇ ନମ୍ରତାର ସହିତ ନମସ୍କାର କଲା। ଗୁପ୍ତଚର ଖୁସି ହୋଇଗଲେ ଓ ଭୈରୋଦାନକୁ ଭଲ ମନ୍ଦ ପଚାରିଲେ। ମାମୁ ଚିହ୍ନି ପାରୁନାହାନ୍ତି ବୋଲି ସେ ଭାବିଲା। କହିଲା- ମୁଁ ଭୈରୋଦାନ୍ ମଙ୍ଗଳଦାନ୍‌ଙ୍କ ପୁଅ। ଗାଆଁ ମୁଣ୍ଡରେ ଆମ ଘର। ବାପା ଆଉ କାମକୁ ପାରୁ ନାହାନ୍ତି। ମୁଁ ଆଉ ଟିକିଏ ବଡ଼ ହୋଇଗଲେ ସବୁକାମ କରି ପାରିବି।


ଭୈରୋଦାନର ମିଠା ମିଠା ନିଷ୍କପଟ ଚାହାଣି ଓ ଆତ୍ମବିଶ୍ୱାସ ଦେଖି ଗୁପ୍ତଚର ଖୁସି ହୋଇଗଲେ। ସେ ପିଲାଟି ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରି ରାଜବାଟୀକୁ ଫେରିଗଲେ। ସେହିଦିନ ସେ ମହାରାଜାଙ୍କୁ ଭୈରୋଦାନ୍ ବିଷୟରେ ସବୁକଥା କହିଲେ।

ଗୁପ୍ତଚରଙ୍କ କଥାରେ ପ୍ରଭାବିତ ହୋଇ ମହାରାଜା ଭୈରୋଦାନଙ୍କୁ ରାଜଉଆସକୁ ଡକାଇ ପଠାଇଲେ। ପିଲାଟିର କଥାବାର୍ତ୍ତା, ନମ୍ରତା ଓ ନିର୍ମଳ ହୃଦୟ ବାବଦରେ ଜାଣି ସେ ତାହାକୁ ଉଦ୍ୟାନ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରଖିଲେ। ଅଳ୍ପଦିନ ଭିତରେ କର୍ଯ୍ୟଦକ୍ଷତା ଦେଖି ମହାରାଜା ଓ ମହାରାଣୀ ଖୁସୀ ହୋଇଗଲେ। ଦିନେ ଭୈରୋଦାନ ନିଜ ବାପାଙ୍କ ଅସୁସ୍ଥତା ଓ ଘରର ଅବସ୍ଥା ସଂପର୍କରେ ମହାରାଜାଙ୍କୁ କହିଲା। ମହାରାଜା ବୈଦ୍ୟ ପଠାଇ ମଙ୍ଗଳଦାନ୍‌ଙ୍କ ଚିକିତ୍ସା କରାଇଲେ ଓ ମଙ୍ଗଳଦାନ କ୍ରମେ କ୍ରମେ ସୁସ୍ଥ ହେଲେ। ସେ ପୁଣି ଗୃହପାଳିତ ପଶୁମାନଙ୍କର ଚିକିତ୍ସା କଲେ।

ଜଣେ ବିଶ୍ୱସ୍ତ ଓ କର୍ମନିଷ୍ଠ ରାଜ କର୍ମଚାରୀ ହିସାବରେ ଭୈରୋଦାନ୍‌ର ସୁନାମ ବଢ଼ିଲା। ମହାରାଜ ତାକୁ ଉଆସ ଭିତରେ ଥିବା ଭଣ୍ଡାରର ରକ୍ଷଣାବେକ୍ଷଣ ଦାୟିତ୍ୱ ଦେଲେ। ଦିନେ ଗୁପ୍ତଚର ଭୈରୋଦାନଙ୍କ ପାଖକୁ ଆସି କହିଲେ- 'ତମେ ମତେ ଚିହ୍ନି ପାରୁଛ'?

ଭୈରୋଦାନ୍ ନମ୍ରତାର ସହିତ କହିଲା- ' କେତେବର୍ଷ ତଳେ ଭ୍ରମ ବଶତଃ ମୁଁ ଆପଣଙ୍କୁ ମୋ ମାମୁ ବୋଲି ଭାବିଥିଲି। ମାମୁଙ୍କ ଚେହେରା ସହିତ ଆପଣଙ୍କ ଚେହେରା ମିଶି ଯାଉଥିଲା। ରାଜଉଆସକୁ ଆସି ଅନୁମାନ କଲି ଯେ ଆପଣ ଜଣେ ବିଶ୍ୱସ୍ତ ରାଜ କର୍ମଚାରୀ, ଯାହା ଦୟାରୁ ମୁଁ ଆସି ଏଠାରେ ସ୍ଥାନ ପାଇଛି। ଗୁପ୍ତଚର ଭୈରୋଦାନଙ୍କୁ କୁଣ୍ଢାଇ ପକାଇଲେ। କହିଲେ 'ତୁମର ସଚ୍ଚୋଟ ପଣ, ନିର୍ମଳ ହୃଦୟ ଓ ନମ୍ରତା ତମକୁ ଏ ସ୍ଥାନରେ ଆଣି ପହଞ୍ଚାଇଛି। ତୁମେ ମୋତେ ସେଇ ମାମୁ ଡାକିବ। ସେଇ ଡାକ ପଦରେ ମୁଁ କୃତାର୍ଥ ହୋଇଯିବି।"

**କଲେଜ ରୋଡ଼, ବାଙ୍କୀ, କଟକ**
**ଫୋନ-୯୯୩୭୩୨୭୬୪୭**



# ଜୀବନ ଏକ ପରୀକ୍ଷା

ଶରଚ୍ଚନ୍ଦ୍ର ମହାପାତ୍ର

ଜୀବନ ଏକ ପରୀକ୍ଷା। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆମେ ଏ ସଂସାରକୁ ଆସିଅଛୁ। ଯଦି ଆମେ ଏହା ଲାଭ କରିପାରୁ ତେବେ ଆମେ ଅନୁଭବ କରିପାରିବୁ ଯେ ବହୁ ଭାବରେ ଆମ ଜୀବନ ସାର୍ଥକ ହୋଇଅଛି ଏବଂ ଶାନ୍ତି ଓ ସନ୍ତୋଷର ସହିତ ଆମେ ଏ ସଂସାରରୁ ବିଦାୟ ନେବୁ। ଜଣେ ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ପର୍କରେ ସଚେତନ ରହିଲେ ଏବଂ ଏକ ମହନୀୟ ଆଦର୍ଶଦ୍ୱାରା ପ୍ରଣୋଦିତ ହୋଇ ନିଜର କର୍ତ୍ତବ୍ୟ ନିଷ୍ଠାର ସହିତ ସମ୍ପନ୍ନ କରିପାରିଲେ ଅନ୍ୟମାନେ ତାହାଠାରୁ ପ୍ରେରଣା ଲାଭ କରିପାରିବେ। ଧ୍ରୁବତାରା ଦେଖି ଆମେ ଯେପରି ଦିଗ ନିର୍ଣ୍ଣୟ କରୁ ସେହିଭଳି ସେହି ବ୍ୟକ୍ତିର ଜୀବନାଦର୍ଶ ଆମକୁ ଦିଗ୍‌ଦର୍ଶନ ଦେଇଥାଏ। ମହାପୁରୁଷମାନଙ୍କ ଜୀବନୀ ଗ୍ରନ୍ଥ ଅଧ୍ୟୟନ କଲେ ଆମେ ଆମର ଜୀବନକୁ ସମୁଜ୍ଜ୍ୱଳ କରିବା ପାଇଁ ଯଥେଷ୍ଟ ପ୍ରେରଣା ଲାଭ କରିପାରିବା। ଯଥାର୍ଥରେ କୁହାଯାଇଛି "Lives of great men all remind us , we can make our lives sublime" ସମୟର ଦିଗନ୍ତ ବିସ୍ତାରୀ ବେଳାଭୂମି ଉପରେ ସେମାନଙ୍କ ପଦଚିହ୍ନକୁ ଅନୁସରଣ କରି ଆମେ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବୁ। ଶଙ୍କରାଚାର୍ଯ୍ୟଙ୍କ ମତରେ ସମସ୍ତ ଜନ୍ତୁମାନଙ୍କ ମଧ୍ୟରେ ମନୁଷ୍ୟ ଜୀବନ ଦୁର୍ଲଭ କାରଣ ନିଜକୁ ଉପଯୁକ୍ତ ଭାବରେ ଗଢ଼ିବା ପାଇଁ ମନୁଷ୍ୟ ଯେଉଁ ସୁଯୋଗ ପାଇଥାଏ ଅନ୍ୟମାନଙ୍କ କ୍ଷେତ୍ରରେ ତାହା ସମ୍ଭବ ହୁଏ ନାହିଁ। ଆମେ ଏଭଳି ଏକ ଅକ୍ଷୟ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିବା ଯାହା ଆଲୋକ ବର୍ତ୍ତିକା ସଦୃଶ ଅନ୍ୟମାନଙ୍କୁ ପଥ ଦେଖାଇ ଦେବ। ମରଦେହ ଧରି ଅମରତ୍ୱ ଲାଭ କରିଥିବା ମହାନ୍ ବ୍ୟକ୍ତିଙ୍କ ଜୀବନକୁ ଅନୁଧ୍ୟାନ କଲେ ଏ ସମ୍ପର୍କରେ ସ୍ୱଷ୍ଟ ଧାରଣା ମିଳିଥାଏ।

ପୁଣ୍ୟାତ୍ମା ଗୋପବନ୍ଧୁ ଦାସ ମାତ୍ର ୫୧ ବର୍ଷ ବୟସରେ ଏ ସଂସାରରୁ ବିଦାୟ ନେଇଥିଲେ। ଦାରୁଣ ଦୁଃଖରେ ପଣ୍ଡିତ ନୀଳକଣ୍ଠ ଦାଶ କହିଥିଲେ ଯେ ଜଣେ ଭାଗ୍ୟବାନ ପୁରୁଷ, ତାଙ୍କୁ ଜୀବନର ଅସରନ୍ତି ପଥରେ ଏକାକୀ ଛାଡ଼ି ଚାଲିଗଲେ। ଗୋପବନ୍ଧୁ କେଉଁ ଦୃଷ୍ଟିରୁ ଜଣେ ଭାଗ୍ୟବାନ ପୁରୁଷ ଥିଲେ? ଯିଏ ଜନ୍ମର ଅଳ୍ପଦିନ ଭିତରେ ନିଜର ମାଆଙ୍କୁ ହରେଇଥିଲେ। ସେ ଭାଗ୍ୟବାନ ପୁରୁଷ ହେଲେ କିପରି? କିନ୍ତୁ ନିରପେକ୍ଷ ଭାବରେ ବିଚାର କଲେ ଜାଣିହୁଏ ଯେ ସେ ଯଥାର୍ଥରେ ଥିଲେ ଭାଗ୍ୟବାନ ପୁରୁଷ କାରଣ ଯେଉଁ ମହାନ୍ ଉଦ୍ଦେଶ୍ୟ ନେଇ ସେ ଏ ଧରାଧାମକୁ ଆସିଥିଲେ ତାହା ପୂର୍ଣ୍ଣକରି ପାରିଥିଲେ। ଏକ ମହାନ୍ ଲକ୍ଷ୍ୟ ତାଙ୍କର ସୀମିତ ଜୀବନକାଳ ମଧ୍ୟରେ ସାଧିତ ହୋଇ ପାରିଥିଲା। ସୁତରାଂ ପଣ୍ଡିତ ନୀଳକଣ୍ଠଙ୍କ ଉକ୍ତି ଯଥାର୍ଥ ଥିଲା।

ମନୁଷ୍ୟ ଲକ୍ଷ୍ୟଭ୍ରଷ୍ଟ ହୁଏ କାହିଁକି। ଉଚ୍ଚତର ସୋପାନରେ ଅଧିରୂଢ଼ ନ ହୋଇ ସେ କାହିଁକି ନିମ୍ନଗାମୀ ହୁଏ? ପ୍ରଲୋଭନର ବଶବର୍ତ୍ତୀ ହୋଇ ସେ ଉଚ୍ଚ ଆଦର୍ଶ, ମୂଲ୍ୟବୋଧ, ପରମ୍ପରା, ସଂସ୍କାର ସବୁକିଛି ଭୁଲିଯାଏ। ଏଭଳି ହୁଏ କାହିଁକି? ଗ୍ରୀକ ଦାର୍ଶନିକ ସକ୍ରେଟିସ୍‌ଙ୍କ ମତରେ ଅଜ୍ଞତା ଏ ସବୁର କାରଣ। ଯାହାର ସତ୍ୟ ସମ୍ପର୍କରେ ଜ୍ଞାନ ରହିଅଛି ସେ ଅସତ୍ୟ ପଥରେ ଯାଇ ନ ପାରେ, କିନ୍ତୁ ସମାଲୋଚକଗଣ କହନ୍ତି ଯେ ସେକ୍ରଟିସ ନିଜ ଦୃଷ୍ଟିକୋଣରୁ ବିଚାର କରୁଥିଲେ। କାରଣ ସେ ଯାହା ସତ୍ୟ ବୋଲି ଜାଣୁଥିଲେ ତାହା ଅବଶ୍ୟ ପାଳନ କରୁଥିଲେ। ମାତ୍ର ସାଧାରଣ ମଣିଷ ସତ୍ୟ, ଧର୍ମ, ନ୍ୟାୟ ଜାଣି ମଧ୍ୟ ତାହା ପାଳନ କରିପାରେ ନାହିଁ। ସେ ଜାଣେ ଏହା ଧର୍ମ, ମାତ୍ର ତାର ସେଥିପ୍ରତି ପ୍ରବୃତ୍ତି ଆସେ ନାହିଁ। ସେ ଜାଣେ ଏହା ଅଧର୍ମ, ମାତ୍ର ସେଥିରୁ ନିବୃତ୍ତ ହୋଇପାରେ ନାହିଁ। ଏହାହିଁ ତାର ଦୁର୍ବଳତା। ଏଣୁ କୁହାଯାଇଛି–

"ଜାନାମି ଧର୍ମଂ ନଚମେ ପ୍ରବୃତ୍ତି
ଜାନାମ୍ୟଧର୍ମଂ ନଚମେ ନିବୃତ୍ତି
ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ
ଯଥା ନିଯୁକ୍ତୋସ୍ମି ତଥା କରୋମି।"

ତେବେ ଭାଗବତ ଗୀତାରେ ଶ୍ରୀକୃଷ୍ଣ ଏ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଅର୍ଜୁନଙ୍କ ପ୍ରଶ୍ନଥିଲା–

"ଅଥ କେନ ପ୍ରଯୁକ୍ତୋୟଂ ପାପଂ ଚରିତ ପୁରୁଷଃ
ଅନିଚ୍ଛନ୍ ଅପି ବାର୍ଷ୍ଣେୟ ବଳାଦିବ ବିମୋହିତଃ"

ଇଚ୍ଛା ନଥିଲେ ମଧ୍ୟ କାହାଦ୍ୱାରା ପ୍ରଚୋଦିତ ହୋଇ ମଣିଷ ପାପ କରିଥାଏ। କୌଣସି ବସ୍ତୁକୁ ଲାଭ କରିବା ପାଇଁ ମନରେ ପ୍ରବଳ କାମନା ଆସେ ଏବଂ କାମନା ପୂର୍ତ୍ତି ନ ହେଲେ ମନରେ କ୍ରୋଧ ଆସିଥାଏ। ଆମେ ଲକ୍ଷ୍ୟଭ୍ରଷ୍ଟ ହେଉ। ଏହି ଦୁଇଗୋଟି ଗୁଣର ବଶବର୍ତ୍ତୀ ହୋଇ ଏମାନଙ୍କୁ ଦମନ କରିବା କଠିନ। କିନ୍ତୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ଏହା ସମ୍ଭବ ହୋଇପାରେ। ମହାପୁରୁଷଗଣ ଏ କ୍ଷେତ୍ରରେ ଆମକୁ ଦିଗ୍‌ଦର୍ଶନ ଦେଇଥାଆନ୍ତି। ସେମାନେ ଜୀବନ ପରୀକ୍ଷାରେ ଉଚ୍ଚତମ ଆଦର୍ଶର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ଆମ ପାଇଁ ରଖି ଦେଇଥାଆନ୍ତି। ପ୍ରଲୋଭନର ବଶବର୍ତ୍ତୀ ନହୋଇ ସତ୍ୟ ନ୍ୟାୟ ଓ ଧର୍ମର ଯଥାର୍ଥ ମାର୍ଗକୁ ସେମାନେ ବାଛି ନିଅନ୍ତି। ଏଭଳି ଦୃଷ୍ଟାନ୍ତ ବିରଳ କିନ୍ତୁ ଆମ

ପୁରାଣ ଓ ଇତିହାସ ଏଭଳି ଏକ ଉଚ୍ଚ ପରମ୍ପରାର ବାର୍ତ୍ତା ବହନ କରୁଅଛି ।

ରାମାୟଣରେ ଭରତଙ୍କ ଚରିତ୍ରଙ୍କୁ ବିଚାରକୁ ନିଆଯାଉ । ପିତୃସତ୍ୟ ପାଳନ କରି ଶ୍ରୀରାମ ବନକୁ ଚାଲିଗଲେ । ସିଂହାସନ ପ୍ରାପ୍ତି ଭରତଙ୍କ ପାଇଁ ସ୍ୱାଭାବିକ ଭାବେ ଆସିଥିଲା । କିନ୍ତୁ ପ୍ରଲୋଭନର ବଶବର୍ତ୍ତୀ ସେ ହୋଇ ନ ଥିଲେ । ତାଙ୍କୁ ସିଂହାସନ ଯଚ୍ଚ ଯାଇଥିଲା । ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କଲେ । ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ ଏଥିରେ ପ୍ରମାଣିତ ହେଲା । ନିଜକୁ ଜ୍ୟେଷ୍ଠଭ୍ରାତାଙ୍କର ଜଣେ ସେବକ ମନେକରି ନନ୍ଦିଗ୍ରାମରେ ସନ୍ନ୍ୟାସୀ ଭଳି ଜୀବନଯାପନ କରି ଭାଇଙ୍କ କଠଉକୁ ପୂଜାକରି ରାଜ୍ୟ ଚଳାଇ ଥିଲେ । ଅଥଚ ସିଂହାସନ ପାଇଁ ଭ୍ରାତୃବିବାଦ ଓ ରକ୍ତପାତରେ ଅନେକ ଉଦାହରଣ ରହିଛି । ଆଉରଙ୍ଗଜେବ ଷଡ଼ଯନ୍ତ୍ର କରି ନିର୍ମମ ଭାବରେ ସିଂହାସନ ପାଇଁ ଭାଇମାନଙ୍କୁ ହତ୍ୟା କରିଥିଲେ । ଭରତଙ୍କ ଅନୁପମ ଭ୍ରାତୃଭକ୍ତି ଯୁଗ ଯୁଗ ଧରି ଆମକୁ ପ୍ରେରଣା ଦେଇ ଆସିଅଛି । ଜୀବନ ପରୀକ୍ଷାରେ ଚରିତ୍ରର ଉତ୍କର୍ଷତା ପ୍ରମାଣିତ ହୁଏ ।

ମହାଭାରତରେ ଯୁଧିଷ୍ଠିରଙ୍କ ଚରିତ୍ରକୁ ବିଚାରକୁ ନିଆଯାଉ । ମହାଭାରତର ଅନ୍ତିମ ଅଧ୍ୟାୟ । ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ହିମାଳୟ ଆରୋହଣ କରୁଥିଲେ ସ୍ୱଦେହରେ ସ୍ୱର୍ଗଲୋକ ଲାଭ କରିବା ପାଇଁ । ଜଣଙ୍କ ପରେ ଜଣଙ୍କର ପତନ ହେଲା । କେବଳ ଯୁଧିଷ୍ଠିର ନିଜର ଧର୍ମବଳ ଯୋଗୁଁ ହିମାଳୟର ଶୀର୍ଷସ୍ଥାନରେ ପହଞ୍ଚିଥିଲେ । ତେବେ ଗୋଟିଏ ଶ୍ୱାନ କେବଳ ତାଙ୍କର ସହଯାତ୍ରୀ ଭାବରେ ଶେଷପର୍ଯ୍ୟନ୍ତ ଯାଇଥିଲା । ସ୍ୱର୍ଗରୁ ଦିବ୍ୟଯାନ ଆସିଛି ଯୁଧିଷ୍ଠିରଙ୍କୁ ନେଇଯିବା ପାଇଁ । କିନ୍ତୁ ଶ୍ୱାନ ଅପବିତ୍ର ଅଟେ ଏଣୁ ସେ ଯାଇପାରିବ ନାହିଁ । କିନ୍ତୁ ଯୁଧିଷ୍ଠିର ତାଙ୍କର ଆଶ୍ରିତକୁ ଛାଡି ଯିବାପାଇଁ ଉଚିତ ମନେ କଲେ ନାହିଁ । ଯଦି ଏହି ଆଶ୍ରିତ ଓ ସହଯାତ୍ରୀ ଶ୍ୱାନପାଇଁ ତାଙ୍କୁ ସ୍ୱର୍ଗ ସୁଖରୁ ବଞ୍ଚିତ ହେବାକୁ ପଡ଼େ ତେବେ ସେ ସେଥିପାଇଁ ପ୍ରସ୍ତୁତ ଅଛନ୍ତି । କୌଣସି ପରିସ୍ଥିତିରେ ଆଶ୍ରିତକୁ ସେ ତ୍ୟାଗ କରିପାରିବେନି । ବସ୍ତୁତଃଏହା ଥିଲା ତାଙ୍କପାଇଁ ଏକ ପରୀକ୍ଷା । ଏବଂ ଜୀବନର ଶେଷ ପରୀକ୍ଷାରେ ମଧ୍ୟ ସେ ସଫଳ ହୋଇ ଧର୍ମର ପରାକାଷ୍ଠାକୁ ନିଜର ବାକ୍ୟ ଓ କର୍ମରେ ପ୍ରଦର୍ଶନ କଲେ । ପ୍ରମାଣ କରିଦେଲେ ଯେ ସେ ଥିଲେ ଧର୍ମର ଅବତାର ତଥା ଏ ଶ୍ୱାନଟି ଥିଲା ସାକ୍ଷାତ ଧର୍ମ ।

ଏସବୁ ପୁରାଣର ବିଷୟ । ଆମ ସମସାମୟିକ ଘଟଣାବଳୀରୁ ଗୋଟିଏ ଉଦାହରଣ ଦିଆଯାଉ । ସୁଭାସ ବୋଷଙ୍କ ଜୀବନର ଅସୀମ ତ୍ୟାଗର ଗୋଟିଏ ଉଦାହରଣ ମନରେ ଗଭୀର ରେଖାପାତ କରେ । ସୁବାସ ବୋଷ ଛାତ୍ର ଜୀବନରୁ ବିପ୍ଲବୀ ଓ ସଂଗ୍ରାମୀ ଥିଲେ । କିନ୍ତୁ ସେ ଜଣେ ବିଚକ୍ଷଣ ଛାତ୍ର ମଧ୍ୟ ଥିଲେ । କଟକର ରେଭେନ୍‌ସା କଲିଜିଏଟ ସ୍କୁଲରେ ପଢୁଥିଲେ ଏବଂ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତାଙ୍କ ପିତାମାତା ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଆଶାୟୀ ଥିଲେ । ଏଣୁ ଆଇସିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଉଦ୍ଦେଶ୍ୟରେ ଇଂଲଣ୍ଡ କେମ୍ବ୍ରିଜରେ ପଢ଼ିବା ପାଇଁ ତାଙ୍କୁ ପଠାଯାଇଥିଲା । ପରିଶେଷରେ ଆଇସିଏସ ପରୀକ୍ଷା ଦେଇ ସେ କୃତକାର୍ଯ୍ୟ ହୋଇଥିଲେ ଏବଂ ଏଥିରେ ସେ ଚତୁର୍ଥ ସ୍ଥାନ ମଧ୍ୟ ଅଧିକାର କରିଥିଲେ । ପ୍ରଥମେ ସେ ନିଜର ସଫଳତାର ବାର୍ତ୍ତାପାଇ ଆନନ୍ଦରେ ଅଧୀର ହୋଇ ଯାଇଥିଲେ । ମାତ୍ର ପର ମୁହୂର୍ତ୍ତରେ ମନର ଏ ଉତ୍ସାହ ଅପସରିଗଲା; ଯେତେବେଳେ ନିଜ ଜୀବନର ଆଦର୍ଶ କଥା ତାଙ୍କର ମନେପଡିଲା । ଜୀବନର ସକଳ ଆଦର୍ଶ ଓ ଦେଶଭକ୍ତିକୁ ଜଳାଞ୍ଜଳି ଦେଇ ବ୍ରିଟିଶ୍ ସରକାରର ସେ ଗୋଲାମ ହେବେ । ନିଜର ଅସମ୍ପୂର୍ଣ୍ଣ ଆତ୍ମଜୀବନୀ An Indian Pilgrim ପୁସ୍ତକରେ ନିଜର ମନୋଭାବକୁ ବ୍ୟକ୍ତକରି ଲେଖିଛନ୍ତି, I may become a commissioner if I stoop to make myself servile ଅନ୍ୟତ୍ର ଲେଖିଛନ୍ତି The Civil service can bring one all kinds of worldly comforts but are not these acquisitions made at the expence of ones soul ? ଜୀବନର ସକଳ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇ ଏ ପ୍ରଲୋଭନକୁ ସେ ପ୍ରତ୍ୟାଖାନ କରି ତ୍ୟାଗ ଓ ବଳିଦାନର ଅସୀମ ପରାକାଷ୍ଠା ପ୍ରଦର୍ଶନ କଲେ ।

ଜୀବନ ପରୀକ୍ଷାରେ ପରୀକ୍ଷିତ ହୁଏ ବ୍ୟକ୍ତିର ସ୍ୱଭାବ ଓ ଚରିତ୍ର । ମହାକବି କାଳିଦାସ ଯଥାର୍ଥରେ କହିଛନ୍ତି, "ବିକାର ହେତୌ ସତି ବିକ୍ରିୟନ୍ତେ ଯେଷାଂନ ଚେତାଂସିତ ଏବ ଧୀରାଃ" - ସଂଯତ ବା ଧୀର ବ୍ୟକ୍ତି ସିଏ, ଯାହାର ମନ ବିକାର ବା ପ୍ରଲୋଭନର କାରଣ ଥାଇ ମଧ୍ୟ ସେଥିରେ ପ୍ରଭାବିତ ହୁଏ ନାହିଁ । କିନ୍ତୁ ଉଚ୍ଚପଦରେ ଅବସ୍ଥାପିତ ବ୍ୟକ୍ତିଗଣ ପ୍ରଲୋଭନର ବଶବର୍ତ୍ତୀ ହୋଇ କିଭଳି ଦୁର୍ନୀତିଗ୍ରସ୍ତ ହୋଇ ଯାଉଛନ୍ତି ତାହାର ପ୍ରମାଣ ପ୍ରତ୍ୟହ ଲୋକଲୋଚନକୁ ଆସୁଅଛି । ଏହା ଦୁଃଖ ଓ ଦୁର୍ଭାଗ୍ୟର ବିଷୟ । ଆମେ ସଂକଳ୍ପ କରିବା ଉଚିତ୍ ଯେ ସାଧୁତା, ସତ୍ୟନିଷ୍ଠା ଓ କର୍ତ୍ତବ୍ୟବୋଧର ଉଚ୍ଚ ପରମ୍ପରାକୁ ଆମେ ବଜାୟ ରଖିବା । ଏ କ୍ଷେତ୍ରରେ ଜୀବନର ପରୀକ୍ଷା ଯେତେ କଠିନ ହେଉ ଆମେ ତାହାର ଯଥାର୍ଥ ମୁକାବିଲା କରିପାରିବା । ଏହାହିଁ ହେଉ ଆମର ଲକ୍ଷ୍ୟ । ଏ ମହାନ ଜାତିର ଏହାହିଁ ଲକ୍ଷ୍ୟ । ଆମର ପୂର୍ବସୂରୀଗଣ ଏ କ୍ଷେତ୍ରରେ ଆମପାଇଁ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ରଖି ଦେଇଛନ୍ତି । ତାହାହିଁ ଆମକୁ ପ୍ରେରଣା ଦେଉ । ଆମ ସଙ୍କଳ୍ପରେ ଆମେ ଦୃଢ଼ ଓ ଅବିଚଳିତ ରହିବା ।

**ମଙ୍ଗଳା ନଗର, ଖୋରଧା**
**ଫୋନ-୯୯୩୭୩୭୬୮୧୯**

# କର ବିଭୁ ଅରଚନା



**ଦାଶ ବେନହୁର**

ଧରମକୁ ନେଇ
ଏତେ କିଆଁ ଖେଳ
ଧରମ କେବଳ ବାଟ,
ଈଶ୍ୱର ସନ୍ଧାନ
ଲକ୍ଷ୍ୟ ସଭିଙ୍କର
ସେଥିପାଇଁ ସବୁ ନାଟ।।

ବସନ ଯେମିତି
ଦେହର ପୋଷାକ
ମନର ପୋଷାକ ଧର୍ମ,
ନୀତି ଅନୁସାରେ
ଅହିଂସା ଆଚରି
କର ଯେତେ ସବୁ କର୍ମ।।
ଧର୍ମ ନୁହେଁ କେବେ
ପରକୁ ଲୁଟିବା
କାହାକୁ କଷଣ ଦେବା,
ସ୍ୱ-ନିର୍ଭର ହୋଇ
ସତରେ ରହିଲେ
ହୁଅଇ ଇଶ୍ୱର ସେବା ।।
ପର ବାଡ ଡେଇଁ
ଫୁଲ ତୋଳି ଆଣି
ଧୂପ ଜାଳି ଦେଲେ ଘରେ,
ଧର୍ମ ହୁଏ ନାହିଁ
ସେବା ହୁଏ ନାହିଁ
ଅଯଥା ସମୟ ସରେ।।
ଯାହା ଟେକି ଆଣି
ପ୍ରଭୁଙ୍କୁ ଦେଉଛ
ଭୋଗରାଗ ବୋଲି କହି,
ସବୁତ ତାଙ୍କର
ଆକାଶ ପାତାଳ
ସସାଗରା ଧରା ମହୀ ।।
ପଶୁବି ତାଙ୍କର
ପକ୍ଷୀ ବି ତାଙ୍କର
ରବି, ଶଶୀ, ଗ୍ରହ, ତାରା,
ସବୁରି ମାଲିକ
ସେଇ ଏକା ଜଣେ
ନିଖିଳ ଜଗତ ସାରା।।
କେବଳ ପ୍ରାର୍ଥନା
ପ୍ରଣତି ଜଣାଇ
କର ବିଭୁ ଅରଚନା,
କାନଫଟା ଗୀତ
ବଳି, ରାସ୍ତାରୋକ
ଚାନ୍ଦା, ଭେଦା କର ମନା ।।
ପରକୁ ତଣ୍ଡେଇ
ଭୋଗ ଯାଚି ଦେଲେ
କିଛିବି ମିଳିବ ନାଇଁ,
ଈଶ୍ୱରଙ୍କୁ କିବା
ମାଗତା ଭାବିଛୁ
ସେପରା ଅଖିଳ ସାଇଁ ।।
ମନେ ଭରିଦିଅ
ବିନୟର ଭାବ
ପରହିତକାରୀ ଲୟ,
ଦୟା, କ୍ଷମାଗୁଣେ
ନିଜକୁ ସଜାଅ
ରହହୋଇ ନିରିଭୟ ।।
ସତ କହିବାରେ
ନ ହଟ ପଛକୁ
ସତ୍ୟ ନିରନ୍ତର ଧାର,
ସତ୍ୟ ହିଁ ଈଶ୍ୱର
ସତ୍ୟ ପରମେଶ
ସତ୍ୟ ହିଁ ଧରମ ସାର ।।

'କଥାକାର', ୬ମ -୧୬୧,
ଶୈଳଶ୍ରୀ ବିହାର, ଭୁବନେଶ୍ୱର

# ଆତ୍ମବଳ



**ବୀଣାପାଣି ସିଂହ**

ଜଗନ୍ନାଥ,
ଏ ଦେହଟା ମାଟି ପିଣ୍ଡ
ଏଇ ଅଛି ତ ଆଉଟିକକୁ
ଚଡକି ଯିବ।
ମୁଁ କିନ୍ତୁ ବୁଝିପାରେନି ଏ କଥାଟିକୁ...
ଦେହଟାକୁ
ଭଲ ପାଉଥାଏ ତ ପାଉଥାଏ....
ଜମା ବୁଝିପାରେନା ଯେ
ଏ ଦେହଟା
ଦିନେ ପାଉଁଶ ହୋଇଯିବ
ମୁଠାଏ ପାଉଁଶ....
ଏ ଦେହର ବଳଟାକୁ
ବେଳେ ବେଳେ ମୁଁ
ଜାବୁଡି ଧରିଥାଏ
ଜାଣି ପାରେନା ଯେ
ଦିନେ ଏ ବଳ
ଚୂରି ହୋଇ ଯିବ
ପେଷି ହୋଇଯିବ
ସେମିତି ଜାଣି ପାରେନା
ମୋ ଭିତରେ
ଗୋଟିଏ ବଳ ଅଛି
ଆତ୍ମବଳ
ତାକୁ ବୁଝିଲେ, ତାକୁ ଜାଣିଲେ
ତାକୁ ଚିହ୍ନିଲେ ଯାଇ
ମୋ ଭିତରଟା ପ୍ରସରି ଯିବ
ମୋ ଭିତରର
ମୁଁ ଟା
ଉଠିଯିବ ଉପରକୁ, ଉପରକୁ
ଆହୁରି ଉପରକୁ ।

**ବିଭୁକରୁଣା, ମହାନଦୀ ବିହାର
କଟକ-୪, ମୋ: ୯୭୭୭୦୪୨୦୯୪**

ଯେଉଁ ଲୋକ କାମ କରିଚାଲିଥାଏ ସୁଯୋଗ ତା ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ। (ରାଜଗୋପାଳଚାରୀ)

# ଠାକୁର କ'ଣ ଖାଲି ଦେଉଳରେ

ମଧୁସ୍ମିତା ପଣ୍ଡା

ଗୋଟିଏ ଗ୍ରାମରେ ଶ୍ୟାମସୁନ୍ଦର ବୋଲି ଜଣେ ଗରିବ ଲୋକଟିଏ ବାସ କରୁଥିଲା। ସେ ଖୁବ୍ ଦୟାଳୁ ଓ ଧାର୍ମିକ ଥିଲା। ତା'ର ପରିବାର ଅଭାବ ଅନଟନରେ ଚଳୁଥିଲା। ସେ ଶୁଣିବାକୁ ପାଇଲା ନିକଟରେ ଥିବା ଶିବମନ୍ଦିରକୁ ପାଣିଭାର ନେଇଗଲେ ନିଜର ମନସ୍କାମନା ପୂର୍ଣ୍ଣ ହୁଏ। ସେ ମଧ୍ୟ ସେଇ ମନ୍ଦିରକୁ ପାଣିଭାର ନେବାପାଇଁ ମନସ୍ଥ କଲା। ସେହି ମନ୍ଦିରକୁ ଅନେକ ଭକ୍ତ ଯାଉଥାନ୍ତି। ସେମାନଙ୍କ କାନ୍ଧରେ ଗୋଟିଏ ଗୋଟିଏ ପାଣିଭାର। ଭାରର ଦୁଇପଟରେ ଦୁଇଟି କଳସୀ ଝୁଲୁଥାଏ। ଦୂରରେ ବହିଯାଉଥିବା ନଈରୁ ଭକ୍ତମାନେ ଜଳ ସଂଗ୍ରହ କରିଥାନ୍ତି। ଭକ୍ତମାନେ ମନ୍ଦିରକୁ ମହାଦେବଙ୍କ ଉପରେ ଜଳ ଢାଳିବାକୁ ଯାଇଥାନ୍ତି। ମନ୍ଦିରର ପାହାଚରେ ଏକ ଗଧ ପଡ଼ିଥାଏ। ଗଧର ତଣ୍ଟି ଶୁଖିଯାଉଥାଏ। ପାଣି ପିଇବା ପାଇଁ ସେ ଆଉଟୁ ପାଉଟୁ ହେଉଥାଏ। ନିଜର ଶୁଖିଲା ଓଠରେ ଜିଭଟିକୁ ବୁଲାଇଆଣି ଏପଟ ସେପଟ ଅନାଉଥାଏ। କାନ୍ଧରେ ପାଣିଭାର ନେଇ ଭକ୍ତମାନେ ସେପଟେ ଯାଉଥାନ୍ତି। ସେମାନେ ଗଧଟିକୁ ଦେଖିଲେ, ଗଧଟି ପାଣି ପିଇବାପାଇଁ ଛଟପଟ ହେଉଛି ବୋଲି ଜାଣିପାରିଲେ, କିନ୍ତୁ ନିଜ କଳସରୁ ପାଣି ବୁନ୍ଦାଏ ଦେବାପାଇଁ କାହାରି ମନ ବଳିଲା ନାହିଁ। ଶିବଙ୍କ ଉପରେ ଢାଳିବାକୁ ନେଉଥିବା ପାଣି ଗଧକୁ କିପରି ଦେବେ? ଗଧର ଅବସ୍ଥା ଦେଖି ନଦେଖିଲା ପରି ଚାଲିଗଲେ।

କିଛି ସମୟ ପରେ ଶ୍ୟାମସୁନ୍ଦର ସେଇ ବାଟରେ ପାଣି ନେଇ ଗଲା। ବାଟରେ ଛଟପଟ ହେଉଥିବା ଗଧଟି ଉପରେ ତା'ର ନଜର ପଡ଼ିଲା। ସେ ଗଧଟିକୁ ଦେଖିଲା ମାତ୍ରେ ତା'ର ମନ ତରଳି ଗଲା। ସେ ସେଠାରେ ଅଟକି କାନ୍ଧରୁ ପାଣିଭାର ଓହ୍ଲାଇ ତଳେ ରଖିଲା। ଗୋଟିଏ ପାଣି କଳସୀ ନେଇ ଗଧର ମୁହଁରେ ଦେଲା। ବିଚରା ଗଧ ଚଁ ଚଁ କରି ପାଣିତକ ପିଇଦେଲା। ବିକଳ ଆଖିରେ ଚାହିଁ ରହିଥାଏ ଗଧଟି, ଗଧଟିର ଶୋଷ ମରିନାହିଁ ବୋଲି ସେ ଜାଣିପାରିଲା। ଅନ୍ୟ କଳସୀର ପାଣି ମଧ୍ୟ ତାକୁ ପିଇବାକୁ ଦେଲା। କ୍ଷଣକେ ପିଇସାରି ଗଧଟି ଆଶ୍ୱସ୍ତି ଅନୁଭବ କଲା। ଶ୍ୟାମସୁନ୍ଦର ଖୁସିହୋଇ ଗଧଟିକୁ ଆଉଁସି ଦେଲା। ତା'ର ଏଭଳି କାମ ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାକୁ କହିଲେ ମହାଦେବଙ୍କ ଉପରେ ପାଣି ଢାଳୀବାକୁ ନେଉଥିଲ, ଏ କ'ଣ କଲ? ମନ୍ଦିରକୁ ନଯାଇ ପାଣିତକ ଏପରି ନଷ୍ଟ କଲ। ଶ୍ୟାମସୁନ୍ଦର କହିଲା ନା ଭାଇ ମୁଁ ପାଣିତକ ନଷ୍ଟ କରିନାହିଁ। ଯେଉଁ ଠାକୁରଙ୍କ ଉପରେ ପାଣି ଢାଳିବାର ଥିଲା ମୁଁ ତାଙ୍କରି ଉପରେ ଢାଳିଲି। ମୋ ଠାକୁର କେବଳ କ'ଣ ଦେଉଳରେ ଅଛନ୍ତି? ମହାଦେବ ପରା ସକଳ ଜୀବଙ୍କ ଶରୀରରେ ଅଛନ୍ତି। ଏ ଜୀବ ଖୁସି ହେଲେ ପରା ସେ ଖୁସି ହେବେ। ମୁଁ ପାଣିତକ ନଷ୍ଟ କଲି ବୋଲି ତମେ କହୁଛ କିପରି? ଶ୍ୟାମର କଥାଶୁଣି ଭକ୍ତମାନେ ନିଜର ଭୁଲ୍ ବୁଝିପାରିଲେ ଏବଂ ବିପଦରେ ପଡ଼ିଥିବା ଗଧକୁ ସାହାଯ୍ୟ ନକରି ସେମାନେ ଭୁଲ୍ କରିଛନ୍ତି ବୋଲି ଅନୁତାପ କଲେ। ଅନ୍ୟପଟରେ ଶ୍ୟାମସୁନ୍ଦର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାରୁ, ପ୍ରଭୁ ତାହାର ଦୟାଳୁ ସ୍ୱଭାବ ପାଇଁ ତାହାର ସମସ୍ତ ଦୁଃଖ କଷ୍ଟ ଦୂରକଲେ। ବାସ୍ତବରେ - "ଭଗବାନ ସକଳ ଜୀବଙ୍କ ମଧ୍ୟରେ ବିଦ୍ୟମାନ"।

**ଶ୍ରେଣୀ - ନବମ, ବିଭାଗ - ଖ**
**ବିଦ୍ୟାଳୟ ନାମ - ଧଳାପଥର, କଳାପଥର**
**ବାଳିକା ଉଚ୍ଚ ବିଦ୍ୟାଳୟ**

## ସୁ-ଡୋକୁ

ଉତ୍ତର -୩୪ ପୃଷ୍ଠାରେ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

| | | | | | | | | |
|---|---|---|---|---|---|---|---|---|
| 1 | | 4 | 6 | | 2 | 7 | | |
| | 2 | 3 | 7 | 9 | | | 1 | |
| 7 | | | | 4 | | | 2 | 8 |
| 8 | | 1 | | | | | 4 | 5 |
| | | 6 | 1 | | 4 | 8 | | |
| 3 | 4 | | | 8 | | | | 1 |
| 9 | 1 | | 4 | 2 | | | 3 | 7 |
| | 3 | | | | 5 | 1 | 9 | |
| 4 | | 7 | 3 | | 9 | 6 | 8 | |

# କହ ଗୋଲାପ

ବିରଜା ମୋହିନୀ ତ୍ରିପାଠୀ

ଗୋଲାପ ଫୁଲରେ ଗୋଲାପ ଫୁଲ
ନ ଦେଇ ପାରିବେ କେ ତୋର ମୂଲ।

କହି ଯାଆ ତୋର ଗୁମର କଥା
କାହିଁକି ତୋ ପ୍ରତି ଏତେ ଶରଧା।

ସର୍ବଜନଙ୍କର ଅଟୁ ତୁ ପ୍ରିୟ
କୋମଳ କେମିତି ଏତେ ତୋ ଦେହ।

କହିଦେ ଗୋଲାପ ଥରେ କାନରେ
ହେବି ମୁଁ କେମିତି ତୋହ ପରିରେ।

ଭାବୁଛି ଆଜି ମୁଁ ତୋପରି ହେବି
ସୁଗୁଣ ବଳରେ ମନ ମୋହିବି।

ନ କହିଲେ ଜାଣ ହେବି ମୁଁ କଟି
ଡାଳ ପତରକୁ ଦେବି ମୁଁ କାଟି।

ମାଆ ଆସିଗଲେ କହିଲେ ଧନ
ସୁ-ଗୁଣ ଯା' ପାଖେ କର ନମନ।

କହିବୁନି କେବେ ଏପରି କଥା
ଗୋଲାପ ପାଇବ ମନରେ ବ୍ୟଥା।

କ୍ରୋଧ ନ କରିବୁ କାହା ଉପରେ
ଶିଖି ନ ପାରିବୁ ଆଉ କିଛିରେ।

କ୍ରୋଧ ପରା ଅଟେ ପରମ ଶତ୍ରୁ
କହି ରଖୁଛି ତତେ ମୂଳରୁ।

କ୍ରୋଧ ଯିଏ କରେ କ୍ଷତି ତାହାର
ବୁଦ୍ଧି ଓ ବିବେକ ହୁଅଇ ଦୂର।

ବୁନା କହିଲା "ମା କହିଲ ସତ
ଆଜିଠାରୁ ମନ ରଖିବି ଶାନ୍ତ"।

ଅଇଁଠାପାଲି,ଡି .ଆଇ.ଇ.ଟି ରୋଡ୍
ସମ୍ବଲପୁର-୪

# ସ୍ମୃତିର ଝଲକ

ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ



ଅତୀତ ପସରାରୁ ସ୍ମୃତି ଝଲକ,
ମନେ ଭରିଦିଏ ଅମାପ ପୁଲକ ।
ଗାଁ ଦାଣ୍ଡଧୂଳି ଗୋଧୂଳି ପରଶ,
ଅପାସୋରା ସ୍ମୃତି ହୁଏନାହିଁ ଶେଷ ।
ବାଳ ସୂରୁଯର କନକ କିରଣ
ଦିଗ୍‌ବଳୟର ପବିତ୍ର ଚରଣ ।
ରଶ୍ମି ଚଦରର ଦିବ୍ୟ ଆସ୍ତରଣ
ପୁଲକିତ ହୁଏ ପଲ୍ଲୀ ଜୀବନ ।
ମନ୍ଦିର ବେଢ଼ାରୁ ଘଣ୍ଟର ନିନାଦ
ଦୂର କରିଦିଏ ସବୁ ଅବସାଦ ।
ଉଦ୍ଭିଦ ଜଗତ ହୁଏ ସୁଶୋଭିତ
ଅମ୍ଳଜାନ କରେ ଜଗତର ହିତ ।
ପରିବେଶ ଏବେ ହୋଇଛି ଦୂଷିତ,
ମଣିଷ ଭୁଲିଛି ଜୀବନର ବ୍ରତ ।
ଶିଳ୍ପ କାରଖାନାରୁ ନିର୍ଗତ ବାୟୁ,
କ୍ଷୟ କରୁଅଛି ସବୁରି ଆୟୁ ।
ବିଶ୍ୱରେ ବଢ଼ିଛି ବହୁ ମହାମାରୀ,
ସୁଦିନର ଲଗ୍ନ ଯାଏ ଅପସରି ।
ଆସ ଆମେ ପରିବେଶ ସୁଧାରିବା,
ଉତ୍ତମ ଜୀବନ ସର୍ବେ ଆଦରିବା ।

ନୂଆ ବସଷ୍ଟାଣ୍ଡ, ଖୋରଧା
ମୋ - ୯୪୩୭୧୩୩୪୬୪

# ମାଗିନିଅ

ସୌଦାମିନୀ ମିଶ୍ର



ଗୋଲାପଠୁ ମାଗିନିଅ ଚେନାଏ ମହକ
ମହକିବ ଘରବାଡି, ଅଳିନ୍ଦ, ଅଙ୍ଗନ
ରଙ୍ଗଟୋପେ ମାଖିନିଅ କୃଷ୍ଣଚୂଡା ପାଖୁ
ରଙ୍ଗୀନ୍ କରିଦିଅ ସବୁରି ଜୀବନ।

ଘାସଠାରୁ ମାଗିନିଅ କିଛି ସବୁଜିମା
ସବୁରି ଆଖିରେ କିଛି ସ୍ୱପ୍ନ ମାଖିବାକୁ
ସବୁ ଦୁଃଖ, ଅବସାଦ ପଛରେ ପକାଇ
ଧୈର୍ଯ୍ୟଧରି ପୁଣି ପୁଣି ମୁଣ୍ଡ ଟେକିବାକୁ।

ଗଛଠାରୁ ମାଗିନିଅ କିଛି ବଦାନ୍ୟତା
ଶୂନ୍ୟ ଜୀବନ ଯେତେ ପୂର୍ଣ୍ଣ କରିବାକୁ
ସଳିତାଠୁ ମାଗିନିଅ ଜଳିବାର କଳା
କିଟିମିଟି ଅନ୍ଧାରରେ ଜ୍ୟୋତି ବୁଣିବାକୁ।

ଧରଣୀଠୁ ଧାରନିଅ ସହନଶୀଳତା
ଆପଣେଇ ନେବାପାଇଁ ଯେତେ ବିଷର୍ଣ୍ଣତା
ହୃଦୟ ନିଗିଡା ପ୍ରେମେ ଅଖଣ୍ଡ ପ୍ରୀତିରେ
ଭରିଦେ କୋଣେ କୋଣେ ପବିତ୍ର ପୂର୍ଣ୍ଣତା।

ଆକାଶଠୁ ଶିଖିନେବା ବିଶାଳତା ତାର
ଭୁଲିବାକୁ ଜୀବନର ଯେତେ ସଂକୀର୍ଣ୍ଣତା
ଜୀବନକୁ କରିଦେ ପୁଣ୍ୟତୋୟା ଗଙ୍ଗା
ଭସାଇ ନେବାକୁ ସବୁ ପାପ ଆବିଳତା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ତୁଳସୀ ନଗର-ବ୍ରହ୍ମପୁର

# ବିଜ୍ଞାନ ଖୋଜୁଛି ବ୍ୟାଖ୍ୟା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ବୈଜ୍ଞାନିକ ଯୁକ୍ତି, ବୈଜ୍ଞାନିକ ଆବିଷ୍କାର ଏବଂ ବିଜ୍ଞାନ ମାନସିକତା ସମାନ କଥା ନୁହେଁ। କୌତୂହଳର ନିଶାରେ ମଣିଷ ଗୋଟିକ ପରେ ଗୋଟିଏ ବୈଜ୍ଞାନିକ ଅଭିଯାନ ଅବ୍ୟାହତ ରଖିଛି। ଫଳରେ ଜ୍ଞାନର ଗନ୍ତାଘରେ ଜମାହୋଇଚାଲିଛି ବହୁ ଜଣା ଅଜଣା ତଥ୍ୟ। ଅନେକ ନୂତନ ନୂତନ ତଥ୍ୟ ଓ ଜ୍ଞାନ ମଣିଷର ଜୀବନଯାତ୍ରାରେ ଆଣିପାରିଛି ବିରାଟ ପରିବର୍ତ୍ତନ। ନିତ୍ୟନୂତନ ଆବିଷ୍କାରଗୁଡ଼ିକର ମଧ୍ୟଦେଇ ବିଜ୍ଞାନ ସଂଘଟିତ କରିଛି ଗୋଟିଏ ପରେ ଗୋଟିଏ ବିପ୍ଳବ। କୃଷି, ଶିଳ୍ପ ଓ ପ୍ରଯୁକ୍ତିବିଜ୍ଞାନ କ୍ଷେତ୍ରରେ ମଣିଷ ଅଧୁନା ଅସାଧାରଣ କ୍ଷମତାର ଅଧିକାରୀ। ବିଦ୍ୟୁତ୍ ଓ କଳକାରଖାନାର ବ୍ୟାପକ ବ୍ୟବହାରଦ୍ୱାରା ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ସମ୍ଭବ ହୋଇଛି। ମହାକାଶର ରହସ୍ୟ ଏବଂ ପରମାଣୁର ଅଭ୍ୟନ୍ତରରେ ଥିବା ଶକ୍ତି ଏବେ ମଣିଷର ହାତମୁଠାରେ। ଏପରିକି କୃତ୍ରିମ ମାନବ ଶିଶୁ ସୃଷ୍ଟିର ବ୍ୟାପାରରେ ମଣିଷ ଆଜି ସଫଳ ।

ଆଦିମ ବନ୍ୟଜୀବନରେ ରୂପାନ୍ତର ସଂଘଟିତ କରାଇ ଶିକ୍ଷା, ବାସସ୍ଥାନ, ଚିକିତ୍ସା ଇତ୍ୟାଦିର ଶାଖାରେ ବିଜ୍ଞାନର ଅଗ୍ରଗତି ଅତୀବ ବିସ୍ମୟକର। ପ୍ରଯୁକ୍ତିବିଜ୍ଞାନର ଅଲୌକିକ ଅବଦାନ ଯୋଗୁ ବର୍ତ୍ତମାନର ଡିଜିଟାଲ ଦୁନିଆରେ ମଣିଷ ସଂପ୍ରତି ଅସୀମ ସାମର୍ଥ୍ୟର ଅଧିକାରୀ ହୋଇପାରିଛି।

ମାତ୍ର ଅନ୍ୟଦିଗରେ ? ବିଜ୍ଞାନର କଲ୍ୟାଣରୁ ପାର୍ଥିବ ଜଡ଼ଜଗତରେ ବିପୁଳ ମଙ୍ଗଳକର ପ୍ରଗତି ସମ୍ଭବ ହୋଇପାରୁଥିଲେ ମଧ୍ୟ ମଣିଷର ଦୈନନ୍ଦିନ ବ୍ୟକ୍ତିଗତ ଆଚାର ଆଚରଣରେ ତଥା ସାମାଜିକ ପଟଭୂମିରେ ଅନେକ ବୈଷମ୍ୟ ଦୃଷ୍ଟିରେପଡୁଛି। ବିଜ୍ଞାନରେ ସେହିସବୁ ବୈଷମ୍ୟର ବ୍ୟାଖ୍ୟା ମିଳିପାରୁନାହିଁ। ବିଜ୍ଞାନ ବୋଇଲେ ବୁଝାଏ ବିଶେଷ ଜ୍ଞାନ, ଯାହା ତଥ୍ୟ ଆଧାରିତ ଏବଂ ବିଭିନ୍ନ ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ଦ୍ୱାରା ସତ୍ୟ ବୋଲି ପ୍ରମାଣିତ। ବିଜ୍ଞାନର ଏହିସବୁ ଚରିତ୍ରର କଥା କହିଛନ୍ତି ବିଜ୍ଞାନୀ କୋପରନିକସ, ରୋଜର ବ୍ୟାକନ୍ ଓ ଗାଲିଲିଓ ପ୍ରମୁଖ ବହୁବର୍ଷ ପୂର୍ବରୁ। ବିଜ୍ଞାନର ଏହି ସଂଜ୍ଞା ଗଠିତ ହୋଇଥିଲା ଷୋଡ଼ଶ ଶତାବ୍ଦୀର ରେନେସାଁସ ବା ପୁନରଭ୍ୟୁଦୟର ଶିଳ୍ପ, ଶିକ୍ଷା ଓ ସାହିତ୍ୟର ବିପ୍ଳବ ମଧ୍ୟଦେଇ, ଯାହାର ଜନ୍ମ ଇଉରୋପର ଇଟାଲୀରେ ।

ପ୍ରାଚୀନକାଳରୁ ଗ୍ରୀକ୍‌ମାନଙ୍କ ବିଜ୍ଞାନ ଚିନ୍ତାରେ ଏହି ପରୀକ୍ଷା ନିରୀକ୍ଷା ମାଧ୍ୟମରେ ସିଦ୍ଧାନ୍ତଗ୍ରହଣର ମାନସିକତା ବିଶେଷ ଭାବରେ କାର୍ଯ୍ୟକରି ଆସୁଛି। ବିଜ୍ଞାନର ଇତିହାସରେ ସତ୍ୟକୁ ପ୍ରତିଷ୍ଠା କରିବା ନିମନ୍ତେ ଗାଲିଲିଓ ଯେଉଁ ନିର୍ଯାତନା ଓ ତ୍ୟାଗ ସ୍ୱୀକାରର ଦୃଷ୍ଟାନ୍ତ ସ୍ଥାପନ କରିଯାଇଛନ୍ତି, ସେଥିରୁ ଆମେ ବୈଜ୍ଞାନିକ ମାନସିକତାର ତାତ୍ପର୍ଯ୍ୟ ଉପଲବ୍ଧି କରିପାରୁ ।

ବିଜ୍ଞାନର ଅବଦାନ ଯୋଗୁ ସମାଜ ଜୀବନରେ ପରିବର୍ତ୍ତନ କେବେବି ଏକମୁଖାପେକ୍ଷୀ ହୋଇନି। ମଣିଷ ମଣିଷ ଭିତରେ ଅର୍ଥନୈତିକ ବୈଷମ୍ୟ, ଜାତିଭେଦ ଓ ଅସ୍ପୃଶ୍ୟତା ଏ ପର୍ଯ୍ୟନ୍ତ ବି ଆମ ମନରୁ ଦୂର ହୋଇପାରିନି। ବିବାହରେ ଯୌତୁକ ପ୍ରଥା, ଶ୍ରାଦ୍ଧ ତଥା ପାରଲୌକିକ କ୍ରିୟାରେ ଅଜସ୍ର ଅର୍ଥବ୍ୟୟ ତଥା ଆତ୍ମବିଶ୍ୱାସର ଅଭାବ ହେଉଛି ବୈଜ୍ଞାନିକ ମାନସିକତାର ବିରୋଧୀ। ବିଜ୍ଞାନ ଯୁକ୍ତିନିର୍ଭର ହେବାପାଇଁ ଶିକ୍ଷାଦିଏ। ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ଦ୍ୱାରା ଉପଲବ୍ଧ ଜ୍ଞାନକୁ ବିଶ୍ୱାସ କରିବା ନିମନ୍ତେ ପରାମର୍ଶ ଦେଇଥାଏ। ଲୁଇ ପାଶ୍ଚରଙ୍କ ଜୀବାଣୁତତ୍ତ୍ୱ ଚିକିତ୍ସାବିଜ୍ଞାନରେ ସୁପ୍ରତିଷ୍ଠିତ, ଅଥଚ ରୋଗ ସୃଷ୍ଟିରେ ଗୁଣିଗାରେଡ଼ିର ବିଶ୍ୱାସ ସମାଜରେ ଏବେବି ଗାଦିମାଡ଼ିବସିଛି। ଡାଆଣୀ ଆଖ୍ୟାଦେଇ ହତ୍ୟା କରାଯାଉଛି କେତେ ନା କେତେ ମହିଳାଙ୍କୁ। ମହାମାରୀ ସମୟରେ ଠାକୁରାଣୀଙ୍କୁ ତୁଷ୍ଟ କରିବା ନିମନ୍ତେ ଛକସ୍ଥାନରେ ଅର୍ପଣ କରାଯାଉଛି ପଣା। ଏପରିକି ଶିକ୍ଷିତ ବିଜ୍ଞାନ ଅଧ୍ୟାପକମାନଙ୍କ ମଧ୍ୟରୁ ଅନେକ ଡ଼େଉଁରିଆ, ତାବିଜ, ରକ୍ଷାବ୍ରତ, ବିଭିନ୍ନ ପଥରଖଚିତ ମୁଦି ପିନ୍ଧୁଛନ୍ତି। ଝିଟିପିଟି, ବିରାଡ଼ି, ଯାତ୍ରାକାଳେ ଛିଙ୍କ, ଫମ୍ପା ମାଠିଆକୁ ବିଶ୍ୱାସକରି ଚଳୁଛନ୍ତି। ଗଭୀର ଆସ୍ଥା ସ୍ଥାପନ କରୁଛନ୍ତି ଜାତକ ଗଣନା ଉପରେ। ଜାତକ ନମିଳାଇ ପୁଅଝିଅଙ୍କର ବାହାଘର କରାଉନାହାନ୍ତି। ସନ୍ତାନ ଲାଭ ଓ ରୋଗରୁ ମୁକ୍ତି ଆଶାରେ ମନ୍ଦିରରେ ଅଧିଆ ପଡ଼ିବା ତ ଗ୍ରାମାଞ୍ଚଳରେ ଅତି ସାଧାରଣ।

ସଂପ୍ରତି ଆମେ ଗୋଟିଏ ଦିଗରେ ବିଜ୍ଞାନର ସୁଫଳକୁ ଉପଭୋଗ କରିଚାଲିଛେ, ଅନ୍ୟଦିଗରେ ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଜାବୁଡ଼ିକରି ଧରିଛେ। ଆମ୍ଭମାନଙ୍କର ମାନସିକତାରେ କୌଣସି ବୈଜ୍ଞାନିକ ପ୍ରତ୍ୟୟ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିନି। ମାତ୍ର କାହିଁକି ? ଏହାତ ସଦୁତ୍ତର କିମ୍ବା ବ୍ୟାଖ୍ୟା ପାଇବା ଦୁରାଶା ମାତ୍ର।

ଚାରିଆଡ଼କୁ ଆଖି ଫେରେଇଲେ ସାଂପ୍ରତିକ ସମୟରେ ଆଲୋଚନାର କେନ୍ଦ୍ରବିନ୍ଦୁରେ ଯେଉଁ ପ୍ରସଙ୍ଗଟି ସର୍ବାଧିକ ଗୁରୁତ୍ୱ ପାଇଛି ତାହାହେଲା, ମଣିଷ ସହ ମଣିଷ ସଂପର୍କର ପୁନଃମୂଲ୍ୟାୟନର ପ୍ରସଙ୍ଗ। ଆଜି ଅପରିହାର୍ଯ୍ୟ ହୋଇପଡ଼ିଛି ଚିନ୍ତାଭାବନାରେ ଦାରିଦ୍ର୍ୟ ଅପସାରଣ ତଥା ମୁକ୍ତଚିନ୍ତାର ପ୍ରସାର କରି ବୈଜ୍ଞାନିକ ମନୋଭାବର ପ୍ରସାର। ବୈଜ୍ଞାନିକ ମନୋଭାବରେ ମନକୁ ସଂପୂର୍ଣ୍ଣ ଉନ୍ମୁକ୍ତ ରଖିବାପାଇଁ ପଡ଼େ। ଯୁକ୍ତିସିଦ୍ଧ କୌଣସି ନୂତନ ସତ୍ୟ ପ୍ରତିଷ୍ଠିତ ହେଲେ, ସେହି ସତ୍ୟକୁ ସ୍ୱୀକାର କରିବାକୁ ହୁଏ ଏବଂ ନିଜର ପାରମ୍ପାରିକ ମୂଲ୍ୟବୋଧର ପୁର୍ନବିଚାର କରିବାପାଇଁ ହୁଏ।

ବିଜ୍ଞାନ ଏକ ଗତିଶୀଳ ଜୀବନକ୍ରିୟା। ଜୀବନର ଅର୍ଥ, ଧର୍ମଗ୍ରନ୍ଥଗୁଡ଼ିକରେ ଯାହା ଉଲ୍ଲେଖ ଅଛି ତାହା ଅଭ୍ରାନ୍ତ ନୁହେଁ। ସେଥିରେ

ପ୍ରାରମ୍ଭରୁ ହିଁ ନିଜ ଇଚ୍ଛାକୁ ଆୟତ୍ତ କର ଏବଂ ଖରାପ ଅଭ୍ୟାସକୁ ଛାଡ଼ିଦିଅ।
ଅନ୍ୟଥା ଏମାନେ ତୁମକୁ ଧୀରେ ଧୀରେ ବଡ଼ ବିପତ୍ତିରେ ପକାଇବେ।

ମଧ୍ୟ ପରିଦୃଷ୍ଟ ହୋଇପାରେ ଭ୍ରାନ୍ତି। ସୁତରାଂ ଜୀବନର ସମସ୍ତ କ୍ଷେତ୍ରରେ କୁସଂସ୍କାରର ବ୍ୟାଧିକୁ ଦୂରୀଭୂତ କରି ବୈଜ୍ଞାନିକ ମନୋବୃତ୍ତି ପ୍ରତିଷ୍ଠା କରିବା ଏକାନ୍ତ ପ୍ରୟୋଜନ। ଜୀବନର କେବଳ ବହିରଙ୍ଗରେ ନୁହେଁ, ବିଜ୍ଞାନକୁ ମନୁଷ୍ୟର ଅନ୍ତରଙ୍ଗ ଜୀବନରେ ଏହାକୁ ସୁପ୍ରତିଷ୍ଠିତ କରି ଯଥାଯୋଗ୍ୟ ମର୍ଯ୍ୟାଦାର ପ୍ରବେଶାଧିକାର ପ୍ରଦାନ କରିବା। ଏହା କରିନପାରିଲେ ବହୁ ଯୁଗଧରି ସଞ୍ଚିତ ଅପଜ୍ଞାନ ଓ କୁସଂସ୍କାରର ମୂଳୋତ୍ପାଟନ ସମ୍ଭବ ହେବନାହିଁ ଏବଂ ଶୁଦ୍ଧ ତଥା ପରିଚ୍ଛନ୍ନ ଚିନ୍ତା ଏବଂ ଯୁକ୍ତିବୁଦ୍ଧିର ସାହାଯ୍ୟରେ ଜୀବନର ପ୍ରତ୍ୟେକ ସ୍ତରରେ ସୁସମନ୍ୱିତ ଉନ୍ନତି ବିଧାନ ଚିରକାଳପାଇଁ ରହିଯିବ ଆମଠାରୁ ଅନେକ ଦୂରରେ ।

ସତକଥା କହିଲେ, ବୈଜ୍ଞାନିକ ମାନସିକତାକୁ ପ୍ରତିଷ୍ଠିତ କରାଇବାରେ ତଥା ଜାତୀୟଚେତନାରେ ବିଜ୍ଞାନକୁ ପ୍ରସାରିତ କରାଇବାରେ କୌଣସି ସୁଚିନ୍ତିତ ପରିକଳ୍ପନା ଆମର ଦୃଷ୍ଟିପଥାରୂଢ଼ ହେଉନି। କିନ୍ତୁ କିଏ ଅବା ନଜାଣେ ଯେ, ବିଜ୍ଞାନ ଆମକୁ କେବଳ ଏକ ସାର୍ବିକ୍ ସତ୍ୟଦୃଷ୍ଟି ଦେଇନଥାଏ, ଦେଇଥାଏ ଏକ ରୁଚିଶୀଳ, ପରିମାର୍ଜିତ, ସହିଷ୍ଣୁ, ଶାଳୀନ ଜୀବନବୋଧ ମଧ୍ୟ। ମ । ତ_ ଏହାର ପରିବର୍ତ୍ତେ ଶିକ୍ଷିତ ସଂପ୍ରଦାୟ ଏପରିକି ବିଜ୍ଞାନ କର୍ମୀମାନଙ୍କ ମଧ୍ୟରେ ବି ଅନେକ କ୍ଷେତ୍ରରେ ପରିଲକ୍ଷିତ ହୋଇଚାଲିଛି ଗୋଷ୍ଠୀବଦ୍ଧତା, ଯାହାର ସୁନିଶ୍ଚିତ ଫଳ ହେଉଛି ବିଚ୍ଛିନ୍ନତା; ପରିଲକ୍ଷିତ ହେଉଛି ଏକ ଅଦ୍ଭୁତ ମତାନ୍ଧତା, ଅନ୍ୟମାନଙ୍କ ମତପ୍ରତି ଅସହିଷ୍ଣୁତା, ଯାହାର ସୁନିଶ୍ଚିତ ପରିଣତି ହେଉଛି ପରସ୍ପର ପ୍ରତି ଅଶ୍ରଦ୍ଧା, ଅବହେଳା ଓ ଅପ୍ରେମ। ପରିଦୃଷ୍ଟ ହେଉଛି ଏକ ଉଗ୍ର, ହିଂସ୍ର ତଥା ବର୍ବରୋଚିତ ଆଚରଣ ଓ ପରସ୍ପର ପ୍ରତି ଆକ୍ରମଣ ଏବଂ ପରସ୍ପରର କୁତ୍ସାରଚନା। ଏହା ବିଜ୍ଞାନର ଔଦାର୍ଯ୍ୟ ଏବଂ ମୌଳିକ ଆଦର୍ଶର ପରିପନ୍ଥୀ। ତେବେ କଅଣ ଏହାର ପ୍ରତିକାର ? କଅଣ ଏହାର ପ୍ରତିରୋଧର ପଥ ? ଏ ସଂପର୍କରେ ହୁଏତ ମତବିରୋଧ ଥାଇପାରେ। କିନ୍ତୁ କୌଣସି ଅବସ୍ଥାରେ ମଧ୍ୟ ଏହାପ୍ରତି ଉଦାସୀନତା, ନୀରବତା ଏବଂ ଉପେକ୍ଷା ପ୍ରଦର୍ଶନ ବାଞ୍ଛନୀୟ ନୁହେଁ ।

ପ୍ରତ୍ୟେକ ସମାଜ ସଚେତନ ନାଗରିକ ଏବଂ ବିଜ୍ଞାନକର୍ମୀ ସକ୍ରିୟଭାବେ ଏହା ବିରୋଧରେ ଉଚ୍ଚ ନିଦାନୀ ସ୍ୱର ଉତ୍ତୋଳନ କରିବା ପ୍ରୟୋଜନ। ଏହାକୁ ସାକାର କରିବା ନିମନ୍ତେ ପ୍ରୟୋଜନ ଆହୁରି ବେଶୀ ବିଜ୍ଞାନ ମନସ୍କତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚେଇ ଦେବାପାଇଁ ଆନ୍ତରିକ ପ୍ରୟାସ । ଏହାକୁ ସାର୍ଥକ କରିପାରିଲେ ବିଜ୍ଞାନର ସଂଖ୍ୟାଗତ ପ୍ରସାର ପରିବର୍ତ୍ତେ ଆମେ ସମସ୍ତେ ହୋଇପାରିବା ବିଜ୍ଞାନର ଗୁଣଗତ ସାଫଲ୍ୟର ଅଂଶୀଦାର ତଥା ଉପଭୋକ୍ତା ।

**‘ଅଭୀପ୍ସା’**
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ବିଡ଼ାନାସୀ, କଟକ**

# ଚିତ୍ତହାରୀ ଚିତ୍ତରଂଜନ

**ସତ୍ୟବାଦୀ ବଳିଆରସିଂହ**



କରୋନା କବଳ ବଡ଼ ବିକଟାଳ
କରୁଣ ଦାରୁଣ ସ୍ଥିତି
ଶୁଣି ସ୍ତବ୍ଧ ହେଲି ମୁଖୁଁ ନ ସ୍ଫୁରିଲା
ବିଚ୍ଛେଦ ଯନ୍ତ୍ରଣା ଭୀତି ।
ହେ ଚିତ୍ତରଂଜନ ପଣ୍ଡିତ ପ୍ରବର
ବନ୍ଧୁପଣେ ଆପଣାର
ନିତି ପ୍ରତି କାର୍ଯ୍ୟେ ଧାଇଁ ଆସୁଥିଲ
ଭାବ ସ୍ୱଚ୍ଛ ନୀର ଧାର ।
ମହତ୍ ଆକାଙ୍କ୍ଷା ଉଚ୍ଚ ଅଭିଳାଷ
ବନ୍ଧୁ ପ୍ରୀତି ସମାଦର
ଅଭୁଲା ଅତୁଟ ସ୍ୱଚ୍ଛ ନିଷ୍କପଟ
ଆତ୍ମୀୟ ଭାବ ବିଚାର ।
ଆମରି ସତ୍ୟର ପ୍ରଚାର ପ୍ରସାରେ
ସଂକଳ୍ପର ଧ୍ୱଜାଧାରୀ
ସାହିତ୍ୟ ସର୍ଜନା ପ୍ରତିଭା ବିକାଶେ
ଉତ୍ସାହ ଯେ ଦିଅ ଭରି ।
ମନ୍ଦାକିନୀ ଧାର ରାମେଶ୍ୱର ଗଡ଼
ସଂସ୍କୃତି ବକୁଳ ବନ
ସେ ପୁଣ୍ୟ ମାଟିର ମହକିତ ଭାବେ
ଆକୁଳିତ ଥିଲା ମନ ।
ତବ ପ୍ରେରଣାରେ ପତ୍ନୀ ନିରୁପମା
ଲେଖିଲେ ଅନେକ ବହି
ସାହିତ୍ୟ ଜଗତେ ହେଲେ ପରିଚିତା
ଏବେ ବାମ ହେଲା ବିହି ।
ପ୍ରତି ଶୁଭ କର୍ମେ ନବ ଜାଗରଣେ
ଉତ୍ସାହ ଖେଳେ ଲହରୀ
ଉଲ୍ଲସିତ ଚିତ୍ତ ମିଠା ବୋଲା ହସ
କେଣେ ଗଲା ଅପସରି ।
ଭୁଲିନାହୁଁ କେବେ ପାରିବୁନି ଭୁଲି
ତବ ସ୍ନେହ ସୁଧା ବାରି
ପ୍ରତିଟି ପ୍ରାଣର ହୃଦୟ ସ୍ପନ୍ଦନେ
ଥିବ ଯୁଗ ଯୁଗ ଧରି ।

**ସହଯୋଗୀ ସଂପାଦକ, ଆମରିସତ୍ୟ**

# ବିଲେଇ ସାପ

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର





ବିଲେଇ ସାପ ଏକ ବିଷହୀନ ସାପ। ଏମାନଙ୍କର ଆଖିଟି ଦେଖିବାକୁ ବିଲେଇପରି, ତେଣୁ ଏମାନଙ୍କୁ ବିଲେଇ ସାପ କୁହାଯାଏ। କିନ୍ତୁ କେତେକ ସ୍ଥାନରେ ଏମାନଙ୍କର ନାମ ଡାଲୁଆ ନାଗ ମଧ୍ୟ ହୋଇଥାଏ। ଏମାନଙ୍କର ବିଷଦାନ୍ତ ରହିଛି। କିନ୍ତୁ ବିଷଦାନ୍ତଗୁଡ଼ିକ ପାଟିର ଭିତରଆଡ଼କୁ ଥାଏ। ତେଣୁ ଏମାନଙ୍କର ବିଷ ସେତେ ପ୍ରଖର ନୁହେଁ। ମଣିଷକୁ କାମୁଡ଼ିଲେ ମଣିଷ ଦେହରେ ବିଷକ୍ରିୟାର କୌଣସି ଲକ୍ଷଣ ପରିଲକ୍ଷିତ ହୁଏନାହିଁ। ଏହାର Aœ ÙRú ^ ûc új CQòCommon Cat Snake ଓ ବୈଜ୍ଞାନିକ ନାମ ହେଉଛି Bioga Trigonata। ଏମାନଙ୍କର ଦେହର ଲମ୍ବ ୭୦ ସେ.ମିରୁ ୧ ମିଟର। ଶରୀର ପତଳା ଓ ଦେହର ମଝିଭାଗ ସାମାନ୍ୟ ମୋଟା ଅଟେ। ମୁଣ୍ଡ ଚେପ୍‌ଟା ଓ ତ୍ରିଭୁଜାକାର ଏବଂ ବେକ ଖୁବ୍ ସରୁଆ ଅଟେ। ଆଖି ଦୁଇଟି ବଡ଼ ଓ ଆଖିପୁଅ ବିଲେଇର ଆଖିପରି ଅଣ୍ଡାକୃତି ଓ ଭୂଲମ୍ବ ଭାବେ ରହିଥାଏ। ଆଖି ଚାରିପାଖର ରଙ୍ଗ ସୁନେଲି ଓ ଦେହର ରଙ୍ଗ ବାଦାମୀ। ଦେହସାରା ଗାଢ଼ ରଙ୍ଗର ଗ୍ରୀକ୍ ଅକ୍ଷର ଗାମାପରି ଦାଗ ରହିଥାଏ। ତେଣୁ ଏହି ସାପକୁ ଗାମା ସାପ (Gamma Snake) ମଧ୍ୟ କୁହାଯାଏ। ମୁଣ୍ଡ ଉପରେ ଗାଢ଼ ବାଦାମୀ ରଙ୍ଗର ଦୁଇଟି ଦାଗ ରହିଛି। ଏହି ଦାଗ ଦୁଇଟିର ରଙ୍ଗ ଧଳା ଅଟେ। ଏହି ଦାଗ ଲଲାଟିକା ଡାଲର ପଛରୁ ଆରମ୍ଭ ହୋଇ ମଧ୍ୟ କପାଳୀୟ ଡାଲର ମଧ୍ୟଦେଇ ମୁଣ୍ଡର ପାର୍ଶ୍ୱବାଟେ ବେକ ପର୍ଯ୍ୟନ୍ତ ଲମ୍ବିଥାଏ। ଆଉ ମଧ୍ୟ କପାଳୀୟ ଡାଲ ଦୁଇଟି ପଛରୁ ବେକ ପର୍ଯ୍ୟନ୍ତ ଗାଢ଼ କଳାରଙ୍ଗର ଏକ ଦାଗ ରହିଛି। ଏହି ଦାଗ ବେକଠାରେ ଦୁଇଭାଗରେ ବିଭକ୍ତ ହୋଇ ବେକର ଦୁଇପାର୍ଶ୍ୱକୁ ଲମ୍ବିଥାଏ। ଫଳରେ ମୁଣ୍ଡ ଉପରେ 'Y' ପରି ଦାଗଥାଏ। ଆଖିଦୁଇଟି ପଛରୁ ଶେଷ ପର୍ଯ୍ୟନ୍ତ ଅଧଓଷ୍ଠୀୟ ଡାଲଥାଏ। ଫିକା କଳାରଙ୍ଗର ଗୋଟିଏ ଗୋଟିଏ ଗାରଥାଏ। ପେଟତଳ ଧଳାରଙ୍ଗ ଓ ପେଟତଳ ଛାତିର ଦୁଇପାର୍ଶ୍ୱରେ ଗାଢ଼ ବାଦାମୀ ରଙ୍ଗର ଛୋଟ ଛୋଟ ଦାଗ ରହିଥାଏ। ଏମାନଙ୍କର ଲାଞ୍ଜଟି ଲମ୍ବା ଓ ଆସ୍ତେ ଆସ୍ତେ ସରୁ ହୋଇଯାଇଥାଏ। ଲାଞ୍ଜର ଲମ୍ବ ଦେହର ମୋଟ ଲମ୍ବର ୧/୪ ରୁ ୧/୫ ଅଂଶ। ଦେହର ମଝି ଅଂଶରେ ତଥା ପିଠି ଉପରେ ୨୧ ଧାଡ଼ିରେ କାତି ସଜାହୋଇ ରହିଛି। କାତିଗୁଡ଼ିକ ଚିକ୍କଣ। ମୁଣ୍ଡ ଉପରେ ଡାଲ ରହିଥାଏ। ମୋଟ ୧୧ଟି ଡାଲ ଯଥା ପୂର୍ବ ଅକ୍ଷିତ ଡାଲ, ଅନୁଅକ୍ଷିକ ଡାଲ ଓ ୯ଗୋଟି ଅଧିଓଷ୍ଠୀୟ ଡାଲ ରହିଛି। ୪ର୍ଥ, ୫ମ ଓ ୬ଷ୍ଠ ଡାଲ ଆଖିକୁ ସ୍ପର୍ଶ କରିଥାଏ। ସେହିପରି ଅଧଓଷ୍ଠୀୟ ୭ଟି ଡାଲ ରହିଛି। ଆଉ ମଧ୍ୟ ଅବଜିହ୍ୱା ଚାରୋଟି ଡାଲ ସହିତ ଚିବୁକୀୟ ରେଖା ଅଛି। ପେଟତଳ କାତି ଉଭୟପଟେ ୨୦୬-୨୫୬ ଏବଂ ଲାଞ୍ଜତଳେ କାତି ଦୁଇ ଧାଡ଼ିରେ ୭୫-୯୬ ମଧ୍ୟରେ ରହିଛି। ମଳଦ୍ୱାର ଉପରେ ଗୋଟିଏ କାତି ରହିଛି।

ଏମାନେ ଆଗ୍ରିଚର ଓ ହିଂସ୍ର ପ୍ରକୃତିର ସାପ ଅଟନ୍ତି। ଯଦି ଶତ୍ରୁ ଆକ୍ରମଣ କରେ ସେମାନେ ମଧ୍ୟ ଆକ୍ରମଣ କରିଥାନ୍ତି। ସେତେବେଳେ ଲାଞ୍ଜକୁ ହଲାଇ ବାରମ୍ବାର ଶତ୍ରୁକୁ ଚୋଟମାରନ୍ତି। ଏମାନେ ଦିନସାରା ଥଣ୍ଡାଳିଆ ଜାଗା ତଥା ଗହଳିଆ ବୁଦା ଭିତରେ, ତାଳଗଛ ପତ୍ର ଉପରେ ଶୋଇ ରହିଥାନ୍ତି। ରାତିରେ ଖାଦ୍ୟପାଇଁ ବାହାରକୁ ଯାଆନ୍ତି। ବିଶେଷକରି ବେଙ୍ଗ, ଛୋଟ ମୂଷା, ଝିଟିପିଟି ଓ ଛୋଟ ଚଢ଼େଇମାନଙ୍କୁ ମାରି ଖାଆନ୍ତି । ଅକ୍ଟୋବର ମାସ ହେଉଛି ସେମାନଙ୍କର ପ୍ରଜନନ ମାସ ଓ ମାଈ ସାପ ଥରକେ ୩-୧୧ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ସେମାନେ ପ୍ରାକୃତିକ ପରିବେଶରେ ପ୍ରାୟ ୧୦ ବର୍ଷ କାଳ ବଞ୍ଚିରହନ୍ତି।

ବରିଷ୍ଠ ଅଧ୍ୟାପକ ପ୍ରାଣୀବିଜ୍ଞାନ ବିବାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ବାଙ୍କୀ

# ବଂଧୁର ବଂଧୁ ଜଗବଂଧୁ

ଶ୍ରୀ କରୁଣାକର ସାହୁ



ଜଗନ୍ନାଥ, କାଳିଆ ସାଆନ୍ତ, ବଡ଼ଠାକୁର, ପତିତପାବନ, ଦୁଃଖହାରୀ, ଦୀନବଂଧୁ, ଦୟାସାଗର ଏହିପରି କେତେ ଯେ ନାମ ଅଛି ପ୍ରଭୁଙ୍କର ତାହା କେହି କହିପାରିବେ ନାହିଁ। କିନ୍ତୁ ପ୍ରତି ନାମର ମହତ୍ତ୍ୱ ରହିଛି। ଏହିସବୁ ନାମରେ ଯୁଗେ ଯୁଗେ ପ୍ରଭୁ ଭକ୍ତର ପ୍ରିୟ ହୋଇଥାନ୍ତି। ସେ ନିଜକୁ ସମର୍ପଣ କରିଦିଅନ୍ତି ଭକ୍ତ ପାଖରେ। ସେ ଭକ୍ତ ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ। ସେ ସବୁ ଜାଣନ୍ତି ଓ ଦେଖନ୍ତି। ବାସ୍ତବରେ ଅଦ୍ଭୁତ ଓ ଅଚିନ୍ତନୀୟ ତାଙ୍କର କର୍ମ। ସେ ପୁଣି ସର୍ବସଂହା, ସର୍ବଦ୍ରଷ୍ଟା, ସର୍ବକର୍ତ୍ତା, ସର୍ବ ନିଅନ୍ତା ଓ ଭକ୍ତର ଜୀବନ।

ଦୂର ଅତୀତର କଥାଟିଏ ମନେପଡୁଛି। ଓଡ଼ିଶାର ଯାଜପୁର ଅଞ୍ଚଳରେ ରହୁଥିଲେ ବଂଧୁ ମହାନ୍ତି। ଚକାଡ଼ୋଳା ତାଙ୍କୁ ଡାକନ୍ତି ମୋ ଯାଜପୁରିଆ ବଂଧୁ। ଦୁଇଟି ଝିଅ ଆଉ ଗୋଟିଏ ପୁଅ। ଘର ବୋଲି ଦୁଇ ବଖରା। ଜମିବାଡ଼ି କିଛିନାହିଁ। ପ୍ରଭୁଙ୍କ ନାମ କୀର୍ତ୍ତନ କରି ଯାହା ପାଆନ୍ତି ସେଥିରେ ପାଂଚପ୍ରାଣୀ କୁଟୁମ୍ବ କଷ୍ଟରେ ଚଳନ୍ତି। ଦିନେ ଦିନେ ଘରେ ମଧ୍ୟ ଚୁଲି ଲାଗେନି। ଠାକୁର ଯଦି କିଛି ଦିଅନ୍ତି ଖାଆନ୍ତି।

ଥରେ ଓଡ଼ିଶାରେ ବର୍ଷା ହେଲାନାହିଁ। ବିଲ ବାଡ଼ି ଫସଲ ମରିଗଲା। ଚାରିଆଡ଼େ ଦୁର୍ଭିକ୍ଷ। ଲୋକ କଂକାଳ ସାର ହୋଇ ଭିକ୍ଷା ମାଗିଲେ। ଚାରିଆଡ଼େ କୁଡ଼ କୁଡ଼ ଶବ ପଡ଼ିଲା। ଦୁର୍ଭିକ୍ଷର କରାଳ ରୂପ ଜଗନ୍ନାଥଙ୍କ ଭୂମିକୁ ଗ୍ରାସ କରିଥିଲା। ବଂଧୁ ମହାଂନ୍ତି ପରିବାର ସେଥିରୁ ବା ବାଦ୍ ପଡ଼ିବେ କିପରି। କେତେଦିନ ଆଉ ବିନା ଅନ୍ନରେ ଜଳ ପାନକରି ବଂଚିବେ। ପିଲା ତିନୋଟି ବିକଳରେ ଅନ୍ନ ମୁଠାଏ ପାଇଁ ରୋଦନ କରୁଥାନ୍ତି। ବଂଧୁଙ୍କର ବଡ଼ ଝିଅଟି ବାରବର୍ଷର, ତା' ତଳ ଝିଅଟି ଆଠ ବର୍ଷର ଆଉ ପୁଅଟି ମାତ୍ର ପାଂଚ ବର୍ଷର। ବଂଧୁ ଦଂପତି ଅସହାୟ ହୋଇପଡ଼ିଲେ। ଦିନେ ପତ୍ନୀ କହିଲେ, "ସ୍ୱାମୀ, ଜଗନ୍ନାଥ ଧାମରେ ପରା ତୁମର ବଂଧୁ ଅଛନ୍ତି। ଚାଲ ସେଠାକୁ ଚାଲିଯିବା। ସେ ନିଶ୍ଚୟ ଅନ୍ନ ଦେଇ ଆମକୁ ବଂଚାଇ ଦେବେ। ଦୁଇବେଳା ଆମକୁ ଖାଇବାକୁ ମିଳିବ। ପ୍ରଭୁଂକର ନାମ ଜପି ଜପି ଜୀବନ କାଟିବା।"

ପତ୍ନୀଂକ ମୁଖରୁ ବଂଧୁଙ୍କ କଥାଶୁଣି ବଂଧୁ ମହାନ୍ତି କାନ୍ଦି ପକାଇଲେ। ଆନନ୍ଦାଶ୍ରୁ ଝରିଗଲା। ପାହାନ୍ତିଆରୁ ଉଠି ଯିବାପାଇଁ ସ୍ଥିରକଲେ। ରାତି ଦି'ଘଡ଼ି ଥାଏ। ପତ୍ନୀ ଉଠିପଡ଼ି ବଂଧୁଙ୍କୁ ଡାକିଲେ। ସେ ସ୍ୱପ୍ନରେ ଦେଖିଲେ ବଂଧୁ ତାଙ୍କ ଦୁଆର ମୁହଁରେ ଠିଆହୋଇ କହୁଛନ୍ତି, "ହେ ଯାଜପୁରିଆ ବଂଧୁ, ମୋ ଘରକୁ ଚାଲିଆସ, ମୁଁ ତୁମ କଥା ବୁଝିବି।" ସମସ୍ତେ ନିତ୍ୟକର୍ମ ଶେଷକରି ବାହାରିଲେ। ଘରେ ଯାହା ଚିରାଫଟା ଲୁଗାପଟା ଥିଲା, ତାକୁ ଗୋଟିଏ ଗଣ୍ଠିଲି କଲେ। ପୂର୍ବାକାଶରେ କୁଆଁତାରା ହସୁଥାଏ। ବଡ଼ ଝିଅଟି ଆଗେ ଆଗେ ଚାଲିଲା। ସାନ ଝିଅଟି ବସିଲା ବଂଧୁଙ୍କ କାନ୍ଧରେ ଆଉ ଟିକି ପୁଅଟିକୁ ମାଆ କାଖେଇ ଗଣ୍ଠିଲିଟିକୁ ମୁଣ୍ଡରେ ରଖିଲେ। ଖୁସି ମନରେ ଚାଲିଲେ ବଂଧୁ ମହାଂନ୍ତି ପରିବାର। ସେମାନେ ଅନୁଭବ କଲେ, ସତେ ଯେପରି

ଉପକାରେ କ୍ଷୁଦ୍ରଜଳ ସମର୍ଥ ଯେପରି ବଡ଼ ବଡ଼ ମହାଜନ ନୁହନ୍ତି ସେପରି,
ସବୁକାଳେ କୂପ ଜଳ କରେ ତୃଷା ନାଶ, ସାଗର ପରିତେ ବୃଥା ହୁଏ ତା ପ୍ରୟାସ।(ଦୃଷ୍ଟାନ୍ତ କଳିକା)

ତାଂକର ବଂଧୁ ବାଟକୁ ଋହିଁ ବସିଛଂନ୍ତି।

ବାଟରେ ଋରିଆଡ଼େ କୁଡ଼ କୁଡ଼ ମଢ଼। ଅର୍ଦ୍ଧ ମୃତ ଲୋକଙ୍କର କରୁଣ ବିଳାପ। ଶିବା ଶ୍ୱେନଙ୍କର ବିକଟ ଚିତ୍କାରକୁ ପଛରେ ପକାଇ ଋରିଦିନରେ ପୁରୀରେ ପହଂଚିଲେ ବଂଧୁଙ୍କ ପରିବାର। ସେତେବେଳକୁ ରାତି। କେହି ଏହି ଭିକାରୀମାନଙ୍କୁ ମନ୍ଦିରକୁ ଛାଡ଼ିଲେ ନାହିଁ। ଅନ୍ଧାର ଘୋଟି ଆସିଲା ଓ ଠାକୁରଙ୍କ ପହଡ଼ ପଡ଼ିଲା। ମନ୍ଦିରର ଦକ୍ଷିଣ ଦିଗରେ ଥିବା ପେଜ ନଳା ନିକଟରେ ପହଞ୍ଚିଲେ ବଂଧୁ ପରିବାର। ଷାଠିଏ ପଉଟୀ ଅନ୍ନର ପେଜର ଝରଣା ବୋହୁଛି। ଗୋରୁଗାଈ ଆନନ୍ଦରେ ଖାଉଛନ୍ତି। ବଂଧୁ ମାହାର୍ଦ୍ଦ କୁଡୁଆଟିଏ ଧରି ପେଜଆଣି ସ୍ତ୍ରୀ ଓ ପିଲାମାନଙ୍କୁ ଦେଲେ। ସମସ୍ତେ ପେଟପୂରା ଖାଇଲେ। ସେଇଠାରେ ତଳେ ଶୋଇଗଲେ।

ନିଶା ଗର୍ଜୁଛି। ଋରିଆଡ଼େ ଶୂନଶାନ୍। କିନ୍ତୁ ବଂଧୁ ଖୋଜୁଛନ୍ତି ପ୍ରିୟ ବଂଧୁଙ୍କୁ। ଆଖିରୁ ଝରି ଯାଉଥାଏ ଲୋତକର ଧାର। ପ୍ରଭୁ ଆଉ ଶୋଇପାରିଲେ ନାହିଁ। ଭଣ୍ଡାରଘରୁ ସୁନାଥାଳି ଆଣି ଅନ୍ନ, ବ୍ୟଂଜନ, କ୍ଷୀରି, ପୁରି ରଖି ପଣ୍ଡା ବେଶରେ ଦକ୍ଷିଣ ଦ୍ୱାରରେ ଡାକିଲେ , ବଂଧୁ, ବଂଧୁ ଆସ। କିନ୍ତୁ ବଂଧୁ ମହାନ୍ତି ଶୁଣି ନଶୁଣିଲା ପରି ବସିଥାଆନ୍ତି। ଶେଷରେ ଶୁଣାଗଲା, "ହେ ଯାଜପୁରିଆ ବଂଧୁ, ଆସ।" ବଂଧୁ ମହାନ୍ତି ଦେଖିଲେ ଜଣେ ତେଜସ୍ୱୀ ବ୍ରାହ୍ମଣ ଠିଆ ହୋଇଛନ୍ତି। ହାତରେ ତାଙ୍କର ଭୋଗଥାଳି। ବଂଧୁ ମହାନ୍ତିଙ୍କ ହାତକୁ ବଢ଼େଇ ଦେଇ ଋଲିଗଲେ। କାଲିଠାରୁ ସବୁ ବନ୍ଦୋବସ୍ତ କରିବାକୁ କହିଲେ।

ବଂଧୁ ମହାନ୍ତିଙ୍କ ପରିବାର ଠାକୁରଙ୍କ ମହାପ୍ରସାଦ ପାଇ ଶୋଇଗଲେ। ଥାଳିଟି ହାତରେ ଧରି ଡାକିଲେ ବଂଧୁ। କିଂତୁ କେହି ନେଲେନାହିଁ। ସେ'ତ ଭକ୍ତର ଭଗବାନ୍, ଭକ୍ତକୁ ଚିହ୍ନାଇ ଦେବେ ଜଗତକୁ।

ପୂର୍ବାକାଶରେ କୁଆଁତାରା ଋହିଁଲା। ସକାଳ ହେଲା। ସ୍ୱର୍ଣ୍ଣାଭ ରଶ୍ମିରେ ମନ୍ଦିରର ଚୂଡ଼ାରେ ପତିତପାବନ ବାନା ଉଡୁଥାଏ। ଠାକୁରଙ୍କ ମଣୋହି ଆରମ୍ଭ ହେଲା। ପଣ୍ଡା ଖୋଲିଲେ ଭଣ୍ଡାର ଘର। ଠାକୁରଙ୍କ ସୁନାଥାଳି ଋେରି ହୋଇଯାଇଛି। ଋରିଆଡ଼େ ରାଷ୍ଟ୍ର ହୋଇଗଲା। ସମସ୍ତେ ଖୋଜିଲେ। ଜଣେ ପଣ୍ଡା ଦେଖିଲେ ଦକ୍ଷିଣ ଦିଗରେ ପେଜନଳା ପାଖରେ ଶୋଇଛନ୍ତି ପାଞ୍ଚଜଣ ଭିକାରୀ। ତାଙ୍କରି ମୁଣ୍ଡ ପାଖରେ ଛିଣ୍ଡାକରେ ବନ୍ଧା ହୋଇଥିବା ଠାକୁରଙ୍କ ସୁନାଥାଳି ଚକ୍ ଚକ୍ କରୁଛି।

ଋେର ବୋଲି ଭାବି ବନ୍ଧୁ ମହାନ୍ତିଙ୍କୁ ଧରିନେଲେ ପଣ୍ଡାମାନେ। ଉତ୍ତମ ମଧ୍ୟମ ମଧ ଦେଲେ। କିନ୍ତୁ କେହି ଚିନ୍ତା କଲେନି, ତାଲା ତ ପଡ଼ିଛି, ସୁନାଥାଳି ଗଲା କିପରି। ଶେଷରେ ବଂଧୁଙ୍କ ହାତଗୋଡ଼ ବାନ୍ଧି ପକେଇଦେଲେ ଜେଲ୍‌ଖାନାରେ। ତାଙ୍କ ସତକଥାକୁ କେହି ବିଶ୍ୱାସ କଲେନି। ତିନୋଟି ପିଲା ଓ ମାଆଙ୍କ କରୁଣ ଚିତ୍କାରରେ ରତ୍ନ ସିଂହାସନ କମ୍ପି ଉଠୁଥାଏ। ପ୍ରଭୁ ଆଉ ସହିପାରିଲେନି। ସେ ପରା ବଂଧୁ ମହାନ୍ତିର ବଂଧୁ। ସହିବେ କିପରି।

ସେତ ହଟିଆ ଠାକୁର। ନାଟ ନ ଲଗେଇଲେ ତାଙ୍କ ମନ ବୁଝେନି। ବଂଧନରେ ରହି ବଂଧୁଙ୍କୁ ଡାକୁଥାନ୍ତି ବଂଧୁ। ଏଣେ ପେଜ ନାଳି ପାଖରେ ପିଲାଗୁଡ଼ାକର ଏବଂ ପତ୍ନୀଙ୍କର କରୁଣ ସ୍ୱର ପ୍ରଭୁଙ୍କର ମନରେ ଯନ୍ତ୍ରଣା ଭରି ଦେଉଥାଏ।

ସେତେବେଳକୁ ଗଜପତି ପୁରୁଷୋତ୍ତମ ଦେବଙ୍କ ସୁପୁତ୍ର ପ୍ରତାପରୁଦ୍ର ଅବସ୍ଥାନ କରୁଥାନ୍ତି ଜଟଣୀ ନିକଟବର୍ତ୍ତୀ ରଥୀପୁରଗଡ଼ରେ। ନିଶାର୍ଦ୍ଧରେ ପ୍ରଭୁ ସ୍ୱପ୍ନରେ ସବୁକଥା କହିଗଲେ ଗଜପତିଙ୍କୁ। ଯଥାଶୀଘ୍ର ଭକ୍ତର ଦୁଃଖ ଦୂର ନକଲେ ଭକ୍ତର ତପ୍ତ ନିଶ୍ୱାସରେ ସାମ୍ରାଜ୍ୟ ଧ୍ୱଂସ ହୋଇଯିବ। ତାଙ୍କର ଯଥାବିଧି ସତ୍କାର କରି ସାରାଜୀବନ ପାଇଁ ସେ ପରିବାରର ରହିବା, ଖାଇବା ପ୍ରଭୃତିର ସୁବ୍ୟବସ୍ଥା କର।

ପ୍ରଭୁଙ୍କର ଆଦେଶ ଶିରୋଧାର୍ଯ୍ୟ କରି ପ୍ରତାପରୁଦ୍ର ପାତ୍ର ମନ୍ତ୍ରୀଙ୍କ ସହିତ ଛୁଟିଗଲେ ଶ୍ରୀକ୍ଷେତ୍ର। କାରାଗାର କକ୍ଷରେ ବଂଧୁ ମହାନ୍ତିଙ୍କର ଗୋଡ଼ ହାତରେ ବେଡ଼ି। ଭକ୍ତର ପାଦତଳେ ପଡ଼ି ରାଜା ତାଙ୍କୁ ମୁକ୍ତକଲେ। ଜଗନ୍ନାଥଙ୍କର ବଂଧୁ ଯେ, ତାଙ୍କର ବଂଧୁ। ତାଙ୍କୁ ନିଜ ହାତରେ ସୁବାସିତ ଜଳରେ ସ୍ନାନ କରାଇଲେ। ପତ୍ନୀ ଓ ପୁତ୍ର କନ୍ୟାମାନଙ୍କୁ ଆଣି ଶୁଚିସ୍ନାନ କରି ପାଟବସ୍ତ୍ର ପରିଧାନ କରିବାକୁ ଦେଇ, କ୍ଷମା ମାଗିନେଲେ। କାରଣ ସେ ପରା ଜଗବଂଧୁଙ୍କର ବଂଧୁ। ଏଣୁ ସେ ରାଜାଂକର ପୂଜ୍ୟ।

ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ବଂଧୁଙ୍କ ପାଇଁ ଘର ନିର୍ମାଣ ହେଲା। ସେଠାରେ ବଂଧୁ ମହାନ୍ତି ଅବସ୍ଥାନ କରି ବଂଧୁର ସେବା, ପୂଜା ଓ ଭଜନ କୀର୍ତ୍ତନରେ ସମୟ ଅତିବାହିତ କଲେ। କାରଣ ସେ ପରା ପ୍ରଭୁଙ୍କର ଯାଜପୁରିଆ ବଂଧୁ।

ଏବେ ମଧ ସେ ଗୃହ ଅଛି ଏବଂ ବଂଧୁଙ୍କର ବଂଶଧରମାନେ ରହିଆସୁଛନ୍ତି। ବାସ୍ତବରେ ଭକ୍ତ ହିଁ ସ୍ୱୟଂ ଭଗବାନ। ବଂଧୁ ମହାନ୍ତିଙ୍କର ପରବର୍ତ୍ତୀ ବଂଶଧରମାନେ ପ୍ରଭୁଙ୍କର ଭଜନ କୀର୍ତ୍ତନ କରି ସମୟ ଅତିବାହିତ କରୁଛନ୍ତି। ସେମାନଙ୍କ ପାଇଁ ପ୍ରତିଦିନ ମନ୍ଦିରରୁ ମହାପ୍ରସାଦ ଯାଉଛି। ପୁରୁଷାନୁକ୍ରମେ ବଂଧୁ ମହାନ୍ତିଙ୍କର ପରିବାର ପ୍ରଭୁଙ୍କର ବଂଧୁ ହୋଇ ରହିଛନ୍ତି। ବାସ୍ତବରେ ସେ ହେଉଛନ୍ତି 'ବଂଧୁର ବଂଧୁ ଜଗବଂଧୁ' ।

**ଗାନ୍ଧିନଗର, ଜଟଣୀ**

**ମୋ - ୬୩୭୦୦୫୮୯୧୪**

# ବନ୍ଦେ ଉତ୍କଳ ଜନନୀ

ଶ୍ରୀମତୀ ରଶ୍ମିତା ନାୟକ

ଧନ୍ୟ ମୋ ଉତ୍କଳ ଧନ୍ୟ ତା'ର କୀର୍ତ୍ତି
ନାହିଁ ତା'ର ପଟାନ୍ତର
ଉତ୍କୃଷ୍ଟ ଗୌରବ ଉତ୍କଳ ଜାତିର
ଯାହା ପାଇଁ ନାମ ତା'ର । ॥୧॥
ପତିତପାବନ ଜଗନ୍ନାଥ ଧାମ
ନୀଳାଚଳେ ବାସ ତା'ର
କାର୍ତ୍ତିକ ମାସରେ ବୋଇତ ବନ୍ଦନା
ବାର ମାସେ ପର୍ବ ତେର । ॥୨॥
ବିଶ୍ୱ ଦରବାରେ କୋଣାରକ ଗାଥା
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ
ଉପେନ୍ଦ୍ର ଭଞ୍ଜ ତାହାରି ସନ୍ତାନ
ଜନମିଲେ କୁଳବୃଦ୍ଧ । ॥୩॥
ରାଧାନାଥ ରାୟ ଚିଲିକାର କାବ୍ୟ
ସୃଷ୍ଟି ତାଙ୍କ କାଳଜୟୀ
ଉତ୍କଳ ଭାରତୀ କୁନ୍ତଳା କୁମାରୀ
ଧନ୍ୟ ସେ ମମତାମୟୀ । ॥୪॥
ଦିବ୍ୟ ଭୂମି ଆମ ଉତ୍କଳ ଅଟଇ
ପୁରାଣ କହେ ତା' କଥା
ଗୀତଗୋବିନ୍ଦ ତ ଭାଗବତ ମାଳା
ଗାଏ ପ୍ରଭୁଙ୍କର ଗାଥା । ॥୫॥
ମାଟି ମାଆ ପାଇଁ ଜୀବନ ଦିଅନି
ଖୋରଧା ପାଇକ ବୀର,
ଜୟୀ ରାଜଗୁରୁ ବାଜି ବଳେନ୍ଦ୍ର
ଧନ୍ୟ ତୁମେ ବିଦ୍ୟାଧର । ॥୬॥
ବିଶାଳ ସମୁଦ୍ର ପୟର ପଖାଳେ
ମନ୍ଦିର ମାଳିନୀ କ୍ଷେତ୍ର
ସବୁଠୁ ସୁନ୍ଦର ଭାରତ ମଧୁର
ଧାର୍ମିକ ପୀଠ ପବିତ୍ର । ॥୭॥
ତା' ପାଣି ପବନ ଦିଅଇ ଜୀବନ
ଶାନ୍ତିର ମନ୍ଦାକିନୀ
ଅଂଶୁପା ରୂପସୀ ଅତୀବ ସୁନ୍ଦରୀ
ବନ୍ଦେ ଉତ୍କଳ ଜନନୀ । ॥୮॥

# ସେ ଜମାରୁ ଆଉ ବୁଝୁନି

ଅର୍ଜ୍ଜୁନ ମେହେର

ଥିଲା ପିଲାଦିନ
ମୋର ଓ ତାର ମଧ୍ୟ ପ୍ରଥମ ଦେଖା
ଆଖିରେ ଆଖିରେ ଅନେକ କଥା
ଅଳ୍ପ ଅଳ୍ପ ହସ ଲାଜେଇ ରହାଣୀ..... ।
କଢ଼ଟିଏରୁ ଫୁଲ ଫୁଟିବାରେ ହୋଇଛି ବେଳ
ମହକର ଆଘ୍ରାଣରେ ବିମୋହିତ ଅନେକ ଭ୍ରମର
ଉଡ଼ି ବୁଲିଲେ ଆଗପଛ
ପକେଇନି ନଜର, ଲଗେଇନି ମନ
ଚର୍ଚ୍ଚା ଘରିଆଡ଼େ ଗଳିକନ୍ଦି ସାରା ସହର
ମନ ଦେଇ ଦେଇଛି ସଖା କୃଷ୍ଣକୁ...... ।
କୃଷ୍ଣ ଜାଣେ ପ୍ରେମର ପରିଭାଷା
ଅଛି ମନ ମୋହିବାର କଳା
ମୋହନ ବଂଶୀରେ ଅଧୀର କରି ରଖିବାର ଶୈଳୀ
ଜଗି ବସେ ବାଟ ଘାଟ ନିରୁପାୟ ହୁଏ ରାଧା...... ।
କହେନି କାହାକୁ
କିଏ ଦେଇଛି ମୋ ରାଧା ବିରୁଦ୍ଧରେ ଗୁପ୍ତ ମନ୍ତ୍ରଣା
ବିରହିଣୀ ସାଜି ବସିଛି ସେଦିନୁ
ନାହିଁ ଆଗଭଳି ଚଳଚଂଚଳ
ସରାଗ ହସଖୁସି ଘାରୁଛି ଚିନ୍ତା
ଝୁରେ ଯମୁନାକୁ, କଦମ୍ବ ବଣକୁ
ମନା ହୋଇଛି ସତେ ମତେ ଏ ବାଟ ଘାଟ
ଆଉ ସଖୀ ସଙ୍ଗିନୀଙ୍କୁ....... ।
ବଢ଼ିଛି ବ୍ୟବଧାନ ବହୁଦିନର ଅନ୍ତରାଳ
ବିତି ଯାଇଛି ଅନେକ ଦିନ ଅନେକ ରାତି
ବଢ଼ିଛି ଦୁଶ୍ଚିନ୍ତା ଦୁଃସ୍ୱପ୍ନ ପରେ ଦୁଃସ୍ୱପ୍ନ
ପରିଣତି ଭୟାଭୟ ସତରେ ହେଲା ପରିଣତ....... ।
ରାଧା ଚାଲି ଯାଇଛି ଅନେକ ଦୂର ମୋଠୁ ବହୁତ ଦୂରକୁ
ହୋଇଯାଇଛି ଚନ୍ଦ୍ରଶେଖର ସବୁଦିନ ପାଇଁ
ବିରହର ଜୁଇରେ ଜଳୁଛି ସେଦିନୁ ମୁଁ
ସେ ବି ଜଳୁଥିବ ନିଶ୍ଚୟ
ଅନେକ ବୁଝେଇଛି ମୋ ରାଧାକୁ
ମୋର ପ୍ରାଣପ୍ରିୟାକୁ ସେ ଜମାରୁ ଆଉ ବୁଝୁନି.... ?

**ଗୌଡ଼ପାଲି, ବୁର୍ଲା**
**ମୋ - ୯୪୩୭୨୫୪୯୭୩**

# ଆତ୍ମଚିନ୍ତନ - ୧

ଅଧ୍ୟାପକ ସୁବୋଧ କୁମାର ଜଗଦେବ

ଭାଗବତରେ ଅଛି - "ଦଣ୍ଡେ ଥିଲେ ଏ ପିଣ୍ଡେ ପ୍ରାଣ
ନେଇ ନପାରେ ଜନ୍ତୁ ରାତି ॥"

ଜୀବନ ମରଣ ଭିତରେ ଏ ସଂସାର ସୃଷ୍ଟି ହୋଇଛି। ପୁଣି ତା'ଭିତରେ ଈଶ୍ୱରଙ୍କ ସଦିଚ୍ଛା ହିଁ କାମ କରିଥାଏ। କଥା ହେଲା ଏକ ନିର୍ଦ୍ଦିଷ୍ଟ ବିଧିବିଧାନରେ, ସୃଷ୍ଟିକର୍ତ୍ତା, ଜୀବର କଲାକୃତି କର୍ମଫଳ ଅନୁଯାଇ, ଦୁଃଖସୁଖ, ଭଲମନ୍ଦ ଯାହାବି ଆସେ ମଣିଷ ଏହି ସଂସାରରେ ରହି ଭୋଗ କରିଥାଏ ଓ ପରବର୍ତ୍ତୀ ସମୟରେ ଏ ସଂସାରରୁ ବିଦାୟ ନେବାକୁ ପଡ଼ିଥାଏ। କାରଣ -

"ମର୍ତ୍ତମଣ୍ଡଳେ ଦେହ ବିହି
ଦେବତା ହେଲେ ବି ମରଇ ॥"

ତଥାପି ମଣିଷକୁ ମୃତ୍ୟୁର ଭୟ। ତାହାର କାରଣ ହେଲା ମଣିଷ ସଂସାରରେ, ଅହଂକାର, ବିକାର, ଅସ୍ଥିରତା ସହି ପାଞ୍ଚମନ ଆଉ ପଚିଶ ପ୍ରକୃତି, ଷଡ଼ରିପୁ, ଅଷ୍ଟବିକାରକୁ ନେଇ ମାୟାରେ ପଡ଼ି ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଅହେତୁକ ଆଶାରେ ପଡ଼ି ଅଜ୍ଞାନତା ଭିତରେ ଗତିକରେ। ଏହି ପରିପ୍ରେକ୍ଷୀରେ ମହାପୁରୁଷଙ୍କର ଗୋଟିଏ ଉକ୍ତିକୁ ଉପସ୍ଥାପନା କରାଯାଇପାରେ।

"ଓଲେଇ ଗାଈଟି ଫୁଲେଇ ହୋଇଣ ବୁଲୁଚି ଗାଁ ଦାଣ୍ଡରେ,
ପାଞ୍ଚଗୋଟି ପୁତ୍ର ପଚ୍ଚିଶ ନାତିଙ୍କୁ ଖେଳାଇ ଅଛି ମଜାରେ ॥"

ଏଠାରେ ଓଲେଇ ଗାଈଟି ହେଲା ସ୍ୱୟଂ ଜୀବ ଓ ଗାଁ' ଦାଣ୍ଡ ହେଲା ଏ ଜଗତ। ପାଞ୍ଚପୁତ୍ର ହେଲେ ପାଞ୍ଚମନ ଆଉ ପଚ୍ଚିଶ ନାତି ହେଲେ ପଚ୍ଚିଶ ପ୍ରକୃତି। ଫଳସ୍ୱରୂପ ମଣିଷକୁ ମୃତ୍ୟୁର ଭୟ ଘାରିଥାଏ। କାରଣ, ମଣିଷ ଯେତେ ଫୁଲେଇ ବା ବାଟରେ ଜୀବନଯାପନ କରିବ, ତା'ର ଭିତରେ ଥିବା ସୁପ୍ତ ଅହଂକାର ଜାଗ୍ରତ ହୋଇଯିବ ଏବଂ ଆତ୍ମଚେତନାକୁ ହରାଇ ବସିବ। ଏହି ଆତ୍ମଚେତନାର ଅର୍ଥକୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସଂଖ୍ୟା ଯୋଗରେ ପ୍ରତିପାଦିତ କରିଛନ୍ତି ଯେ -

"ଅବ୍ୟକ୍ତା ଦୀନି ଭୂତାନି ବ୍ୟକ୍ତ ମଧ୍ୟାନି ଭାରତ
ଅବ୍ୟକ୍ତ ବି ଧନ୍ୟନ୍ୟେବ ତତ୍ରକା ପରିବେଦନା ॥" (୨/୨୮)

ଏହାର ଭାବାର୍ଥ ହେଲା ସକଳ ପ୍ରାଣୀଗଣ ଜନ୍ମପୂର୍ବରୁ ଅବ୍ୟକ୍ତ ଥିଲେ ଏବଂ ମୃତ୍ୟୁପରେ ମଧ୍ୟ ଅବ୍ୟକ୍ତ ହୋଇଯିବେ। କେବଳ ଜନ୍ମଠାରୁ ମୃତ୍ୟୁ ଭିତରେ ବ୍ୟକ୍ତକରି ଦେଖାଯାଉଥିବେ। ଏହି ବ୍ୟକ୍ତଟି ହେଉଛି ଆତ୍ମଚେତନା। ଅର୍ଥାତ୍ ପ୍ରତ୍ୟେକ ମୁହୂର୍ତ୍ତରେ ଆତ୍ମଚେତନାକୁ ଜାଗ୍ରତ କରିବା ଦରକାର। ଯାହାର ଆତ୍ମଚେତନା ଜାଗ୍ରତ ହୁଏନାହିଁ, ତା'ର ସୁପ୍ତ ଅହଂକାର ଜାଗ୍ରତ ହୁଏ। ଯାହାଫଳରେ ପରମାର୍ଥ ଗତି ବଦଳରେ ଜୀବର ଅଧୋଗତି ହୋଇଥାଏ। ଏ ସଂସାରରେ କେତେ ଆସିଛନ୍ତି କେତେ ଯାଇଛନ୍ତି, ତା'ର ହିସାବ କାହାରି ପାଖରେ ନାହିଁ। କେବଳ ପରମବ୍ରହ୍ମ ହିଁ, ହିସାବକର୍ତ୍ତା।

ତେଣୁ ଗୀତାରେ ବୁଝେଇଲେ -

"ଦେଦାହଂ ସମତୀତାନି ବର୍ତ୍ତମାନାନି ଚର୍ଜ୍ଜୁନ
ଭବିଷ୍ୟାଣି ଚ ଭୂତାନି ମାଂ ତୁ ଦେବ ନ କଶ୍ଚନ୍ ॥" (୭/୨୯)

ଏହାର ଭାବାର୍ଥ ଏଇଆ ଯେ, ପ୍ରଭୁ ଶ୍ରୀକୃଷ୍ଣ କହୁଛନ୍ତି, ହେ ଅର୍ଜ୍ଜୁନ! ଅତୀତରେ ଜନ୍ମ ନେଇଥିବା, ବର୍ତ୍ତମାନ ବିଦ୍ୟମାନ ଥିବା ଏବଂ ଭବିଷ୍ୟତରେ ଜନ୍ମପାଇବାକୁ ଥିବା ପ୍ରାଣୀମାନଙ୍କୁ ମୁଁ ଜାଣେ। କିନ୍ତୁ ଶ୍ରଦ୍ଧା, ଭକ୍ତିହୀନ କୌଣସି ପ୍ରାଣୀ ମତେ ଜାଣିପାରେନାହିଁ। ବେଳେବେଳେ ତୁଚ୍ଛାଟାରେ ଆମେ ବଡ଼େଇ ଦେଖେଇ କହୁଥାଉ ଯେ, ଆମେ ଏତେ ଜମି କିଣିଲୁ, ଆମେ ଏତଏ କୋଠାବାଡ଼ି କଲୁ ।

ପ୍ରକାରାନ୍ତରେ କହିବାକୁ ଗଲେ, ସ୍ରଷ୍ଟା ଆମପାଇଁ ଛାଡ଼ିଥିବା ଜିନିଷକୁ, ଆମେ କେତେ କମ୍ ବା ବେଶି କରିଛେ, ଅଥବା ଆମେ ନିଜେ କେତେ ବେଶି କରେଇଛେ। ପୃଥିବୀରେ ରହିଥିବା ଜମିର ପରିମାଣ ବଢ଼ିଛି ନା କମିଛି ? ? ଇତ୍ୟାଦି କଥା..... ।

ଯଦି ମଲାବେଳେ ସାଙ୍ଗରେ ନେଇଥାନ୍ତେ, ତାହାଲେ କମିଥାନ୍ତା କିମ୍ବା ଯଦି ବଞ୍ଚିଥିବା ଅବସ୍ଥାରେ ଜମି ବଢ଼େଇଥିବେ ତେବେ ପୃଥିବୀରେ ଆଗ ଅପେକ୍ଷା ଜମି ବଢ଼ିବଢ଼ି ଯାଇଥାନ୍ତା। ମାତ୍ର ପୃଥିବୀର ଆକାରରେ କିଛିବି ପରିବର୍ତ୍ତନ ହୋଇନାହିଁ। ଯଦି ପୂର୍ବା ସ୍ଥିତାବସ୍ଥା ବଜାୟ ରହିଛି, ତେବେ ତୁମେ କରିଦେଲ ବୋଲି ଡେଙ୍ଗୁରା କାହିଁକି ପିଟୁଛ ? ଯଦି ଆଗରୁ କେହି କିଛି ନେଇନାହାନ୍ତି, ତେବେ ତୁମେ ବି କିଛି ନେବନାହିଁ। ମନଭିତରେ ଏତେ ଅହଂକାର କାହିଁକି ? କଥାରେ ଅଛି, "ଗୋଟେ ଛୋଟ କଟା ଘା'କୁ ପଇସା ନାହିଁ ॥"

ଆମକୁ ଏସଂସାରରେ ଯିଏ ଜନ୍ମ ଦେଲେ, ତାହାକୁ ଆମେ ଲୌକିକ ପିତାମାତା ବୋଲି ମାନିଥାଉ। କିନ୍ତୁ ତାଙ୍କୁ ମଧ ଜାଣିନଥାଉ। କାରଣ ଜନ୍ମ ନେବାବେଳେ ଆମେ ସେମାନଙ୍କୁ ଦେଖିନାହୁଁ ଏବଂ ଦେଖିବା ସମ୍ଭବ ମଧ ନୁହେଁ। ଜନ୍ମଧାତ୍ରୀ ମା' ଅପେକ୍ଷା ତ ବାପାଙ୍କୁ ଜାଣିବା ଆହୁରି ମଧ ଅସମ୍ଭବ। ଏହାର କାରଣ ହେଲା ମା'ଠାରୁ ଜନ୍ମନେବା ସମୟରେ ଆମର ଶରୀର ଅନ୍ତତଃ ଗଠିତ ହୋଇସାରିଥିଲା। ଅପରପକ୍ଷରେ ବାପାଙ୍କ ଅଂଶରୁ ଜନ୍ମ ନେବା (ଗର୍ଭ ସ୍ଥାପନାବସ୍ଥା) ସମୟରେ ଆମ ଶରୀରର ଆଦୌ

ସତ୍ତା ନଥିଲା । ଏଣୁ ପରମପିତା ପରମାତ୍ମାଙ୍କୁ ତ ଜାଣିବା ଆଦୌ ସମ୍ଭବ ନୁହେଁ । ପିତାମାତାଙ୍କୁ ମାନିନେବା ଭଳି କେବଳ ତାଙ୍କୁ ମାନିନେବା ସାର ହେବ । ତେଣୁ ଭଗବାନ ହେଉଛନ୍ତି ସମଗ୍ର ଜଗତର ପିତା –

"ପିତାହମସ୍ୟ ଜଗତେ ମାତା ଧାତା ପିତାମହଃ
ବେଦ୍ୟଂ ପବିତ୍ରଂ ମୋ ଙ୍କାର ଋକ୍ ସାମ୍ ଯଜୁରେବ ଚ ॥"(୯/୧୭)

ଏ ସମଗ୍ର ଜଗତର ଧାରଣକର୍ତ୍ତା, କର୍ମଫଳ ଦାତ୍ତା, ପିତା, ମାତା, ପିତାମହ ଯାଣିବାର ଯୋଗ୍ୟବସ୍ତୁ, ପବିତ୍ର ଓଁ କାର ତଥା ଋକ୍ ବେଦ, ସାମବେଦ ଓ ଯର୍ଜୁବେଦ ମଧ୍ୟ ମୁଁ ଅଟେ । ଏଣୁ ପରମାତ୍ମାଙ୍କର ପାଦପଙ୍କଜରେ ସବୁ ଅର୍ପଣ କରି, ସମର୍ପଣ ଭାବରେ ଧ୍ୟାନ ଓ ଭକ୍ତି କରିବା ଦରକାର । ଦୁଇଟି କଥାପ୍ରତି ନିଶ୍ଚିତ ଧ୍ୟାନଦେବା ଦରକାର । ପ୍ରଥମଟି ହେଲା – କିଛି ଦେଇକରି ଯିବା ଓ ଦ୍ୱିତୀୟଟି ହେଲା – କିଛି ଛାଡ଼ିକରି ଯିବା । ଆଉ ମୃତ୍ୟୁପରେ ଯଦି ସାଥିରେ କିଛି ନେବାର ଅଛି, ତାହା ହେଲା ସଦ୍‌ଗୁରୁଙ୍କର ବାଣୀ । ସବୁପ୍ରକାରର ଅହଂକାର ଓ ଅହମିକାର ବଶବର୍ତ୍ତୀ ନହୋଇ ବିକାର, ଲାଭ, ଲୋଭ, ମୋହ ଇତ୍ୟାଦିକୁ ତ୍ୟାଗକରି ସବୁକିଛି ଗୁରୁଙ୍କର ପାଦତଳରେ ଅର୍ପଣକରି, ଗୁରୁଙ୍କର ପାଦ ବନ୍ଦନା କରି ଜୀବନକୁ ଆଗକୁ ବଢ଼େଇନେବା ଦରକାର । ଶେଷରେ ଖାଲି ହାତରେ ଏ ସଂସାରରୁ ନିରାଶରେ ତ୍ୟାଗକରିବା ସାର ହେବ ସିନା ପ୍ରକୃତ ଜୀବନର ଆତ୍ମଚେତନ ହୋଇପାରିବନାହିଁ । ସର୍ବୋପରି –

"ମନ୍ମନା ଭବ ମଦ୍ ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ,
ମାମେ ବୈଷ୍ୟସି ଯୁକ୍ତ୍ୱୈବ ମାତ୍ମାନଂ ମତ୍ ପରାୟଣଃ ॥" (୯/୩୪)

ନିଜର ଆତ୍ମାକୁ ପରମାତ୍ମାଙ୍କଠାରେ ଲଗେଇଲେ ଆମେ ସେହି ପରମାତ୍ମାଙ୍କୁ ନିଶ୍ଚୟ ପ୍ରାପ୍ତହେବା ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳାୟା,
ଖୋରଧା

## ସୁ-ଡୋକୁ ଉତ୍ତର ୨୫ ପୃଷ୍ଠାର

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 3 | 2 | 7 | 5 | 9 |
| 5 | 2 | 3 | 7 | 9 | 8 | 4 | 1 | 6 |
| 7 | 6 | 9 | 5 | 4 | 1 | 3 | 2 | 8 |
| 8 | 7 | 1 | 2 | 6 | 3 | 9 | 4 | 5 |
| 2 | 9 | 6 | 1 | 5 | 4 | 8 | 7 | 3 |
| 3 | 4 | 5 | 9 | 8 | 7 | 2 | 6 | 1 |
| 9 | 1 | 8 | 4 | 2 | 6 | 5 | 3 | 7 |
| 6 | 3 | 2 | 8 | 7 | 5 | 1 | 9 | 4 |
| 4 | 5 | 7 | 3 | 1 | 9 | 6 | 8 | 2 |

# ॥ ଉତ୍କଳର ବରପୁତ୍ର – ସଂଗ୍ରାମୀ ସୁରେନ୍ଦ୍ର ସାଏ ॥

**ଶ୍ରୀ ବ୍ରଜ କିଶୋର ଦାସ**

ସମ୍ବଲପୁର ମାଟିରେ ହୋଇ ସମ୍ଭୁତ,
ପ୍ରଚଣ୍ଡ ଇଚ୍ଛାଶକ୍ତି, ସଂଗ୍ରାମରେ ଶକ୍ତିବନ୍ତ,
ସାଜିଥିଲ ଅହିରାଜ ବିକ୍ରମରେ,
ସ୍ୱାଧିନତା ସଂଗ୍ରାମର ଦୁର୍ବାର ଶପଥ,
ଦୁର୍ଜୟ ବ୍ରିଟିଶ୍ ଶାସକଙ୍କ ସହ ଲଢ଼ିଥିଲ,
ବୀର ଯୋଦ୍ଧା, ପୁରୁଷ ସିଂହର ସୈନିକ,
ନିର୍ମମ ଇଂରେଜଠାରୁ ପାଇବି,
ଆଜୀବନ ଦୁର୍ବିସହ କୁଶବିଦ୍ଧ ଦୁଃଖ,
କେବେବି କରିନଥିଲ ମଥାନତ,
ହେ ବୀର ସୁରେନ୍ଦ୍ର ସାଏ, ଉତ୍କଳର ବରପୁତ୍ର ॥

ଜେଲର ଅନ୍ଧାରୀ ପ୍ରକୋଷ୍ଠରେ ଲଭି ବି ଦେହାନ୍ତ,
ଜୀବନ ଯୁଦ୍ଧରେ ଥିଲ ବିଜୟୀ ନାୟକ,
ଧ୍ୱଂସ ହୋଇଅଛ ସିନା, ହୋଇନ ପରାସ୍ତ ॥

ଦେହାନ୍ତ ପରେ ବି ତୁମେ ଚିରଞ୍ଜୀବୀ,
ପ୍ରତିମୂର୍ତ୍ତିରେ ଉପାସ୍ୟ, ଯଶରେ ଜୀବନ୍ତ,
ବିଶ୍ୱବନ୍ଦ୍ୟ ଶହୀଦ୍‌ର କାଳୋତ୍ତୀର୍ଣ୍ଣ ଅମର ଦୃଷ୍ଟାନ୍ତ ॥

ଏପରି ବୀର ଭୋଗ୍ୟା ବସୁନ୍ଧରା ସ୍ୱପ୍ନ ମୋର,
ଯେଉଁଟି ବିଶ୍ୱର ସମସ୍ତ ରାଜନୀତିଜ୍ଞ,
ଲାଭକରି ତୁମପରି ବଳିଷ୍ଠ ପୌରୁଷ,
ଶକ୍ତି, ଶିବ ତପସ୍ୟାରେ ହୋଇ ସିଦ୍ଧ,
ବିଶ୍ୱରୁ ଦୂରକରି ସମସ୍ତ ସାମ୍ରାଜ୍ୟବାଦୀ,
ବିସ୍ତାରବାଦୀ, ସନ୍ତ୍ରାସବାଦୀଙ୍କ ପ୍ରଭୁତ୍ୱ,
ହସାଇ ଦିଅନ୍ତେ ବିଶ୍ୱରେ,
ସତ୍ୟଯୁଗ ସ୍ୱର୍ଗୀୟ ରାଜତ୍ୱ ॥

**କଳଦିଆ, ନମୌଜା, କେନ୍ଦ୍ରାପଡ଼ା**
**ମୋ – ୯୭୭୭୩୩୦୪୪**

# ଆସ କିଛି ଜାଣିବା

**ଏକାକ୍ଷରଂ ପରଂବ୍ରହ୍ମ ପ୍ରାଣାୟାମଃ ପରଂତପଃ**
**ସାବିତ୍ର୍ୟସ୍ତୁ ପରଂ ନାସ୍ତି ମୌନାତ୍ସତ୍ୟଂ ବିଶିଷ୍ୟତେ ।**

ଏକାକ୍ଷର ଅର୍ଥାତ ଓଂ ପରଂବ୍ରହ୍ମ ପ୍ରାଣାୟାମ ହିଁ ପରମତପ ଏବଂ ଗାୟତ୍ରୀମନ୍ତ୍ରରୁ ଅଧିକ ପବିତ୍ରକାରୀ ଆଉ କୌଣସି ମନ୍ତ୍ରନାହିଁ ।

- ଆତ୍ମ ନିର୍ମାଣ ପାଇଁ ଦୁଇ ସୂତ୍ର - ସାଧା ଜୀବନ, ଉଚ୍ଚ ବିଚାର ।
- ଆଧାତ୍ମିକ ଜୀବନର ୩ ଆଧାର - ଉପାସନା, ସାଧନା, ଆରାଧନା।
- ଜୀବନ ନିର୍ମାଣର ଚାରିସୂତ୍ର - ସ୍ୱାଧ୍ୟାୟ, ସାଧନା, ସଂଯମ, ସେବା।
- ପ୍ରଗତିଶୀଳ ଜୀବନପାଇଁ ଚାରି ଚରଣ - ବିଜ୍ଞତା, ସଙ୍କୋଚତା, ଦାୟିତ୍ୱଶୀଳତା ଏବଂ ସାହାସିକତା ।
- ସମର୍ଥ ଜୀବନର ଚାରି ସ୍ତମ୍ଭ - ଇନ୍ଦ୍ରିୟ ସଂଯମ, ଅର୍ଥ ସଂଯମ, ସମୟ ସଂଯମ, ବିଚାର ସଂଯମ।
- ପରିବାର ନିର୍ମାଣର ପଞ୍ଚଶୀଳ - ଶ୍ରମଶୀଳତା, ସୁବ୍ୟବସ୍ଥା, ଶାଳୀନତା, ସହଯୋଗିତା ଏବଂ ମିତବ୍ୟୟତା ।
- ମାନବୀୟ ପ୍ରଗତିର ଆଧାର - ସହଯୋଗ, ସହକାର ।
- ସାଧନାରୁ - ଆତ୍ମଶକ୍ତି, ସ୍ୱାଧ୍ୟାୟରୁ - ବିଚାରଶକ୍ତି, ସତ୍‌ସଂଗରୁ ଭାବଶକ୍ତି, ସଂଯମରୁ - ଶାରୀରିକ ଚାରିତକ ଶକ୍ତିର ବଳ ସୃଷ୍ଟି ହୋଇଥାଏ ।
- ବିବେକ ଜାଗରଣର ସଂପୂର୍ଣ୍ଣ ଯୋଜନା - ମନର ସଂଯମପାଇଁ ସାଧନା - ଶରୀର ସଂଯମପାଇଁ ବ୍ୟାୟାମ ।
- ଚିନ୍ତନ ଦୃଷ୍ଟିରୁ - ଜ୍ଞାନଯୋଗୀ, ଚରିତ୍ର ଦୃଷ୍ଟିରୁ - ଭକ୍ତିଯୋଗୀ ଏବଂ ବ୍ୟବହାର ଦୃଷ୍ଟିରୁ କର୍ମଯୋଗୀ ହେବା ଦରକାର ।
- ଉପାସନା ଭକ୍ତି ଯୋଗ ହେଲେ - ସାଧନା ହେଉଛି ଜ୍ଞାନଯୋଗ ଓ ଆରାଧନା ହେଉଛି କର୍ମଯୋଗ ।

# ଏଇ ବାଟରେ....

**ସଚ୍ଚି ମହାନ୍ତି**

ଏଇ ବାଟରେ,
କେତେ କିଏ ଯାଉଥାନ୍ତି କିଛି କାମରେ
ଆଉ କେତେ ଚାଲୁଥାନ୍ତି ପ୍ରଭାତ ଫେରିରେ
କିଏ କୋକେଇରେ ଯାଏ
କିଏ ପାଲିଙ୍କିରେ ଯାଏ
କାହାପାଇଁ ଫୁଲ ପଡ଼େ,
କା' ପାଇଁ ଖଇ କଉଡ଼ି
ପଡ଼େ ଏଇ ବାଟରେ । ॥୦॥

ବାଟ କେବେ କାହାକୁତ ମନା କରିନାହିଁ
ତା' ଉପରେ ପାଦରଖି ଚାଲିବାର ପାଇଁ
ଉଦାରପଣରେ ଛାତି ଦେଇଛି ପ୍ରସାରୀ
ଧନୀ କି ଗରିବ ହେଉ ରାଜା କି ଭିକାରୀ
କିଏ ହସି ହସି ଯାଏ
କିଏ କାନ୍ଦି କାନ୍ଦି ଯାଏ
ଥକ୍କାମାରି ବସେ କିଏ ଗଛ ଛାଇତଳେ
ଏଇ ବାଟରେ । ॥୧॥

ବାଟ ସିନା ଦେଖାଇଛି ବାଟୋଇକୁ ବାଟ
ଅବାଟରେ ଯିବାପାଇଁ କରେନି ଆକଟ
ବାଟକୁ ଆଡ଼େଇ ଯିଏ ଅବାଟରେ ଯାଏ
ପରିଣତି ତାକୁ ଦିନେ ଭୋଗିବାକୁ ହୁଏ
ଜୀବନର ଶେଷ ଯାଏ
ଚାହିଁଲେ ବି କେବେ ନୁହେଁ
ଆଉ ଫେରି ଆସିବନି କେବେ ଏଇ ବାଟରେ
ଏଇ ବାଟରେ । ॥୨॥

**ମାର୍ଫତ - ଗିରୀଜା ଶଙ୍କର ମିଶ୍ର**
**ପ୍ଲଟ୍ ନଂ - ୨୫/୨୨୮**
**ଗଡ଼ମହାବୀର ବିହାର,**
**ରୋଡ଼୍ ନଂ - ୧, ଭୁବନେଶ୍ୱର**



(ଧାରାବାହିକ ଉପନ୍ୟାସ)

# ଉଦ୍ଧବ(୨)

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଳ୍ପ)

ହେ ଗୋବିନ୍ଦ! ମୋ ପାଖରେ ଏତେ ଅହଂକାର କାହିଁକି? ଆତ୍ମନିଷ୍ପତ୍ତି ନେବାର ଏତେ ବଡ଼ିମା ମୋ ପାଖକୁ କେଉଁଠୁ ଆସିଲା? ମୋ ପାଇଁ ମୁଁ ଚିନ୍ତା କରିବାଭଳି ସାହସ ମୋର କେବେ ଠାରୁ ହେଲା? ମୋ ପାଇଁ ମୁଁ ଚିନ୍ତା କଲାବେଳେ ହିତାହିତ ଜ୍ଞାନଶୂନ୍ୟ ହେବା ଭଳି ଆଚାର ମୋ ଠାରେ କେବେଠାରୁ ଦେଖାଦେଲା? ଅନ୍ୟକୁ ଉପଦେଶ ଦେବା ଭଳି ଆତ୍ମଶ୍ଲାଘା ମୋ ଭିତରେ କେବେଠୁ ପ୍ରବେଶକଲା?

ତୁମେ ଯଦି ମୋର ଗତି, ପ୍ରଗତି, ପ୍ରକୃତି ଓ ସକଳ ଭିତ୍ତିର ଆଧାର, ତୁମେ ଯଦି ମୋତେ ନିୟନ୍ତ୍ରଣ କରୁଥାଅ, ତୁମେ ଯଦି ମୋର କାର୍ଯ୍ୟ ଆଉ କାରଣର ଏକମାତ୍ର ଉଦ୍ୟୋକ୍ତା ହୋଇଥାଅ, ତେବେ ମୋର ଏତେ ଆତ୍ମଗର୍ବ କଣ ପାଇଁ?

ତୁମକୁ ଆରମ୍ଭ କରିବାର ଆସ୍ପର୍ଦ୍ଧା ମୋ'ଠି କିଏ ସୃଷ୍ଟିକଲା?

କେ କେଶବ! ଜୀବ ସଂସାରୀ ହୋଇଗଲାପରେ ତାର ସକଳ ଦିବ୍ୟଦୃଷ୍ଟି ଏଭଳି ଦ୍ରବ୍ୟଦୃଷ୍ଟିରେ ପରିଣତ ହୋଇଯାଉଥିବାର ମୁଁ ହେଉଛି ସର୍ବୋତ୍ତମ ଉଦାହରଣ? ତା' ନହୋଇଥିଲେ, ସତ୍ୟକୁ ଜାଣିବା ସତ୍ତ୍ୱେ ସତ୍ୟ ପାଖରୁ ଦୂରେଇ ରହିବା ଓ ତା'ଠାରୁ ଆତ୍ମଗୋପନ କରିବା ଭଳି ମାନସିକ ଉପସର୍ଗସବୁ ମୋ ପାଖରେ ଏତେ ଜମାଟ ବାନ୍ଧିଛି କାହିଁକି? ଆରମ୍ଭରୁ ଆରମ୍ଭ ବୋଲି କିଛି ନଥାଏ, ଏ କଥା ଜାଣିବାପରେ ମଧ୍ୟ ମୋ ମନରେ ଆରମ୍ଭ କରିବାର ଏ ଅବଦମିତ ଇଚ୍ଛା କଣ ପାଇଁ ସୃଷ୍ଟି ହେଲା?

ଜୀବ ଆରମ୍ଭ କରିଛି ବୋଲି ଭାବେ। ସିଏ ତା' କର୍ମର ଏକାନ୍ତ ଓ ପ୍ରାଥମିକ ପ୍ରାବନ୍ଧିକ ବୋଲି ନିଜକୁ ବିଚାରକରେ। ସେହି ନ୍ୟାୟରେ ଆରମ୍ଭ କରିବାର ପ୍ରଲୁବ୍ଧ ବାସନା ମୋ ଭିତରର ଅହଂକାର ହୋଇପାରେ, ମାତ୍ର ତାହା ଯେ ଆଦ୍ୟକଥନୀ ନୁହେଁ ଏହାହିଁ ସତ୍ୟ, ଚିରନ୍ତନ ଓ ମୌଳିକ।

ସୁତରାଂ, ଶେଷରୁ ଏ ଆରମ୍ଭ!

ସବୁର ସୃଷ୍ଟି ଶେଷରୁ ଓ ତାହା ପୁଣି ଏକ ବିଲୟରୁ!

ଶେଷରେ ସୃଷ୍ଟି ଓ ଶେଷରୁ ସୃଷ୍ଟି !

ଏହା ସୃଷ୍ଟିର ବିଲକ୍ଷଣ ହୋଇପାରେ, ମାତ୍ର ଏହା ହିଁ ସତ୍ୟ !

ବିଲୟରୁ ସୃଷ୍ଟି ଓ ସୃଷ୍ଟିରୁ ପୁଣି ବିଲୟ ! ଏହା ଏକ ଚିରାଚରିତ ଓ ଚିରପ୍ରବାହ ପ୍ରକ୍ରିୟା !

ସୃଷ୍ଟି କେବେ ବି ଆରମ୍ଭ ନୁହେଁ ! ଏହା ଅତୀତରେ ଥିଲା, ବର୍ତ୍ତମାନରେ ଅଛି ଓ ଭବିଷ୍ୟତରେ ରହିବ ! ଏହା କେବଳ ଏକ ସଂସ୍କାର, ସଂଶୋଧନ ଓ ସଂସ୍କରଣ!

ନୂଆ ରୂପ, ନୂଆ ରସ, ନୂଆ ତେଜ, ନୂଆ ଢଙ୍ଗ, ନୂଆ ଗନ୍ଧ ଓ ନୂଆ ଆବେଦନର ପରିପୁଷ୍ଟି କେବଳ!

ସୁତରାଂ, ନୂଆ, ଆରମ୍ଭ ନୁହେଁ ଏହା ପୁରୁଣାର ପୁନର୍ବିନ୍ୟାସ !

ଏଇ ପୁନର୍ବିନ୍ୟାସର ଆଦିକର୍ତ୍ତା ବି ତୁମେ ! ମୁଁ, ଆମେ, ଏ ସକଳ ସଚରାଚର କେବଳ ଉପଲକ୍ଷ୍ୟ ! ଆମକୁ ଆମଦ୍ୱାରା ନଚେଇ, ହସେଇ, କନ୍ଦେଇ, ମରେଇ ତୁମେ ତୁମ ଧର୍ମ ପାଳନରେ କେବେ ହେଳାକରିନ! ସେଇଥିପାଇଁ ତ ତୁମେ ଆଦିକର୍ତ୍ତା ଓ ଆଦିଭର୍ତ୍ତା ! ନିଜକୁ ଅନେକ ବିଭକ୍ତକରି ନିଜେ ଅବିଭକ୍ତ ରହିପାରିବାର ଶ୍ରେୟ କେବଳ ତୁମକୁ ସେଇଥିପାଇଁ ଯାଏ !

ଏ ସୃଷ୍ଟିକୁ କେତେଥର ଭାଙ୍ଗି କେତେଥର ଗଢ଼ିଛ ତା'ର ହିସାବ କେବଳ ତୁମକୁ ଜଣା। ସକାଳେ ଗଢ଼ିଛ ପୁଣି ସଞ୍ଜକୁ ଭାଙ୍ଗିଦେଇଛ ଆଉ ସଞ୍ଜକୁ ଗଢ଼ି ପୁଣି ସକାଳକୁ ଭାଙ୍ଗିଦେଇଛ। ସକାଳରୁ ସଞ୍ଜ ଓ ସଞ୍ଜରୁ ସକାଳର ଅବଧି ଭିତରେ କେତେ ଲକ୍ଷ-ସହସ୍ର ବର୍ଷର ବ୍ୟବଧାନ ତାହା ବି ତୁମକୁ ଜଣା !

ସେଦିନ ଦେବତାଏ ଅଳିକଲେ। ବ୍ରହ୍ମା ନେହୁରା ହେଲେ। ତୁମକୁ ମନେ ପକେଇଦେଲେ ! ତୁମକୁ ମନେ ପକେଇଦେବାର ଦୁଃସାହସ କେବଳ ବ୍ରହ୍ମା କରିପାରନ୍ତି!

– "ମର୍ତ୍ତ୍ୟଲୀଳା ତ ସରିଗଲା ପ୍ରଭୁ ! ଦୁଷ୍ଟମାନେ ବିନାଶ ହୋଇସାରିଲେଣି। ସୃଷ୍ଟିରେ ଶାନ୍ତି ଆସିଲାଣି। ଆଉ କାହିଁକି ଅପେକ୍ଷା ? ତେଣେ ବୈକୁଣ୍ଠ ଶିରୀହୀନ ହେଲାଣି। ଏଥର ଫେରିବା ହୁଅନ୍ତୁ ଠାକୁରେ" !

ବ୍ରହ୍ମାଙ୍କ କଥାରେ ତୁମେ ମନ୍ଦମନ୍ଦ ହସିଲ! ଯୋଉ ହସ ସବୁବେଳେ ହସୁଥାଅ! ସେଇ ଚିରାଚରିତ ହସ। ଚିର ବୈଭବମୟ ସେ ହସ!

ପ୍ରଭୁ, ତୁମେ କେବଳ ହସି ଜାଣ ନା!

ସୁଖରେ ଓ ଦୁଃଖରେ, ପ୍ରାପ୍ତି ଓ ଅପ୍ରାପ୍ତିରେ, କ୍ଷୟ ଓ ବୃଦ୍ଧିରେ, ବିରହରେ ଅବା ମିଳନରେ କିମ୍ବା ବେଦନା କି ସନ୍ତୁଷ୍ଟି, ସବୁଥିରେ ତୁମେ କେବଳ ସେଇ ଏକାପ୍ରକାର ହସୁଥାଅ!

ସେ କି ପ୍ରକାର ହସ ମ !

ସେ ହସ ବ୍ୟାଜର ନା ବ୍ୟଞ୍ଜନାର ?

କାହାକୁ ଉପହାସ କରିବାକୁ ସେ ହସ ନା ନିଜେ ଉପହସିତ ହେବାକୁ ?

ସେ ହସ ପରାଜୟର ନା ବିଜୟର ?

ସେ ହସ ଖୋଜିବାର ନା ହଜିବାର ?

କି ଅସମାହିତ ସେ ହସ ତୁମର ଯେ, କେହିକେହି ତାର୍କିକ ଏହାର ରହସ୍ୟ ଖୋଜିବାକୁ ଯାଇ ନିଜେ ସେଥିରେ ହଜି ଯାଇଛନ୍ତି !

ସେ ହସରେ ସେମିତି ସେଦିନ ଦେବତାମାନେ ବି ଦୁଇ ବିପରୀତ ଧର୍ମୀ ଆଶା ଓ ଆଶଙ୍କାରେ ସନ୍ଦିହାନ ହୋଇପଡ଼ିଥିଲେ !

ବ୍ରହ୍ମା ତୁମକୁ ଚକିତ ନୟନରେ ଚାହିଁଲେ । ତାଙ୍କ ମନର ପ୍ରଶ୍ନକୁ ଠିକ ଠଉରେଇ ତୁମେ ପ୍ରତିକ୍ରିୟାହୀନ ଉତ୍ତରଟେ ରଖିଲ ।

ତୁମେ କହିଲ, ଯାହା କେହି କହିପାରନ୍ତିନି !

କିଏ ନିଜ ବଂଶବୁଡ଼େଇବା କଥା କହିବ ? ତୁମେ କିନ୍ତୁ କହିଲ !

– "ଆଉ କିଛି କାମ ବାକି ରହିଯାଇଛି ବ୍ରହ୍ମଦେବ ! ଏବେ ସୁଦ୍ଧା ବି ଅବନୀ ଆଶ୍ୱାସନା ଲଭିନି । ଦୁଷ୍ଟମାନଙ୍କ କୋଳାହଳରେ ଏବେ ବି ଧରଣୀ ଭାରାକ୍ରାନ୍ତ ! ସେମାନଙ୍କୁ ସଂହାର କରି ଅବଶ୍ୟ ମୁଁ ଫେରିଯିବି ! ଆପଣ ନିଶ୍ଚିନ୍ତ ରହନ୍ତୁ !"

ସନ୍ତ୍ରସ୍ତ ମନରେ ବେଦପତି ତୁମକୁ ଚାହିଁଲେ । ଆଶଙ୍କା ଓ ଆତଙ୍କିତ ମନରେ ତାଙ୍କର ଅଜସ୍ର ପ୍ରଶ୍ନ !

ତୁମ ଓଠରୁ ପୁଣି ସେଇ ହସ ଉକୁଟି ଉଠିଲା ! ତୁମେ ବ୍ରହ୍ମାଙ୍କ ମନର ପ୍ରଶ୍ନକୁ ଠିକ୍ ପଢ଼ିପାରିଲ । କେମିତି ପଢ଼ି ପାରିନଥା'ନ୍ତ ଯେ ? ତୁମେ ପରା ସକଳ ଜୀବର ଜୀବନ ! ତୁମ ମନର ଫଳକରେ ପରା ସକଳ ପ୍ରାଣୀର ଭାବନା ପ୍ରତିବିମ୍ବିତ ! ବ୍ରହ୍ମାଙ୍କୁ ପ୍ରବୋଧନା ଦେଇ କହିଲ, "ଯେ ପର୍ଯ୍ୟନ୍ତ ଯଦୁବଂଶୀମାନେ ଏ ସୃଷ୍ଟିରେ ବିଚରଣ କରୁଥିବେ ସେ ପର୍ଯ୍ୟନ୍ତ ଏ ଧରାଭାର ଉଶ୍ୱାସ ହେବନି । ସେମାନେ ଧରାକୁ ସରା ମନେକଲେଣି । ସେମାନଙ୍କ ଉତ୍ପାତ ଅସହ୍ୟ ହେଲାଣି । ଖୁବ୍ ଶିଘ୍ର ସେମାନଙ୍କୁ ବିନାଶକରି ମୁଁ ବୈକୁଣ୍ଠକୁ ଫେରିଯିବି । "

ବିସ୍ମୟାବିଭୂତ ବ୍ରହ୍ମାଦି ଦେବଗଣ ତୁମଠାରୁ ଆଶ୍ୱାସନା ପାଇ ସେଦିନ ସ୍ୱର୍ଗପୁରୀକୁ ଫେରିଗଲେ ।

କି ମାୟା ତୁମେ ରଚନାକରି ନ ଜାଣ ଯେ !

ତୁମ ମାୟା ତୁମକୁ ବି ଗୋଚର ନୁହେଁ ! ସତରେ କଣ ତୁମେ ତୁମ ବଂଶ ବୁଡ଼େଇବା କଥା କହିଲ ? ନା' ମ ! ସେମାନେ ତ ତୁମର ବିଷ୍ଣୁଗଣ ! ତୁମେ ସେମାନଙ୍କୁ ତୁମ ସହ ବିଷ୍ଣୁଲୋକରୁ ସାଥିରେ ଆଣିଥିଲ ତୁମ ସହ ଲୀଳା ରଚନା କରିବା ପାଇଁ ! ତୁମ ଲୀଳା ଯେତେବେଳେ ସରିଗଲା ସେମାନଙ୍କର ଆଉ ମର୍ତ୍ତ୍ୟରେ କି ପ୍ରୟୋଜନ ? ସେମାନଙ୍କୁ ସାଥିରେ ନନେଲେ ତୁମ ବିଷ୍ଣୁଲୋକ ପୁଣି ଖାଲିଖାଲି ଲାଗିନଥା'ନ୍ତା ! ଏକା ଯାଇ ତୁମେ ସେଠି କଣ କରିଥା'ନ୍ତ ?

ସମସ୍ତେ ଜାଣିବାକୁ ତୁମେ ତୁମ ବଂଶ ବୁଡ଼େଇଲ, ହେଲେ ତୁମ ପାଇଁ ଏହା ତୁମର ନୈମିତିକ ଲୀଳା !

ତୁମ ଲୀଳାରେ ତୁମେ ବୁଡ଼ିଗଲ– ପରବର୍ତ୍ତୀ ଯୋଜନାକୁ ନେଇ !

ସବୁଆଡ଼େ ବହଳ ନିରବତା । ଖାଲି ଚାଳର ମଥାନ ଉପରେ ରାତିଅଧିଆ ପେଚାଟା କୁଟୁର୍‌କୁ କୁଟୁର୍‌କୁ ହେଉଥିଲା ।

ତମସାର ସେଇ ନିସ୍ତବ୍ଧ ଓ ଘନଘୋର ଅନ୍ଧାର ଭିତରେ ତୁମ ଭାବନା ଦାନା ବାନ୍ଧୁଥିଲା ଓ ତାହା ରାତ୍ରୀର ଗଭୀରତା ଠାରୁ ଥିଲା ଆହୁରି ଗଭୀର ଆହୁରି ସାନ୍ଦ୍ର !

X X X X

କାଳର ଲିଖିତ ଦଲିଲ ପଢ଼ିବାକୁ କାହାରି ସାହସ ନାହିଁ । ତୁମର ବି ନୁହେଁ ବୋଧେ !

କାରଣ, ସେଦିନ ତୁମକୁ ଦେଖି ମୋର ସେଇ ଭାବନା ଆସିଲା ।

ତୁମେ ଖୁବ୍ ବିବ୍ରତ ଜଣା ଯାଉଥିଲ । ପ୍ରକୃତରେ ତୁମେ ବିବ୍ରତ ନଥିଲ ! ଏହା ତୁମର ଅନ୍ୟ ଏକ ମାୟା ଥିଲା ।

କାରଣଟା କେହି ନଜାଣିଲେ ବି ମୁଁ ଠିକ୍ ଜାଣିଥିଲି । କେହି ତୁମକୁ ନବୁଝିଥିଲେ ବି ମୁଁ ତୁମକୁ ଯେତିକି ଜାଣିଥିଲି ତୁମେ ବିବ୍ରତ ହେବା ଭଳି ବ୍ୟକ୍ତିତ୍ୱ ନଥିଲ । ଯିଏ ସକଳ ବ୍ୟସ୍ତତାର ମହୌଷଧି, ସିଏ ପୁଣି ବିବ୍ରତ ହେବେ କୋଉ ଆଧାରରେ ?

ସେଦିନ ସକାଳୁ ସକାଳୁ ଦୂତ ହାତରେ ଡାକରା ପାଇ ଆଶ୍ଚର୍ଯ୍ୟ ହେଲି !

ଭାବିଲି, ମୋତେ ତୁମେ ଡକେଇ ପଠେଇଛ କ'ଣ ପାଇଁ । ମୁଁ ତ ତୁମ ସହ ସବୁଦିନେ ଦେଖାକରେ । ଆଜି ଏ ଅବେଳାରେ ଏ ନୂଆ କଥା କାହିଁକି ?

ବ୍ରହ୍ମର ଡାକରା ପାଇଲେ ଦେହୀ ବ୍ରହ୍ମମୟ ହୋଇଯାଏ ! ଦେହୀ ଯେ ଯାଏଁ ବ୍ରହ୍ମ ପଛରେ ଧାଇଁ ଥାଏ, ବ୍ରହ୍ମ ସେତେ ଦିନ ଯାଏଁ ତାକୁ ପରୀକ୍ଷା କରୁଥାଏ । ଯୋଉଦିନ ବ୍ରହ୍ମ ଠାରୁ ଡାକରା ଆସେ, ସେଦିନ ପରୀକ୍ଷା ସରିଯାଏ ବୋଲି ଜାଣ । ସେଦିନ ଫଳ ବାହାରିବାର ଦିନ । ଫଳାଫଳର ସନ୍ଦେଶଟିଏ ତାକୁ ଅପେକ୍ଷା କରିଥାଏ ।

ଛାତିରେ ମୋର ଛନକା ପଶିଲା । ଭାବିଲି ମୋର ପରୀକ୍ଷାର ଦିନ ଶେଷ ହୋଇଯାଇଛି । ଫଳାଫଳରେ କି ସନ୍ଦେଶ ଅଛି ମୋ ପାଇଁ ?

କିଭଳି ଫଳ ମୋ ପାଇଁ ଅପେକ୍ଷା କରିଛି ? କିଛି ଅଘଟଣ କି କିଛି ଅଶୁଭ ଘଟିନାହିଁ ତ ?

ତୁମ ଠାରୁ ଡାକରା ପାଇଲେ ଜୀବ ସେଇଆ ଭାବିବନି ତ ଆଉ କଣ ?

ତୁମେ ଯାହାକୁ ସାଧାରଣ ଘଟଣା ବୋଲି ଭାବ, ସେଇଟା ଜୀବ ପାଇଁ ହୁଏତ ଦୁର୍ଘଟଣା ଆଉ ଯାହା ତୁମ ଦୃଷ୍ଟିରେ ଶୁଭ, ସେଇଟା ଆମ ପାଇଁ ଅଶୁଭ ହୋଇପାରେ, ଯେହେତୁ ତୁମ ପାଖରେ ଘଟଣା, ଦୁର୍ଘଟଣା, ଶୁଭ, ଅଶୁଭ, ବେଳା ଅବେଳା ସବୁ ସମାନ ! ତୁମେ ସବୁର

ଉର୍ଦ୍ଧ୍ୱରେ ! ସେଇଥିପାଇଁ ପରା ତୁମେ ଉର୍ଦ୍ଧ୍ୱରେତା !

ସଂସାରର ମଙ୍ଗଳ ପାଇଁ ତୁମର କାଳକାଳକୁ ଅବତାର ! ଧର୍ମ ସ୍ଥାପନା କରିବାର ଅଭିସନ୍ଧି ତୁମ ଅବତାରର ମୂଳଲକ୍ଷ୍ୟ । ଏ କଥା ଯୁଗଯୁଗରୁ ଚଳିଆସୁଛି ଓ ଚାଲିଥିବ ଏମିତି ଯୁଗାନ୍ତର ଯାଏଁ । ଏଥିପାଇଁ କେତେକେତେ ସମର, ମହାସମର ରଚନା ହୋଇଛି । କେତେ ରକ୍ତପାତ ଘଟିଛି । କେତେ କାହାର ଆଖିର ଅଶ୍ରୁରେ ଧରଣୀବକ୍ଷ ସିକ୍ତ ହୋଇଛି । କେତେ ହାହାକାର, ପ୍ରଳୟ, ବିଭୀଷିକା ! ପ୍ରକୃତିର ତାଣ୍ଡବ, ସ୍ୱର୍ଗରୁ ସାଗର ଆଉ ମାଟିରୁ ରସାତଳକୁ ଆକ୍ରାନ୍ତ କରିଛି ! ଏସବୁ ତ ତୁମରି ମଙ୍ଗଳମୟ ଇଚ୍ଛାଶକ୍ତିର ସାକାର ଅଭିବ୍ୟକ୍ତି ! ଛୋଟପିଲାଟିର ବାଲିଘର ପରି ଏହା ତୁମ ସଂସାର ଖେଳଘର !

ତୁମ ଖେଳଘର ଆଉ କାହା ପାଇଁ କାଳଘର ହୋଇପାରେ,ମାତ୍ର ତୁମକୁ ଫରକ ପଡ଼େନା ! କାରଣ, ଏଇଥିରେ ଅନେକ ମଙ୍ଗଳ ନିହିତ ଥାଏ ।

ତୁମରି ଇଚ୍ଛା ପୂର୍ଣ୍ଣ ହେଉ ବାସୁଦେବ !

ଅନେକ ଭାବନା, ଦୁର୍ଭାବନା ଓ ଅନୁଭୂତି ବିକାର ମନକୁ ବ୍ୟସ୍ତ କରୁଥିବାବେଳେ ମୁଁ ତୁମ ପାଖରେ କେତେବେଳେ ପହଞ୍ଚିଗଲି ଜାଣିପାରିଲିନି ।

ତୁମେ ବୋଧହୁଏ ମୋତେ ଅପେକ୍ଷା କରିଥିଲ । ଉଆସ ବାହାରମେଲା ପାଖରେ ତୁମ ବ୍ୟସ୍ତ ପଦଚାଳନା ମୋତେ କିଛି ଘଟିଥିବାର ସୂଚନା ଦେଲା । ତୁମେ ଖୁବ୍ ଅନ୍ୟମନସ୍କ ଜଣାଯାଉଥିଲ । ମୋତେ ଦେଖୁଦେଖୁ ମୋ ପାଖକୁ ଏକପ୍ରକାର ଧାଇଁ ଆସିଲ । ମୋ ହାତକୁ ଧରିପକାଇ କହିଲ, ଉଦ୍ଧବ ! ବହୁତ ବଡ଼ ଅଘଟଣଟିଏ ଘଟିବାକୁ ଯାଉଛି ! ମୁଣ୍ଡ ଉପରେ ବ୍ରହ୍ମ ଅଭିଶାପର ସାପଟା ଏବେ ବି ଜିହ୍ୱା ଲହଲହ କରି ଦଂଶନ କରିବାକୁ ଉଦ୍ୟମ କରୁଛି । ତାରି ପ୍ରଭାବରୁ ଦ୍ୱାରକାରେ ଯେତେପ୍ରକାର ଦୈବୀ ଦୁର୍ବିପାକ ଘଟିଚାଲିଛି । ନିର୍ମେଘ ଆକାଶରେ ବଜ୍ରପାତ, ବାରମ୍ବାର ଭୂମିକମ୍ପ, ଅଦିନିଆ ବାଆବତାସ ଏ ସବୁ ତାରି ପ୍ରଭାବରୁ ହେଉଛି ବୋଲି ଲାଗୁଛି । ସମୁଦ୍ର କୂଳ ଲଙ୍ଘିବା ଆରମ୍ଭ କଲାଣି । କାଳରାତିରେ ଅଶରୀରୀ ମାନଙ୍କ ଅଟ୍ଟହାସ୍ୟ ମନରେ ଭ୍ରାନ୍ତି ଆଣୁଛି । ମୁଁ ଭାବୁଛି ସମସ୍ତ ଯାଦବମାନଙ୍କୁ ନେଇ ପ୍ରଭାସକୁ ଯିବି । କେବଳ ପ୍ରଭାସତୀର୍ଥ ହିଁ ବ୍ରହ୍ମ ଅଭିଶାପରୁ ମୁକ୍ତି ଦେଇପାରେ । ତୁମେ ତ ଜାଣିଛ, ଅତୀତରେ ଦକ୍ଷ ପ୍ରଜାପତିଙ୍କ ଦ୍ୱାରା ଶାପଗ୍ରସ୍ତ ଚନ୍ଦ୍ର ପ୍ରଭାସତୀର୍ଥରେ ବୁଡ଼ପକେଇ ରାଜଯକ୍ଷ୍ମା ଭଳି ରୋଗରୁ ଆରୋଗ୍ୟ ଲାଭ କରିଥିଲେ । ତୁମେ କି ବିଚାର କରୁଛ ଉଦ୍ଧବ ?

କାହିଁକି ଏତେ କପଟ ଠାକୁରେ ? ଏ ନଟକୁଟିଆ ବୁଦ୍ଧି ବିଚରା ନିରୀହ ଉଦ୍ଧବଟା ପ୍ରତି କାହିଁକି ? ସଂସାରର କାଦୁଅ ଭିତରେ ଘାଣ୍ଟିଚକଟି ହେବାକୁ ଯାହାର ଜନ୍ମ, ତାକୁ ଏଭଳି ପ୍ରଶ୍ନ ଭିତରେ କାହିଁକି ଛନ୍ଦି ପକଉଛ ? ଯିଏ ସବୁ ବିଚାରର ବିଚାର ତାଙ୍କ ପାଖରେ ମୁଁ କି ବିଚାରଦେବି ?

ଯାହାଙ୍କ ବିଚାରକୁ ଚଉଦ ଭୂବନର ଆକୀଟବ୍ରହ୍ମ ସମସ୍ତେ ସ୍ୱୀକାର କରନ୍ତି, ଯାହାଙ୍କ ବିଚାର କେବଳ ସମାଧାନର କଥା କହିଥାଏ, ସିଏ ମୋ ପାଖରୁ କି ବିଚାର ଆଶାରଖନ୍ତି !

କାହିଁକି ବାରମ୍ବାର ପରୀକ୍ଷାରେ ପକାଉଛ ଠାକୁରେ ! କେତେ ବା ଆଉ ପରୀକ୍ଷା କରିବ ? ମୁଁ ସବୁବେଳେ ତୁମରି ଆଶ୍ରିତ ଶିଷ୍ୟଟିଏ ହୋଇ ରହିବାକୁ ଚାହେଁ । କେବେ ଗୁରୁ ହେବାକୁ ଇଚ୍ଛା କରିନି । ସବୁ ସମୟ ପାଇଁ ଜିଜ୍ଞାସୁଟିଏ ହୋଇ ରହିବାକୁ ଇଚ୍ଛାକରେ । କେବେ ଉତ୍ତର ରଖିବାର ଆସ୍ପର୍ଦ୍ଧା କରିନି କି କେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ପର୍କ ଛିନ୍ନ କରିବାକୁ ଚାହିଁନି !

ପରୀକ୍ଷା ସରିଗଲେ ଗୁରୁ-ଶିଷ୍ୟର ସମ୍ପର୍କରେ ଭଙ୍ଗା ପଡ଼ିଯାଏ । ଏକପ୍ରକାର ସମ୍ପର୍କ ତୁଟିଯାଏ । ଗୁରୁ, ନୂଆ ଶିଷ୍ୟର ଅନ୍ୱେଷଣ କରନ୍ତି ତ ଶିଷ୍ୟ ସଂସାର ଅନୁସରଣରେ ବ୍ରତୀ ହୋଇଯାଏ । ଉଭୟେ ପରସ୍ପର ଠାରୁ ସ୍ୱାଧୀନ ହୋଇଯାଆନ୍ତି । ଏ କ୍ଷେତ୍ରରେ ମୋ ପାଇଁ ତୁମେ କି ପ୍ରକାର ଇଚ୍ଛା ରଖିଛ ମୁଁ ଜାଣେନି । ତେବେ ଏତିକି ଜାଣିଛି ଯେ, ତୁମର ଇଚ୍ଛା ଜଗତର ମଙ୍ଗଳ ପାଇଁ ଓ ସେହି ମଙ୍ଗଳମୟ ଇଚ୍ଛାଶକ୍ତି ପାଖରେ ମୋ ସାଧାରଣ ଇଚ୍ଛାର କୌଣସି ମୂଲ୍ୟନାହିଁ ।

ଅଦ୍ଭୁତ ଓ ଅଭୁତପୂର୍ବ ତୁମରି ଇଚ୍ଛା ପ୍ରଭୁ !

ମୁଁ ଏସବୁ କେବଳ ଭାବିଲି । କିଛି କହିପାରିଲିନି । ଚୁପ ରହିଲି ।

ତୁମେ କହିଲ, ଉଦ୍ଧବ ! ତୁମେ ମୋର ଆତ୍ମୀୟ ! ତୁମକୁ ମୋର କୌଣସି କଥା ଗୋପ୍ୟ ନୁହଁ କି ମୋର କୌଣସି ପଥ ତୁମ ପାଇଁ ଅଗମ୍ୟ ନୁହଁ ! ତୁମ ପାଖରୁ ମୁଁ ଢେର ଶ୍ରଦ୍ଧା ଓ ସମ୍ମାନ ପାଇଛି । ତୁମ ପାଇଁ ମୋର ଅଦେୟ କିଛି ନାହିଁ । ଏହାକୁ ମୋର ତୁମ ପାଇଁ ଉପଦେଶ କିମ୍ବା ଆଦେଶ ବୋଲି ଭାବିପାର । ତୁମେ ବଦ୍ରିକାଧାମକୁ ଚାଲିଯାଅ । ସେଇଠି ନିରୋଳା ଧ୍ୟାନରେ ସମୟ କଟାଅ । ମୋର ପାଦ ଓ ପଦରେ ଧ୍ୟାନ ରଖି ବାକି ଜୀବନ କଟେଇଦିଅ ! ଏହାକୁ ମୋର ଶେଷ କଥା ବୋଲି ଭାବିପାର !

- ଭଗବାନଙ୍କ କଥାର ଶେଷ ଥାଏ ନା ତାଙ୍କର ଶେଷ ଥାଏ ? କାହିଁକି ଏମିତି ଦ୍ୱନ୍ଦରେ ପକାଉଛ ଠାକୁରେ ! ମନରେ ଅସରନ୍ତି ପ୍ରଶ୍ନ ସହ ପଚାରିଲି !

ତୁମେ ସେମିତି ମନ୍ଦମନ୍ଦ ହସୁଥିଲ ! ସେ ହସ ଯେତିକି ସ୍ନିଗ୍ଧ, ଶୀତଳ, କୋମଳ ଓ କମନୀୟ ସେତିକି ରହସ୍ୟମୟ ଥିଲା । ହସ ଗୋଟିଏ- ଆଭାସ ଦୁଇଟି- ସନ୍ଦେଶ ଦୁଇଟି । ଭବିତବ୍ୟର ଦୁଇ ଆଶା ଓ ଆଶଙ୍କା ଜୀବକୁ କାଳେକାଳେ ଜିଜ୍ଞାସୁ କରେ !

ତୁମେ ଯେତିକି ଯେତିକି ହସୁଥିଲ, ମୁଁ ସେତିକି ସେତିକି ଜିଜ୍ଞାସୁ ହୋଇଉଠୁଥିଲି !

ତୁମେ ସେଇମିତି ହସିହସି କହିଲ, ମୋର ମର୍ତ୍ତ୍ୟଲୀଳା ଶେଷ ହୋଇଆସିଲାଣି । ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବତାମାନେ ବୈକୁଣ୍ଠକୁ ଫେରିଯିବାକୁ ବିନୟୀ ହେଲେଣି । ଆଉ ଅଧିକ ଦିନ ଏଠି ରହିହେବନି ।

ଯା’ ପରେ ଘୋର କଳିକାଳ ପ୍ରବେଶ କରିବ। କଳିର ପ୍ରବଳ ପ୍ରତାପ ଧରାକୁ କବଳିତ କରିବ। ଧର୍ମ ଅଧର୍ମର ବିଚାର ରହିବ ନାହିଁ। ଲୋକେ ସତ-ଅସତର ପାର୍ଥକ୍ୟ ବୁଝିବେ ନାହିଁ। ଅଗମ୍ୟ ଗମିବେ, ଅକାର୍ଯ୍ୟ କରିବେ, ଅକଥା କହିବେ। ନୀତି ଓ ନୈତିକତା ଆଭିଧାନିକ ଶବ୍ଦ ହୋଇରହିଯିବ। ମିଥ୍ୟା, ଅନୀତି, ଦୁର୍ନୀତି ଓ ଦୂରାଚାରୀର ଶାସନ ଚାଲିବ। ମଦମତ୍ତ ମଣିଷ କ୍ଷମତାର ଅହଂକାରରେ ଅନ୍ଧ ହୋଇଯିବ। ଧନ ଓ ପ୍ରାଚୁର୍ଯ୍ୟର ମୋହରେ ସେମାନେ ଗୁରୁଗୌରବ ହେଜିବେନାହିଁ କି ନିଜ ଭିତରର ପବିତ୍ର ଆତ୍ମାକୁ ଚିହ୍ନିବେ ନାହିଁ। ମୁଁ ତ ନିଜେ ହିଁ ଏ ପରିସ୍ଥିତିରେ ଗୋଟିଏ ଦାରୁଭୁତ ହୋଇ ମୋ ଉପସ୍ଥିତିକୁ କେବଳ ଜାହିର କରୁଥିବି। ଇଚ୍ଛା ଥାଇ କିଛି କରିପାରୁନଥିବି କି ସବୁ ଦେଖି କିଛି କହିପାରୁନଥିବି। ଏଭଳି ସ୍ଥିତିରେ ତୁମ ଭଳି ପବିତ୍ର ଆତ୍ମା ଶାନ୍ତି ପାଇବନି।

ଏଣୁ ତୁମେ ବଦ୍ରିକା ଚାଲିଯାଅ। ଆଜିଠାରୁ ସାତଦିନ ଭିତରେ ଯାଦବମାନେ ପରସ୍ପର ଭିତରେ ଗୋଳଯୁଦ୍ଧରେ ଲିପ୍ତ ରହି ବିନାଶପ୍ରାପ୍ତ ହେବେ! ଯା’ପରେ ମହାପ୍ରଳୟ ଘଟିବ। ଦ୍ୱାରକା ପ୍ରଳୟଜଳରେ ନିମଗ୍ନ ହେବ। ତୁମେ ତା ପୂର୍ବରୁ ଚାଲିଯାଅ ଉଦ୍ଧବ!

-ହେ କେଶବ! ଏ ତୁମର କି ପ୍ରକାର ମାୟା? ଆଶ୍ରିତମାନଙ୍କୁ ଆଶ୍ରୟହୀନ କରିବା, ନିଜ ଲୋକମାନଙ୍କୁ ଅସମୟରେ ଅନାଥ କରିବା ଓ ତୁମକୁ ଭଲ ପାଇ ସାଥିରେ ଯାଉଥିବା ସହଯାତ୍ରୀଙ୍କୁ ଅଧାପଥରେ ଛାଡ଼ି ଚାଲିଯିବାକୁ ତୁମର ମାୟା ବୋଲି କହିବି ନା କହିବି ପ୍ରପଞ୍ଚ? ଏହା ତୁମର ସ୍ୱାର୍ଥ ନା ପରାର୍ଥ! ସଂସାର ପାଇଁ ଏହା ମଙ୍ଗଳମୟ ବୋଲି ତୁମେ ଯେତେ ଧେଣ୍ଡୁରା ପିଟୁଥିଲେ ବି ସାଧାରଣରେ ତୁମେ ଉପହସିତ ହେବାକୁ ବାଧ୍ୟ ହେବନି କି?

କାହିଁକି ବାଧ୍ୟ ହେବନି ଯେ ?

ହେ, ଦାମୋଦର! ତୁମେ ଖାଲି ହସି ହସି ଅନ୍ୟକୁ ବ୍ୟଥା ଦେବାଟି ଜାଣ! ସେ ହସ କି ହସ ତୁମର ଯେ ତୁମେ ହସିଲାବେଳେ ଦୁନିଆ କାନ୍ଦୁଥାଏ?

ଏଇ ଯେମିତି ଦୁନିଆ କାନ୍ଦିଲାବେଳେ ତୁମେ ହସୁଛ !

ଆଖିରେ ମୋର ଆଖିଏ ଲୁହ ଓ ବେଦନା ଜର୍ଜରିତ ହୃଦୟକୁ ତୁମେ ଠିକ୍ ପଢ଼ିପାରୁଥିଲେ ମଧ୍ୟ ତୁମେ ନିରୁତ୍ତର ଥିଲ। ତୁମର କୌଣସି ପ୍ରତିକ୍ରିୟା ନଥିଲା କି ପ୍ରତିବାଦ ନଥିଲା। ତୁମେ ଖାଲି ହସୁଥିଲ ସେଇ ଭୁବନମୋହନ ହସ, ଯାହା ସବୁବେଳେ ଖାଲି ଶେଷକୁ ନିର୍ଦ୍ଦେଶ କରୁଥାଏ!

ବେଗୁନିଆ,ଖୋରଧା

# ଜୀବନ ଜିଜ୍ଞାସା

**ଶ୍ରୀ ଭାରତୀ ଭୂଷଣ ଦାସ**

ଜୀବନର ସତ୍ତ୍ୱ, ରଜ, ତମଃ ଗୁଣକୁ.......
ପରଖିବା ପାଇଁ କେହୁଁ ନଥାଏ ବାବୁ......
ଜଗିବା ପାଇଁ ଘାଟ ଖୋଲା ପଡ଼ିଛି ବାଟ
ସମୟର ସୂତାଖିଅ ଧରି ତୁ ଥିବୁ..... । ॥୧॥
ସଂସାର ନୁହେଁ ଅସାର ଗୁଣଗ୍ରାହୀରେ.......
ଗୁଣଗ୍ରାହୀ ଭାବନାରେ ଭରିଛି ପୁରେ.......
ମନରେ ମାନ ଥିବ ସ୍ୱାଭିମାନେ ବଞ୍ଚିବ
ମାନବିକତା ବହି ମାନସିକରେ........ । ॥୨॥
ଶୃଙ୍ଖଳିତ ଜୀବନ ହିଁ ସଭିଙ୍କ କାମ୍ୟ.......
ଜିଜ୍ଞାସାରେ ଜିଗୀଷାର ହୃଦୟ ରମ୍ୟ.......
ସଂସ୍କୃତି ଗାଥା ଯଥା ଭାବରେ ଥାଉ ମଥା
ପୁଣ୍ୟ ପ୍ରାଣ ଜୀବନରେ ଭରି ଅଭୟ....... । ॥୩॥
ନିଃଶ୍ୱାସେ ବିଶ୍ୱାସ ନାହିଁ ଚଉହଦିରେ....
ଚକ୍ରବାତ ଚଉରଙ୍ଗୀ ଚକ୍ରବ୍ୟୁହରେ.......
ଚଞ୍ଚଳ ଚଞ୍ଚରୀକେ ଚକ୍ କର ଚକ୍ରବାକେ
ଚତୁରଙ୍ଗେ ଜୀବନ ଚଉବାଙ୍କରେ....... । ॥୪॥
ଆଧୁନିକତା ନୁହଁଇ କେନ୍ଦ୍ରୀୟ ପ୍ରାଣ.......
ଆଧୁନିକ ବିଚାରରେ ଚହଳ ମନ.........
ହୃଦରେ ଭରି ପ୍ରେମ ଶାଶ୍ୱତେ ଆଲିଙ୍ଗନ
ବିଭୁପାଦରେ ଦର୍ଶନ ହେଉ ବହନ....... । ॥୫॥
ଚଉବାହା ଚଉଦଳେ ଚଟୁଳ ନୀତି........
ଚନ୍ଦ୍ରମଲ୍ଲିକା ଗଭାରେ ଶୋଭିତ ଦୀପ୍ତି.......
ଚନ୍ଦ୍ରିକା ଚନ୍ଦ୍ରମଣି ଚପଳେ ଛନ୍ଦେ ରାଣୀ
ଚହଟ ଗୁଣରେ ଚଳଚିତ୍ରରେ କାନ୍ତି...... । ॥୬॥
ଛନ୍ଦି ଦେବାକୁ ମନ ଛନ୍ଦରେ ଏ ଜୀବନ.....
ଛନ୍ଦାଚରଣେ ବିତିଯାଉ ଜୀବନ........
ଘାଟରେ ଜଗିଥିବ ବାଟ କଢ଼େଇନେବ
ଅତୁଆ ସୂତାରେ ବନ୍ଧା ସଭିଙ୍କ ମନ....... । ॥୭॥

**ଅଧ୍ୟାପକ ପିପିଲି ମହାବିଦ୍ୟାଳୟ, ପିପିଲି, ପୁରୀ**
**ବାସସ୍ଥାନ - ଉପର ମାଳିସାହି, ପୁରୀ**
**ମୋ - ୯୪୩୭୩୦୬୦୬୬**

# ସମ୍ବାଦ ବିଚିତ୍ରା

୧ ଦେବଗଡ଼ରେ ଜନ୍ମିତ ଓଡ଼ିଆ ପୁଅ ବିନୟ ଶ୍ରୀକାନ୍ତ ପ୍ରଧାନ ତାଞ୍ଜାନିଆରେ ଭାରତର ଉଚ୍ଚ ଆୟୁକ୍ତ ଭାବେ ନିଯୁକ୍ତି ପାଇଛନ୍ତି।

୨ ମହାକାଶ ଯାତ୍ରା ନିରାପଦରେ କରିସାରି ଜେଫ୍ ବେଜୋସ୍ ଓ ତାଙ୍କ ୩ଜଣ ସାଥୀ ନିରାପଦରେ ପୃଥିବୀକୁ ଫେରିଆସିଛନ୍ତି।

୩ ଇସ୍ରାଏଲ ସ୍ପାଇ ୱେୟାର୍ ପେଗାସସ୍ ଦ୍ୱାରା ଶତାଧିକ ଫୋନ୍ ନମ୍ବର ହ୍ୟାକ୍ ହେବାର ପ୍ରକାଶ ପାଇଛି।

୪ ଅନ୍‌ଲାଇନ୍ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ ପାଞ୍ଚବର୍ଷ ପାଇଁ ୬,୧୪୩ କୋଟି ବ୍ୟୟ ବରାଦ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

୫ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅତିରିକ୍ତ କଳସେଚନ ବ୍ୟବସ୍ଥା ଦ୍ୱାରା ମୟୂରଭଂଜର ୫ଟି ବ୍ଲକ୍‌ର ୯୪ଟି ଗାଁର ୧୫,୩୫୯ ହେକ୍ଟର ଜମିକୁ ପାଣି ଛଡ଼ାଗଲା।

୬ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ କ୍ରିକେଟ ଏକାଡ଼େମୀ ଏବଂ ୩ୟ ପର୍ଯ୍ୟାୟରେ ଅନ୍ୟାନ୍ୟ ଜିଲ୍ଲାରେ କ୍ରିକେଟ ଏକାଡ଼େମୀ ଖୋଲିବ।

୭ ୮ଟି ରାଜ୍ୟର ୧୪ଟି ଇଂଜିନିୟରିଂ କଲେଜରେ ଓଡ଼ିଆକୁ ମିଶାଇ ମୋଟ୍ ୧୧ଟି ଆଞ୍ଚଳିକ ଭାଷାରେ ଇଂଜିନିୟରିଂ ପାଠ ପଢ଼ାଯିବ। ବିଶେଷକରି ବି.ଟେକ୍ ଛାତ୍ରଛାତ୍ରୀ ପଢ଼ିବେ।

୮ ୨୦୨୨ ସାଧାରଣତନ୍ତ୍ର ପ୍ୟାରେଡ୍ ପୁନଃଗଠିତ ସେଣ୍ଟ୍ରାଲ୍ ଭିସ୍ତା ପ୍ରକଳ୍ପ ଶେଷହେବା ପରେ ୩ କି.ମି ବ୍ୟାପି ରାଜପଥରେ ଅନୁଷ୍ଠିତ ହେବ।

୯ ପଦ୍ମଶ୍ରୀ ଡ. ଆର୍.ଏନ୍. ସିଂହ ବିଶ୍ୱ ହିନ୍ଦୁ ପରିଷଦର ନୂଆ ଅଧକ୍ଷ ହୋଇଛନ୍ତି।

୧୦ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ "ମୁଖ୍ୟମନ୍ତ୍ରୀ କିଷାନ ମିତ୍ର ଏନରଜି ଯୋଜନା" ର ଶୁଭାରମ୍ଭ କରିଛନ୍ତି, ଯାହାଦ୍ୱାରା ୧୫ ଲକ୍ଷ କୃଷକ ପରିବାରକୁ ବିଜୁଳି ବିଲ୍ ଉପରେ ଏକହଜାର ଟଙ୍କା ପ୍ରତିମାସରେ ଛାଡ଼ କରାଯିବ।

୧୧ ଭାରତୀୟ ନୌସେନାରେ ୨ଟି ଆମେରିକା ନିର୍ମିତ ଏମ୍.ଏଚ୍ ୬୦-ଆର୍ ରୋମିଓ ମଲ୍ଟିରୋଲ ହେଲିକପ୍ଟର ସାମିଲ ହୋଇଛି।

୧୨ ମୁକେଶ ଅମ୍ବାନୀଙ୍କ କଂପାନୀ ରିଲାଏନ୍ସ ରିଟେଲ୍ ପକ୍ଷରୁ ଜଷ୍ଟ ଡାଏଲ୍‌ର ସିଂହ ଭାଗ ଅଂଶଧନକୁ ୩୪୯୭ କୋଟି ଟଙ୍କା କିଣାଯାଇଛି। ଜଷ୍ଟ ଡାଏଲ୍‌ର ୪୦.୯୫% ଅଂଶଧନକୁ ଏହା ହାସଲ କରିଛି।

୧୩ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତରଫରୁ ୭୫ ହଜାର କୋଟି ଟଙ୍କାର ଜି.ଏସ୍.ଟି କ୍ଷତିପୂରଣ ରାଶି ଜାରି କରାଯାଇଛି। ସେଥିରୁ ଓଡ଼ିଶାକୁ ୩୦୩୩.୧୦ କୋଟି ଟଙ୍କା ମିଳିଛି।

୧୪ ଓଡ଼ିଶାର ପୂର୍ବତନ କ୍ରିକେଟ ଖେଳାଳି ଶ୍ୟାମାକାନ୍ତ ପଟ୍ଟନାୟକଙ୍କର ୮୪ ବର୍ଷ ବୟସରେ ପରଲୋକ ଘଟିଛି।

୧୫ ରାଜ୍ୟ ମିଶନ ଶକ୍ତିର ମହିଳାମାନଙ୍କ ପାଇଁ ୪୫୩.୫୦ କୋଟି ଟଙ୍କାର କୋଭିଡ୍ ସହାୟତା ଘୋଷଣା କରିଛନ୍ତି।

୧୬ ତୀକ୍ଷ୍ଣ ସ୍ମରଣଶକ୍ତି ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ମୟୂରଭଂଜ ଜିଲ୍ଲା ରରୁଆଁ ବ୍ଲକ୍ ଘାଗରାବେଡ଼ା ପଞ୍ଚାୟତ, ବାଟିସାହି ଗ୍ରାମର କୁନି ଝିଅ ଶ୍ରେୟାଂଶୀ ସ୍ଥାନ ପାଇଛନ୍ତି।

୧୭ ଆଜାଦ୍ ହିନ୍ଦ୍ ଫୌଜର ବୀର ଯବାନ ଓ ସ୍ୱାଧିନତା ସଂଗ୍ରାମୀ ଈଶ୍ୱର ବିଷୋୟୀଙ୍କ ପରଲୋକ ଘଟିଛି।

୧୮ ଜୁଲାଇ ୨୩ ରୁ ଅଗଷ୍ଟ ୮ ଯାଏଁ ଚାଲିଲା ଟୋକିଓ ଅଲମ୍ପିକ୍ସ।

୧୯ ରାଷ୍ଟ୍ରୀୟ ଆୟୁଷ ମିଶନର ଅବଧି ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି ଏବଂ ବ୍ୟୟ ୪୬୦୭ କୋଟି କରାଯାଇଛି।

୨୦ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ଲଞ୍ଚ ହେବାକୁ ଯାଉଛି ଟେଲିଗ୍ରାମ ଚ୍ୟାନେଲ, ଯେଉଁଥିରେ ଆଇନ୍‌ଜୀବୀମାନଙ୍କ ପାଇଁ କୋର୍ଟ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ।

୨୧ ୨୦୩୦ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୦୦ ମିଲିୟନ ଟନ୍‌ରେ ପହଞ୍ଚିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି, ଯାହାଦ୍ୱାରା ରାଜ୍ୟରେ ପୁଞ୍ଜି ବିନିଯୋଗ ବଢ଼ିପାରିବ।

୨୨ କୋଭିଡ୍ କଟକଣା ଭିତରେ ସେପ୍ଟେମ୍ବର ୧୨ ରେ ନିଟ୍ ୟୁଜି (NEET) ପରୀକ୍ଷା ଅନୁଷ୍ଠିତ ହେବ।

୨୩ ଶ୍ରୀମନ୍ଦିର ଦ୍ୱାର ରୂପାଛାଉଣୀକୁ ଇଝଓ ର ଅନୁମତି ମିଳିଛି।

୨୪ ବିଶ୍ୱର ଜନସଂଖ୍ୟା ଏବେ ରହିଛି ୭୬୯ କୋଟି। କେବଳ ଭାରତର ଜନସଂଖ୍ୟା ରହିଛି ୧୩୮ କୋଟି। ଯାହାକି ୨୦୨୪ ସୁଦ୍ଧା ଚୀନ୍‌ର ଜନସଂଖ୍ୟାକୁ ଟପିପାରେ ।

୨୫ ଜଳଜୀବନ ମିଶନରେ ଓଡ଼ିଶାକୁ ୩,୩୨୩ କୋଟି ମଞ୍ଜୁର। ୨୦୨୧ - ୨୨ ବର୍ଷ ପାଇଁ ଅର୍ଥ ମଞ୍ଜୁର କଲେ କେନ୍ଦ୍ର ସରକାର।

୨୬ ଓଡ଼ିଶା ଅଲମ୍ପିଆନ୍‌ଙ୍କ ପାଇଁ ପୁରସ୍କାର ରାଶି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଅଲମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ୬ କୋଟି, ରୌପ୍ୟ ବିଜେତାଙ୍କୁ ୪ କୋଟି ଏବଂ କାଂସ୍ୟ ପଦକ ପାଇଲେ ୨.୫ କୋଟି ଟଙ୍କା ପୁରସ୍କାର ମିଳିବ।

୨୭.ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ-୨୦୨୧ବିଲ୍‌କୁ ରାଜ୍ୟବିଧାନ ସଭାରେ ସ୍ୱୀକୃତି ମିଳିଛି।

୨୮. ସୁପ୍ରିମ କୋର୍ଟର ୯ ଜଣ ନୂଆ ବିଚାରପତି ଶପଥ ଗ୍ରହଣ କରିଛନ୍ତି।

୨୯.କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସିତାରମଣ କହିଛନ୍ତି- ‚ ଯେଉଁମାନେ ମହାମାରୀରେ ଚାକିରି ହରାଇଛନ୍ତ ସେ ସମସ୍ତଙ୍କ ଇପିଏଫଓ ଆକାଉଣ୍ଟକୁ କେନ୍ଦ୍ର ସରକାର ୨୦୨୨ ପର୍ଯ୍ୟନ୍ତ ପିଏଫ ଅଂଶଧନ ଜମା କରିବେ।

୩୦.କେନ୍ଦ୍ରାପଡ଼ାରେ ଆର୍ସେଲର - ମିତଲ ପକ୍ଷରୁ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

**୩୧. ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାର ଏଣିକି ଦୈନିକ ୪ଲକ୍ଷ ଟିକା ଦେବା ପାଇଁ ଜିଲ୍ଲାୱାରି ଟାର୍ଗେଟ୍ ଧାର୍ଯ୍ୟ କରିଛନ୍ତି ।**

**୩୨. ଭୁବନେଶ୍ୱର ଫେରିବା ପରେ ପ୍ରମୋଦ ଭଗତଙ୍କୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।**

**୩୩. ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟମ ରେଞ୍ଜ ସର୍ଫେସ୍-ଟୁ-ଏୟାର ମିସାଇଲ (ଏମ୍‌ଆରଏସଏମଏ) ର ପ୍ରଥମ ୟୁନିଟକୁ ଜୟସଲମର ଆଇଏଏଫ ଜାହାଜରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହି କ୍ଷେପଣାସ୍ତ୍ର ୭୦ କିଲୋମିଟର ବ୍ୟାସାର୍ଦ୍ଧରେ ଶତ୍ରୁକୁ ମାତ ଦେବାରେ ସକ୍ଷମ ହେବ।**

**୩୪.ସମୁଦ୍ରରେ ବଢିବ ଭାରତର ଶକ୍ତି । ସାମିଲ ହେବ ଶତ୍ରୁ ପକ୍ଷର ନ୍ୟୁକ୍ଲିଅର ମିସାଇଲକୁ ଟ୍ରାକ୍ କରିପାରୁଥିବା ପ୍ରଥମ ଜାହାଜ ଆଇଏନଏସ ଧ୍ରୁବ।**

# ସାଧାରଣ ଜ୍ଞାନ

## (1) ABBREVIATION

1. BAFTA : British Academy of Film and Television Arts
2. BoP : Balance of Payments
4. BFSI : Banking, Financial Services and Insurance
5. IISF : India International Science Festival
6. OECD : Organisation for Economic Co-operation and Development
7. PMFME : Pradhan Mantri Formalisation of Micro food processing Enterprises
8. UNSC : United Nations Security Council
9. PMMSY : Pradhan Mantri Matsya Sampada Yojana
10. UNGA : The United Nations General Assembly

(୨) ପୁସ୍ତକ ଓ ଲେଖକ

1. The light of Asia - Jayram Ramesh
2. The Indian Story - Bimal Jalan
3. କାଶ୍ମୀର କି କ୍ୟାରିମେ ଆଗ୍ କି ଲପେଟ୍ ଆଖରୀ କବ୍‌ତକ୍?-ଡ. ବିନା ବୁଡ୍‌କ
4. An ordinary life: Potrait of an Andian Generation: Ashok lavasa
5. Nathuram Godse: The true story of Gandhi's assaion - Dhabal Kulkarni

୬. ନିସ୍ତବ୍ ଧ କୋଳାହଳ - ମାନସୀ ଦାସ
୭. ଶବ୍ଦ ଖେଳ - ଜୟନ୍ତୀ ରଥ
୮. ଧାନ ସାଉଁଟା ଝିଅ - ହୃଷିକେଶ ମଲ୍ଲିକ
୯. ସ୍ମୃତି ଓ ଅନୁଭୂତି - ନୀଳମଣୀ ରାଉତରାୟ
୧୦. ଚରୈବତି - ବଳରାମ ପଟ୍ଟନାୟକ

(୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ସିଦ୍ଧାର୍ଥ ଶୁକ୍ଲା | - ଅଭିନେତା | -୪୦ ବର୍ଷ |
| ୨. ଚନ୍ଦନ ମିତ୍ର | - ସାମ୍ବାଦିକ ଏବଂ ପୂର୍ବତନ ସାଂସଦ | -୬୫ ବର୍ଷ |
| ୩. ମଇନ୍ ବସିର୍ ଅହମ୍ମଦ୍ | - ଜାମ୍ମୁକାଶ୍ମୀର ଇସଲାମିକ୍ ନେତା | -୯୭ ବର୍ଷ |
| ୪. ସଦାନନ୍ଦ ସିଂ | - ପୂର୍ବତନ ବାଚସ୍ପତି,ବିହାର ବିଧାନସଭା | -୭୬ ବର୍ଷ |
| ୫. ଅରୁଣ ଦେ | - ରାଜନେତା | -୭୫ ବର୍ଷ |

**(୪) ପୁରସ୍କାର**

୧. ବିନୋଦିନୀ ଦେବୀ - ଗୁରୁଚରଣ ମହାପାତ୍ର ପୁରସ୍କାର
୨. ଅନନ୍ତ ମହାପାତ୍ର (ଅଭିନୟ ନିର୍ଦ୍ଦେଶନା) - କବିସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ୨୦୧୯
୩. କୁମ୍ କୁମ୍ ମହାନ୍ତି , ଓଡ଼ିଶୀନୃତ୍ୟ ଶିଳ୍ପୀ -କବିସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ, ୨୦୨୦
୩. ନୃତ୍ୟଶିଳ୍ପୀ ଆରୁସୀ ଏମଂ ମର୍ଦ୍ଦଳ ଶିଳ୍ପୀ ରାମଚନ୍ଦ୍ର - ଯୁବ ପ୍ରତିଭା ସମ୍ମାନ
୫. କୌଶିକ ବାସୁ - ହମ୍ ବୋଲଟ୍ ରିସର୍ଚ୍ଚ ଆୱାର୍ଡ଼ ଇନ୍ ଇକନୋମିକ୍ସ

(୫) ରାଜ୍ୟ

୧. ରାଜ୍ୟର ନାମ - ହିମାଞ୍ଚଳ ପ୍ରଦେଶ
୨. ରାଜ୍ୟପାଳ - ରାଜେନ୍ଦ୍ର ବିଶ୍ୱନାଥ ଆରଲେକର
୩. ମୁଖ୍ୟମନ୍ତ୍ରୀ - ଜୟରାମ ଠାକୁର
୪. ଗଠନ - ୧୫ ଏପ୍ରିଲ୍ ୧୯୪୮
୫. କ୍ଷେତ୍ରଫଳ - ୫୫,୬୭୩ବର୍ଗ କି.ମି.
୬. ରାଜଧାନୀ - ସିମ୍‌ଲା
୭. ଲୋକସଭା ସଭ୍ୟ ସଂଖ୍ୟା - ୪
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୦୩
୯. ବିଧାନ ସଭା ସଭ୍ୟସଂଖ୍ୟା - ୬୮
୧୦.ବିଧାନ ପରିଷଦ - ୦୦
୧୧.ମୁଖ୍ୟ ଭାଷା - ହିନ୍ଦୀ,ପାହାଡ଼ି, ପଞ୍ଜାବୀ
୧୨. ଜନସଂଖ୍ୟା ସମୁଦାୟ - ୬,୮୫୬,୫୦୯(୨୦୧୧)
ପୁରୁଷ - ୩,୪୭୩,୮୯୨
ମହିଳା - ୩,୩୮୨,୬୧୭
୧୩.ଜନସଂଖ୍ୟା ବୃଦ୍ଧିହାର - ୧୨.୮୧ %
୧୪.ଜନସଂଖ୍ୟା ଘନତ୍ୱ - ୧୨୩ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୯୦୬ ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୭୪ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୮୩.୭୮ %,
ପୁରୁଷ- ୯୦.୮୩ %,
ମହିଳା- ୭୬.୬୦%
୧୮. ଜିଲ୍ଲା - ୧୨ ୧୯. ଗ୍ରାମ - ୧୭,୪୯୫
୨୦.ସହର - ୫୭
୨୧.ଜଙ୍ଗଲ ଜମି - ୩୭,୦୩୩ ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ସିମ୍‌ଲା, ପାଲାମପୁର, ଧର୍ମଶାଳା, କୁଲୁ-ମନାଲି, ଚମ୍ବା-ଡ଼ଲହାଉସି, ଭୀମକାଳୀ, ସେରାହନ, ହଟକୋଟି, ଜଓ୍ୱାଲାଜି, ଋମୁଣ୍ଡା ଦେବୀ, ଚିନ୍ତପୂର୍ଣ୍ଣି, ରେଣୁକା ଓ ରେଓ୍ୱାଲସର, ଡ଼ିଓଥ୍ ସିଦ୍ଧ,

(୬) ନିଯୁକ୍ତି

୧. ଭାଇସ୍‌ଆଡ଼ମିରାଲ ଏସ୍.ଏନ.ଘୋରମେଡ଼୍ - ଭାଇସ୍ ଚିଫ୍ ଅଫ୍ ନାଭାଲ ଷ୍ଟାଫ
୨. ଦୀପକ ଦାସ - କଣ୍ଟ୍ରୋଲର୍ ଜେନେରାଲ ଅଫ୍ ଆକାଉଣ୍ଟସ୍
୩. ଡ଼କ୍ଟର ଧ୍ରୀତି ବାନାର୍ଜୀ - ଡ଼ାଇରେକ୍ଟର ଅଫ୍ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ
୪. ରେଖାଶର୍ମା - ଅଧ୍ୟକ୍ଷା, ଜାତୀୟ ମହିଳା କମିଶନ୍।
୫. ଅଜୟ କୁମାର - ଏକ୍‌ଜିକ୍ୟୁଟିଭ୍ ଡ଼ାଇରେକ୍ଟର ଅଫ୍ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ

| **(୭) ଦେଶ** | **ରାଜଧାନୀ** | **ମୁଦ୍ରା** | **ଭାଷା** |
|---|---|---|---|
| ୧.ଆଲଜେରିଆ | ଆଲଜିଅରର୍ସ୍ | ଦିନାର | ଆରବିକ ,ଫ୍ରେନ୍‌ଚ,ଟାମାଜିକ୍ଟ |
| ୨.ଆର୍ଜେଣ୍ଟିନା | ବୁଏନସ୍ ଏରିଏସ୍ | ପେସୋ | ସ୍ପାନିସ୍ |
| ୩.ଅଷ୍ଟ୍ରେଲିଆ, | କାନବେରା | ଅଷ୍ଟ୍ରେଲିଆନ ଡଲାର | ଇଂରାଜୀ |
| ୪.ଅଷ୍ଟ୍ରିଆ | ଭିଏନା | ୟୁରୋ | ଜର୍ମାନୀ |
| ୫.ଆଲବାନିଆ | ଟିରାନେ | ଲେକ୍ | ଆଲବାନିଆନ୍ |

## (୮) ଓଡ଼ିଶା

୧. ଓଡ଼ିଶାର ଚୀନାମାଟି କେଉଁଠାରେ ମିଳେ ?

(କ)କରଞ୍ଜିଆ (ଖ) କଟକ

(ଗ)ଭଦ୍ରକ (ଘ)ପୁରୀ

୨ ଚିପିଲିମା କେଉଁ ଜିଲ୍ଲାରେ ଅବସ୍ଥିତ ?

(କ) ସମ୍ବଲପୁର (ଖ)କେନ୍ଦୁଝର

(ଗ) ଖୋରଧା (ଘ)ଦେବଗଡ଼

୩ ପାରାଦ୍ୱୀପ କେଉଁଟି ପାଇଁ ପରିଚିତ ନୁହେଁ ?

(କ) ବନ୍ଦର (ଖ) ଫସଫେଟ କାରଖାନା

(ଗ) ଓସୱାଲ୍ (ଘ)ଇସ୍ପାତ କାରଖାନା

୪. 'ତାରାତାରିଣୀ' ମନ୍ଦିର କେଉଁଠାରେ ଅବସ୍ଥିତ ?

(କ)ଭଦ୍ରକ(ଖ)ପୁରୁଷୋତ୍ତମପୁର(ଗ)ଆରଡ଼ି (ଘ)ବାଣପୁର

୫. 'ଟେମ୍ପଲ ସିଟି'ଭାବରେ କେଉଁଟି ପରିଚିତ ?

(କ) ପୁରୀ (ଖ)ଭୁବନେଶ୍ୱର(ଗ) ଜୁନାଗଡ଼ (ଘ)କଟକ

୬ ଭଦ୍ରକ ଦେଇ କେଉଁ ନଦୀ ପ୍ରବାହିତ ହୋଇଛି ?

(କ)ବ୍ରାହ୍ମଣୀ (ଖ)ବୈତରଣୀ (ଗ) ସାଳନ୍ଦୀ (ଘ)ରଷିକୁଲ୍ୟା

୭ 'ଲାଲବାହାଦୁର ଷ୍ଟାଡ଼ିୟମ'କେଉଁଠାରେ ଅଛି ?

(କ)ଭଦ୍ରକ (ଖ) ବାରିପଦା

(ଗ)କଟକ (ଘ)ଛତ୍ରପୁର

୮ ନନ୍ଦିଘୋଷ ରଥରେ କେତୋଟି କାଠ ଖଣ୍ଡ ବ୍ୟବହାର ହୋଇଥାଏ ?

(କ)୮୩୨ (ଖ) ୮୪୮ (ଗ)୯୨୦ (ଘ)୬୩୨

୯ କେନ୍ଦ୍ରାଞ୍ଚଳ ରେଭିନିୟୁ ଡିଭିଜନ ଅଧିନରେ କେଉଁ ଜିଲ୍ଲାଟି ନାହିଁ ?

(କ)କଟକ (ଖ)ନୟାଗଡ଼

(ଗ) ପୁରୀ (ଘ)ଅନୁଗୁଳ

୧୦ ଖୋରଧା ଜିଲ୍ଲାର ସବ୍ ଡିଭିଜନ୍ ସଂଖ୍ୟା କେତେ ?

(କ) ୨ (ଖ) ୩

(ଗ) ୧ (ଘ) ୪

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କେଉଁଟି ଅଲଗା ଅଟେ ?

୫୫, ୧୬, ୧, ୪

(କ) ୫୫ (ଖ) ୧୬ (ଗ)୧(ଘ) ୪

୨. ୨,୫,୯,୧୯, ୩୭ .... ?

(କ) ୭୩ (ଖ) ୭୫(ଗ) ୭୨(ଘ) ୭୮

୩. ଯଦି ଗୁଣନ ବିୟୋଗ, ହରଣ ଗୁଣନ, ବିୟୋଗ ଯୋଗ, ଏବଂ ଯୋଗ ଯଦି ହରଣ ହୁଏ ତେବେ

୮÷ ୪ × ୨ - ୪ + ୨ = ?

(କ) ୨(ଖ) ୨୮ (ଗ) ୩୨ (ଘ) ୩୬

୪. ଶୂନ୍ୟସ୍ଥାନ ପୂରଣ କର ?

a_b_a_ _n_bb_ abbn

(କ)abnabb (ଖ)bnbban (ଗ) bnbbna (ଘ) babban

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?

| | | |
|---|---|---|
| ୪ | ୬ | ୧୦ |
| ୬ | ୧୩ | ୧ |
| ୮ | ୬ | ? |

(କ) ୬(ଖ)୧୦ (ଗ)୮ (ଘ)୫

୬. C ହେଉଛି A ର ଭାଇ। B ହେଉଛି A ର ଝିଅ। E ହେଉଛି C ର ଭଉଣୀ ଏବଂ D , B ର ଭାଇ। କିଏ A ପୁଅ ?

(କ) C (ଖ) B (ଗ) D (ଘ) E


୭. ଯଦି DFEG ର କୋର୍ଡ JLKM ହୁଏ ତେବେ OQPR ର କୋର୍ଡ କ'ଣ ହେବ ?

(କ) HJKI (ଖ) AVTU (ଗ) TVUX (ଘ) UWVX

୮. ଯଦି BAA23:CC25, ଏବଂ PP61:RR63 ତେବେ TT52: ?

(କ) UV54 (ଖ) VV51 (ଗ) UU54 (ଘ) VV54

୯. ସାର୍କ, ତିମି , କଇଁଚ ଏହି ଗ୍ରୁପ୍‌କୁ କେଉଁ ଚିତ୍ରଟି ବୁଝାଉଛି।




(କ) ୬ (ଖ) ୬୨ (ଗ)୬୪ (ଘ) 66

୧୦. ଯଦି alphabetically ଶବ୍ଦ ଗୁଡ଼ିକୁ ସଜାଇ ରଖାଯାଏ କେଉଁଟି ମଝିରେ ରହିବ Draw, Read, Play, Back, Want

(କ) Draw (ଖ) Read (ଗ) Play (ଘ) Back

**ଉତ୍ତର**

୧.(କ)କରଞ୍ଜିଆ ,୨.(କ) ସମ୍ବଲପୁର, ୩.(ଘ)ଇସ୍ପାତ କାରଖାନା ୪.(ଖ)ପୁରୁଷୋତ୍ତମପୁର ,୫.(ଖ)ଭୁବନେଶ୍ୱର, ୬.(ଗ) ସାଳନ୍ଦୀ , ୭.(କ)ଭଦ୍ରକ, ୮.(କ)୮୩୨, ୯.(ଘ)ଅନୁଗୁଳ, ୧୦.(କ)୨

**୧.** (କ) ୫୫, **୨.**(କ) ୮୩, **୩.** (ଗ) ୩୨, **୪.**(ଖ)bnbban, **୫.**(କ) ୬, **୬.**(ଗ) D, **୭.**(ଘ) UWVX, **୮.**(ଘ) VV54, **୯.**(ଘ) 66, **୧୦.**(ଗ) Play

## (୧୦) ଇତିହାସ

୧. ଓଡ଼ିଶାର ଶ୍ରମିକମାନେ କେଉଁଠାରେ ବିଦେଶୀ ଲୁଗାପେଟି ବୋହିବାକୁ ମନା କରିଦେଇଥିଲେ ? ?
(କ) କଟକ (ଖ) ପୁରୀ (ଗ) କଲିକତା (ଘ) ମୁମ୍ବାଇ

୨. କେଉଁ ସମ୍ବାଦପତ୍ର ଜାତୀୟ ଚେତନା ସୃଷ୍ଟି କରିବାରେ ସହାୟକ ହୋଇଥିଲା ? ?
(କ) ସମାଜ (ଖ) ପ୍ରଜାତନ୍ତ୍ର
(ଗ) ଉତ୍କଳ ଦୀପିକା (ଘ) ୟଙ୍ଗ୍ ଇଣ୍ଡିଆ

୩. ସାଇମନ କମିଶନ କେବେ ଗଠିତ ହୋଇଥିଲା ?
(କ) ୧୯୨୫ (ଖ) ୧୯୨୬ (ଗ) ୧୯୨୭ (ଘ) ୧୯୨୮

୪. ପୂର୍ଣ୍ଣ ସ୍ୱରାଜ କେବେ ଅନୁମୋଦିତ ହୋଇଥିଲା ?
(କ) ୧୯୨୮ (ଖ) ୧୯୩୧ (ଗ) ୧୯୩୨ (ଘ) ୧୯୩୬

୫. ଗାନ୍ଧୀ ଇରୱଇନ୍ ଚୁକ୍ତି କେବେ ସମ୍ପାଦିତ ହୋଇଥିଲା ?
(କ) ୧୯୩୧ ମାର୍ଚ୍ଚ ୫ (ଖ) ୧୯୩୨ ମାର୍ଚ୍ଚ ୫
(ଗ) ୧୯୩୦ ଏପ୍ରିଲ୍ ୬ (ଘ) ୧୯୩୦ ମାର୍ଚ୍ଚ ୫

୬. ଇଞ୍ଚୁଡ଼ି ଲବଣ ଆଇନ୍ ଭଙ୍ଗର ନେତୃତ୍ୱ କିଏ ନେଇଥିଲେ ?
(କ) ନୀଳକଣ୍ଠ ଦାସ (ଖ) ଲିଙ୍ଗରାଜ ମିଶ୍ର
(ଗ) ଆଚାର୍ଯ୍ୟ ହରିହର (ଘ) ମାଳତୀ ଦେବୀ

୭. ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଘୋଷଣା କରାଯାଇଥିଲା ?
(କ) ୧୯୩୯ ସେପ୍ଟେମ୍ବର ୧ (ଖ) ୧୯୩୯ ସେପ୍ଟେମ୍ବର ୩
(ଗ) ୧୯୧୪ ଜୁଲାଇ ୨୮ (ଘ) ୧୯୧୮ ନଭେମ୍ବର ୧୧

୮. ଉତ୍କଳ ସ୍ୱରାଜ ଶିକ୍ଷା ପରିଷଦ କେଉଁ ସ୍ଥାନରେ ସ୍ଥାପିତ ହୋଇଥିଲା ?
(କ) ପୁରୀ (ଖ) ସାକ୍ଷୀଗୋପାଳ
(ଗ) କଟକ (ଘ) ବାଲେଶ୍ୱର

୯. କେଉଁଠାରେ ଘରୋଇ ନ୍ୟାୟାଳୟ ପ୍ରତିଷ୍ଠା ହୋଇନଥିଲା ?
(କ) କଟକ (ଖ) ପୁରୀ
(ଗ) ତିର୍ତ୍ତୋଲ (ଘ) ବାଲେଶ୍ୱର

୧୦. ଭାଷାଭିତ୍ତିକ ପ୍ରଥମ ପ୍ରଦେଶର ନାମ କ'ଣ ?
(କ) ବିହାର (ଖ) ମଧ୍ୟପ୍ରଦେଶ
(ଗ) କେରଳ (ଘ) ଓଡ଼ିଶା

## (୧୧) ବାଣିଜ୍ୟ

୧. ବର୍ତ୍ତମାନ ସାରାଦେଶରେ ଯଦି ଲକ୍‌ଡାଉନ୍ ହୁଏ, ଦେଶର ମୋଟ୍ ଜି.ଡ଼ି.ପି. କେତେ ପ୍ରତିଶତ ହ୍ରାସପାଇବ ବୋଲି ବ୍ୟାଙ୍କ୍ ଅଫ୍ ଆମେରିକା ଘୋଷଣା କରିଛି ?
(କ) ୧% ରୁ ୨% (ଖ) ୨% ରୁ ୩%
(ଗ) ୩% ରୁ ୪% (ଘ) ୪% ରୁ ୫%

୨. ୨୦୨୦ - ୨୧ ଆର୍ଥିକ ବର୍ଷ ତ୍ରୟମାସିକ ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ଼ର ନିଟ୍ ଲାଭ କେତେଗୁଣ ବଢ଼ିଛି ?
(କ) ୧ ଗୁଣ (ଖ) ୨ଗୁଣ (ଗ) ୩ଗୁଣ (ଘ) ୪ଗୁଣ

୩. ଡାଲମିଆ ସିମେଣ୍ଟ ତା'ର ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍‌କୁ ବଢ଼ାଇବା ପାଇଁ ଲକ୍ଷ୍ୟ ରଖି କେତେ ମସିହା ସୁଦ୍ଧା କୋଇଲା ବ୍ୟବହାରକୁ ବନ୍ଦ କରିବ ?
(କ) ୨୦୩୦ (ଖ) ୨୦୩୩ (ଗ) ୨୦୩୧ (ଘ) ୨୦୩୫

୪. ଓଡ଼ିଶାରେ ସିଙ୍ଗଲ୍ ୱିଣ୍ଡୋ ମଂଜୁରୀ ମାଧ୍ୟମରେ ୨୫୭୦.୫୪ କୋଟି ଟଙ୍କାର କେତୋଟି ଶିଳ୍ପ ପ୍ରକଳ୍ପକୁ ମଂଜୁରୀ ଦିଆଯାଇଛି ? ?
(କ) ୫ଟି (ଖ) ୭ଟି (ଗ) ୮ଟି (ଘ) ୧୦ଟି

୫. ଦେଶରେ ୨ୟ ଲହର କରୋନା ସଂକ୍ରମଣ ହେତୁ ଓଡ଼ିଶାକୁ କେତେ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ ?
(କ) ୧୮୦୦ କୋଟି (ଖ) ୧୯୦୫ କୋଟି
(ଗ) ୧୯୨୫ କୋଟି (ଘ) ୧୯୨୭ କୋଟି

୬. ଷ୍ଟୋକ୍ ପାର୍କକୁ କେତେ କୋଟି ଟଙ୍କାରେ ରିଲାଏନ୍ସ ଇଣ୍ଡିଷ୍ଟ୍ରିଜ୍ ଲିମିଟେଡ୍ କ୍ରୟ କରିଛି ?
(କ) ୩୦୦ କୋଟି (ଖ) ୩୫୦କୋଟି
(ଗ) ୪୦୦ କୋଟି (ଘ) ୫୯୨ କୋଟି

୭. ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ୨୦୨୧ ମାର୍ଚ୍ଚରେ ସର୍ବ ଭାରତୀୟ ଖାଉଟି ମୂଲ୍ୟସୂଚୀ କେତେ ପଏଣ୍ଟ ବୃଦ୍ଧିପାଇ ୧୧୯.୬ ପଏଣ୍ଟରେ ରହିଛି ?
(କ) ୧.୬ (ଖ) ୨.୬ (ଗ) ୦.୬ (ଘ) ୩.୬

୮. ଅପ୍ରେଲ ମାସରେ ଗତବର୍ଷ ଅପ୍ରେଲ ତୁଳନାରେ ଔଷଧ ବିକ୍ରୀ କେତେ ପ୍ରତିଶତ ବୃଦ୍ଧିପାଇଛି ?
(କ) ୬୦% (ଖ) ୫୧% (ଗ) ୭୦% (ଘ) ୪୦%

୯. ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଭାରତର ଶୀର୍ଷସ୍ଥାନରେ କିଏ ରହିଛି ?
(କ) ଫୋନ୍ - ପେ (ଖ) ଗୁଗୁଲ୍ - ପେ (ଗ)ଆମାଜନ୍ - ପେ (ଘ) ଧିମ୍

୧୦. ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କେତେ ମାସପାଇଁ ଅମ୍ଳଜାନ ପରିବହନ କରୁଥିବା ଯାନ ଉପରେ ଟୋଲ୍ - ଫି ଛାଡ଼ କରିଛନ୍ତି ?
(କ)୨ ମାସ (ଖ) ୪ମାସ (ଗ) ୧ ମାସ (ଘ)୧ ମାସ ୧୫ ଦିନ

### ଉତ୍ତର

୧. (ଗ) କଲିକତା, ୨.(କ) ସମାଜ , ୩.(ଘ) ୧୯୨୮, ୪. ଖ) ୧୯୩୧, ୫.((କ) ୧୯୩୧ ମାର୍ଚ୍ଚ ୫, ୬.(ଗ) ଆଚାର୍ଯ୍ୟ ହରିହରି, ୭.(ଗ) ୧୯୧୪ ଜୁଲାଇ ୨୮, ୮.(କ) ପୁରୀ, ୯.(ଖ)ପୁରୀ , ୧୦.(ଘ) ଓଡ଼ିଶା ।

୧.(କ) ୧% ରୁ ୨%, ୨.(ଖ)୨ଗୁଣ , ୩.(ଖ) ୨୦୩୩, ୪. (ଗ) ୮ଟି, ୫.(ଘ) ୧୯୨୭ କୋଟି, ୬.(ଘ) ୫୯୨ କୋଟି, ୭.(ଗ) ୦.୬, ୮.(ଖ) ୫୧%, ୯.(କ) ଫୋନ୍ - ପେ , ୧୦.(କ)୨ ମାସ ।

## (୧୨) ଅର୍ଥନୀତି

୧. ଆର୍ଥିକବର୍ଷ ୨୦୨୦ - ୨୧ ବ୍ୟାଙ୍କ୍‌ର ଋଣ ଅଭିବୃଦ୍ଧି କେତେ ପ୍ରତିଶତ ହ୍ରାସ ପାଇଛି ?
(କ) ୫%  (ଖ) ୨%  (ଗ)୪%  (ଘ) ୩%

୨. ପ୍ରଥମ ଲହର କରୋନା ସଂକ୍ରମଣ ପରେ ଭାରତରେ ଗରିବଙ୍କ ସଂଖ୍ୟା କେତେ ଗୁଣ ବୃଦ୍ଧି ପାଇଛି ?
(କ) ୧ଗୁଣ  (ଖ)୫ଗୁଣ  (ଗ)୪ଗୁଣ (ଘ) ୨ଗୁଣ

୩. ୨୦୧୯ - ୨୦ ଆଥିକ ବର୍ଷ ତୁଳନାରେ ୨୦୨୦ - ୨୧ ଆର୍ଥିକ ବର୍ଷରେ ଓଡ଼ିଶାର ମୋଟ୍ ଅଣ-ଟିକସ ରାଜସ୍ୱ ଆଦାୟର କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ) ୩୯.୩୬%  (ଖ) ୪୦.୧୨%  (ଗ) ୩୯.୧୨%(ଘ) ୪୨%

୪. ୨୦୧୯ - ୨୦ ଆର୍ଥିକ ବର୍ଷ ତୁଳନାରେ ୨୦୨୦ - ୨୧ ଓଡ଼ିଶାର ମୋଟ୍ ନିଜସ୍ୱ ଟିକସ ରାଜସ୍ୱ ଆଦାୟର କେତେ ପ୍ରତିଶତ ବୃଦ୍ଧି ଘଟିଛି ?
(କ) ୭%  (ଖ) ୮%  (ଗ) ୯%  (ଘ) ୫%

୫. ଅପ୍ରେଲ ମାସରେ ଦେଶର ଜି.ଏସ୍.ଟି ଆୟ ସର୍ବକାଳୀନ କେତେ ହଜାର କୋଟି ଟଙ୍କାକୁ ଛୁଇଁଛି ?
(କ) ୧ ଲକ୍ଷ କୋଟି  (ଖ)୧ ଲକ୍ଷ ୪୧ ହଜାର କୋଟି
(ଗ) ୧ ଲକ୍ଷ ୫୦ ହଜାର କୋଟି  (ଘ) ୨ ହଜାର କୋଟି

୬. ଚଳିତ ବର୍ଷ ଏପ୍ରିଲରେ ଦେଶ ମଧ୍ୟରୁ ରପ୍ତାନୀ ପ୍ରାୟ କେତେ ଗୁଣ ବୃଦ୍ଧି ପାଇ ୩୦.୨୧ ବିଲିୟନ୍ ଛୁଇଁଛି ?
(କ)୨ ଗୁଣ  (ଖ) ୪ ଗୁଣ  (ଗ)୩ ଗୁଣ  (ଘ)୫ ଗୁଣ

୭. ଅଜିମ୍ ପ୍ରେମ୍‌ଜି ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ କରୋନା ମହାମାରୀ ପ୍ରଭାବରେ କେତେ ପ୍ରତିଶତ ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି ?
(କ) ୨୫%  (ଖ) ୨୩%  (ଗ) ୪୦%  (ଘ)୩୧%

୮. ରିଜର୍ଭ ବ୍ୟାଙ୍କ୍ ଅନୁସାରେ ଆସନ୍ତା କେତେ ସୁଦ୍ଧା କେ.ୱାଇ.ସି ଅପଡ଼େଟ୍ କରିବାର ଆବଶ୍ୟକତା ନାହିଁ ?
(କ) ୩୧ ଡିସେମ୍ବର  (ଖ) ୩୦ ଜାନୁଆରୀ
(ଗ) ଅଗଷ୍ଟ ୩୧  (ଘ) ମଇ ୨୧

୯. ନ୍ୟାସନାଲ ଆସେଟ୍ ରିକନ୍‌ଷ୍ଟ୍ରକସନ୍ କଂପାନୀ କେବେଠାରୁ କାର୍ଯ୍ୟ କରିଛି ?
(କ) ଜୁନ୍ ୨୧  (ଖ) ଜୁଲାଇ ୩୦
(ଗ) ଡିସେମ୍ବର ୧୦  (ଘ) ଅଗଷ୍ଟ ୯

୧୦. ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ୨୦୨୧ ମାର୍ଚ୍ଚରେ କେତେ ପଏଣ୍ଟ ବୃଦ୍ଧିପାଇ ୧୧୯.୬ ପଏଣ୍ଟରେ ରହିଛି ?
(କ) ୦.୨  (ଖ) ୦.୪  (ଗ) ୦.୬  (ଘ) ୦.୮

## (୧୩) କ୍ରୀଡ଼ା

୧. ଟୋକିଓ ଅଲିମ୍ପିକ୍‌ରେ ବ୍ରୋଞ୍ଜ ପଦକ ଜିତିବା ପୂର୍ବରୁ ଭାରତର ପୁରୁଷ ହକି ଦଳ କେଉଁ ଅଲିମ୍ପିକ୍‌ରେ ଶେଷଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା ?
(କ) ୧୯୬୦-ରୋମ୍  (ଖ) ୧୯୬୪-ଟୋକିଓ
(ଗ) ୧୯୭୨-ମ୍ୟୁନିକ୍ (ଘ) ୧୯୮୦-ମସ୍କୋ

୨. ଟୋକିଓ ଅଲିମ୍ପିକ୍‌ର ତୀରଚାଳନା ମିଶ୍ରିତ ଯୁଗଳରେ ଦୀପିକା କୁମାରୀଙ୍କ ଯୋଡ଼ିଦାର କିଏ ଥିଲେ ?
(କ) ଅତନୁ ଦାସ  (ଖ) ତରୁଣଦୀପ ରାୟ
(ଗ) ପ୍ରବୀଣ ଜାଧବ  (ଘ) ଜୟନ୍ତ ତାଲୁକଦାର

୩. ଭାରତର କୁସ୍ତି ତାରକା ରବି କାମାର ଦହିୟା କୁସ୍ତିର କେଉଁ ବିଭାଗରେ ଟୋକିଓ ଅଲିମ୍ପିକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ?
(କ) ୫୭କି.ଗ୍ରା. ଫ୍ରିଷ୍ଟାଇଲ (ଖ) ୫୭କି.ଗ୍ରା. ଗ୍ରୀକୋରୋମାନ୍
(ଗ) ୬୫କି.ଗ୍ରା. ଫ୍ରିଷ୍ଟାଇଲ୍ (ଘ) ୬୫କି.ଗ୍ରା. ଗ୍ରୀକୋରୋମାନ୍

୪. ଟୋକିଓ ଅଲିମ୍ପିକ୍‌ର ମହିଳା ଭାରୋତ୍ତୋଳନର କେତେ କି.ଗ୍ରା ଓଜନ ବିଭାଗରେ ସାଇଖୋମ୍ ମୀରାବାଈ ଚାନୁ ରୌପ୍ୟ ପଦକ ଜିତିଛନ୍ତି ?
(କ) ୪୮କି.ଗ୍ରା. (ଖ) ୪୯କି.ଗ୍ରା. (ଗ) ୫୩କି.ଗ୍ରା. (ଘ) ୫୭କି.ଗ୍ରା

୫. କେତେ ମିଟର ଦୂରକୁ ଜାଭଲିନ୍ ଥ୍ରୋ କରି ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକ୍‌ରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ?
(କ) ୮୬.୬୫ (ଖ) ୮୮.୦୭ (ଗ) ୮୭.୫୮ (ଘ) ୮୭.୮୫

୬. ଟୋକିଓଠାରେ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ମୁକାବିଲାରେ ପି.ଭି. ସିନ୍ଧୁ କାହାକୁ ପରାସ୍ତ କରିଥିଲେ ?
(କ) ହେ ବିଙ୍ଗ୍‌ଜିଆଓ (ଖ) ରାତ୍‌ଚାନୋକ ଇନ୍ତାନୋନ୍
(ଗ) ତାଏ ସୁ ୟିଙ୍ଗ୍  (ଘ) ଆକାନେ ୟାମାଗୁଚି

୭. ଟୋକିଓ ଅଲିମ୍ପିକ୍ ସକାଶେ କ୍ୱାଲିଫାଇ କରିଥିବା ଭାରୋତ୍ତୋଳିକା ସାଇଖୋମ୍ ମୀରାବାଈ ଚାନୁ କେଉଁ ମସିହାରେ ବିଶ୍ୱ ଚାମ୍ପିଆନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ?
(କ) ୨୦୧୬ (ଖ) ୨୦୧୭ (ଗ) ୨୦୧୮ (ଘ) ୨୦୧୯

୮. ଅଲିମ୍ପିକ୍‌ରେ ଚତୁର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ମହିଳା ହକି ଦଳର ଅଧିନାୟିକା କିଏ ଥିଲେ ?
(କ) ରାନୀ ରାମପାଲ୍  (ଖ) ସବିତା ପୁନିଆ
(ଗ) ବନ୍ଦନା କଟାରିଆ  (ଘ) ଶର୍ମିଳା ଦେବୀ

୯. ଟୋକିଓଠାରେ ଲଭ୍‌ଲୀନା ବରଗୋହାଇଁ ମହିଳା ବକ୍ସିଂର କେଉଁ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ?
(କ) ଲାଇଟ୍ ୱେଟ୍  (ଖ) ୱେଲ୍‌ଟର୍ ୱେଟ୍
(ଗ) ଫେଦର୍ ୱେଟ୍  (ଘ) ମିଡ଼ିଲ୍ ୱେଟ୍

୧୦) ଭାରତର ମହିଳା ଗଲଫ୍ ଖେଳାଳି ଆଦିତି ଅଶୋକ ଟୋକିଓ ଅଲିମ୍ପିକ୍‌ରେ କେତେତମ ସ୍ଥାନ ହାସଲ କରିଥିଲେ ?
(କ) ଚତୁର୍ଥ (ଖ) ପଞ୍ଚମ (ଗ) ଷଷ୍ଠ (ଘ) ସପ୍ତମ

**ଉତ୍ତର**

୧.(କ) ୫%, ୨.(ଘ)୨ଗୁଣ, ୩.(କ) ୩୯.୩୬%, ୪.(କ)୭%, ୫.(ଖ)୧ ଲକ୍ଷ ୪୧ ହଜାର କୋଟି, ୬. (ଗ)୩ ଗୁଣ, ୭.(ଗ) ୪୦% ୮.(କ) ୩୧ ଡିସେମ୍ବର, ୯.(କ) ଜୁନ୍ ୨୧, ୧୦.(ଗ) ୦.୬ ।

୧. (ଘ) ୧୯୮୦-ମସ୍କୋ, ୨.(ଗ) ପ୍ରବୀଣ ଜାଧବ, ୩.(କ) ୫୭କି.ଗ୍ରା. ଫ୍ରିଷ୍ଟାଇଲ, ୪.(ଖ) ୪୯କି.ଗ୍ରା., ୫.(ଗ) ୮୭.୫୮, ୬. (କ) ହେ ବିଙ୍ଗ୍‌ଜିଆଓ, ୭.(ଖ) ୨୦୧୭, ୮.(କ) ରାନୀ ରାମପାଲ୍, ୯.(ଖ) ୱେଲ୍‌ଟର୍ ୱେଟ୍, ୧୦.(କ) ଚତୁର୍ଥ

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ନିକଟରେ ଦିବଙ୍ଗତ ହୋଇଥିବା ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସ ଦୀର୍ଘ ବର୍ଷ ଧରି କେଉଁଠାରେ ଅବସ୍ଥାନ କରୁଥିଲେ ?
(କ) ଚେନ୍ନାଇ (ଖ) ରାମେଶ୍ୱରମ
(ଗ) ପୁଦୁଚେରୀ(ଘ) କନ୍ୟାକୁମାରୀ

୨. ସ୍ୱର୍ଗତ ମନୋଜ ଦାସ ଓଡ଼ିଆ ବ୍ୟତୀତ ଆଉ କେଉଁ ଭାଷାରେ ସାହିତ୍ୟ ରଚନା କରିଛନ୍ତି ?
(କ) ସଂସ୍କୃତ (ଖ) ଇଂରାଜୀ (ଗ) ତାମିଲ (ଘ) ତେଲୁଗୁ

୩. ସ୍ୱର୍ଗତ ମନୋଜ ଦାସ ତାଙ୍କର କେଉଁ ଉପନ୍ୟାସ ପାଇଁ ୨୦୦୦ ମସିହାରେ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ?
(କ) ଅମୃତ ଫଳ (ଖ) ଆକାଶର ଇସାରା
(ଗ) ପ୍ରଭଞ୍ଜନ (ଘ) ଶେଷ ତାନ୍ତ୍ରିକର ସନ୍ଧାନରେ

୪. ନିକଟରେ ମୃତ୍ୟୁବରଣ କରିଥିବା ବଙ୍ଗଳା ଭାଷାର ପ୍ରସିଦ୍ଧ କବି ଶଙ୍ଖ ଘୋଷ କେଉଁ ମସିହା ପାଇଁ ଜ୍ଞାନପୀଠ ପୁରସ୍କାର ପାଇଥିଲେ ?
(କ)୨୦୧୧ (ଖ)୨୦୧୩ (ଗ)୨୦୧୬ (ଘ)୨୦୧୯

୫. ୨୦୨୧ର ଓସ୍କାର ପୁରସ୍କାର ଉତ୍ସବରେ କେଉଁ ଚଳଚିତ୍ରଟି ସର୍ବଶ୍ରେଷ୍ଠ ଚଳଚିତ୍ର ଭାବେ ପୁରସ୍କୃତ ହୋଇଛି ?
(କ) ନୋମାଡ଼ଲାଣ୍ଡ (ଖ) ସାଉଣ୍ଡ ଅଫ୍ ମେଟାଲ୍
(ଗ) ଦି ଫାଦର (ଘ) ଦି ଟ୍ରାଏଲ୍ ଅଫ୍ ଶିକାଗୋ

୬. ୨୦୨୧ର ଓସ୍କାର ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ଅଭିନେତା ବିବେଚିତ ହୋଇଥିବା ତାରକାଙ୍କ ନାମ କଣ ?
(କ) ଷ୍ଟିଭେନ୍ ୟୁନ୍ (ଖ) ଚାଦ୍‌ୱିକ୍ ବୋସମାନ୍
(ଗ) ଗ୍ୟାରୀ ଓଲ୍ଡମାନ୍ (ଘ) ଆନ୍ଥୋନୀ ହପ୍‌କିନ୍ସ

୭. ୨୦୨୧ରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ପୁରସ୍କାର ହାସଲ କରିଥିବା ତାରକାଙ୍କ ନାମ କଣ ?
(କ) ଆନ୍ଦ୍ରା ଡେ (ଖ) ଫ୍ରାନ୍‌ସେସ୍ ମାକ୍‌ଡୋରମାଣ୍ଡ
(ଗ) ଭାନେସା କର୍ବି (ଘ) କ୍ୟାରୀ ମୁଲିଗାନ୍

୮. ଏହି ବର୍ଷ ଭାରତୀୟ ସିନେମାର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲକେ ଆୱାର୍ଡ କିଏ ପାଇଛନ୍ତି ?
(କ) କମଲ ହାସନ୍ (ଖ) ଅମିତାଭ ବଚ୍ଚନ
(ଗ) ଆଶା ଭୋଁସଲେ (ଘ) ରଜନୀକାନ୍ତ

୯. ପବିତ୍ର ରମଜାନ୍ ମାସ ଇସଲାମିକ୍ କ୍ୟାଲେଣ୍ଡରର କେତେତମ ମାସ ଅଟେ ?
(କ) ସପ୍ତମ୍ (ଖ) ଅଷ୍ଟମ (ଗ) ନବମ (ଘ) ଦଶମ

୧୦) ବୈଶାଖ ପୂର୍ଣ୍ଣିମା ଦିନ କେଉଁ ମହାପୁରୁଷଙ୍କ ଜନ୍ମଦିନ ପାଳିତ ହୁଏ ?
(କ) ଗୌତମ ବୁଦ୍ଧ (ଖ) ଗୁରୁ ନାନକ
(ଗ) ଚୈତନ୍ୟ ଦେବ (ଘ) ମହାବୀର ଜୈନ

## (୧୫) ଭୂଗୋଳ

୧. ପୃଥିବୀ ପୃଷ୍ଠରେ କେତେ ଡିଗ୍ରୀର ଦ୍ରାଘିମା ରେଖାକୁ 'ପ୍ରାଇମ୍ ମେରିଡିଆନ୍' ବା 'ମୂଳ ମଧ୍ୟରେଖା' କୁହାଯାଏ ?
(କ) ଶୂନ ଡିଗ୍ରୀ (ଖ)୧୮୦ଡିଗ୍ରୀ (ଗ) ୯୦ଡିଗ୍ରୀ (ଘ) ୧୦୦ଡିଗ୍ରୀ

୨. ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀଦ୍ୱୟ ମିଳିତ ହୋଇ ବାଂଲାଦେଶରେ କେଉଁ ନଦୀ ନାମରେ ପରିଚିତ ହୋଇଛି ?
(କ) ଯମୁନା (ଖ) ପଦ୍ମା (ଗ) ମେଘନା (ଘ) ଭାଗିରଥୀ

୩. ଦକ୍ଷିଣ ଆଟ୍‌ଲାଣ୍ଟିକ୍ ମହାସାଗରରେ ଥିବା ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜଟି କେଉଁ ଦେଶ ଅଧୀନରେ ରହିଛି ?
(କ) ଆର୍ଜେଣ୍ଟିନା (ଖ) ଗ୍ରେଟ୍ ବ୍ରିଟେନ
(ଗ) ବ୍ରାଜିଲ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୪. ଆୟତନ ଦୃଷ୍ଟିରୁ ଆଫ୍ରିକା ମହାଦେଶର ବୃହତ୍ତମ ଦେଶର ନାମ କ'ଣ ?
(କ) ଆଲ୍‌ଜେରିଆ (ଖ) କଙ୍ଗୋ ଡେମୋକ୍ରେଟିକ୍ ରିପବ୍ଲିକ୍
(ଗ) ସୁଦାନ୍ (ଘ) ଆଙ୍ଗୋଲା

୫. ଫୁଜିୟାମା ଆଗ୍ନେୟଗିରି କେଉଁ ଦେଶରେ ଅବସ୍ଥିତ ?
(କ) ଚୀନ (ଖ) ଜାପାନ (ଗ) ଫିଲିପାଇନ୍ସ (ଘ) ଉତ୍ତର କୋରିଆ

୬. ନିମ୍ନଲିଖିତ ମଧ୍ୟରୁ କେଉଁ ଦେଶଟି ଦକ୍ଷିଣ ଆମେରିକାର ମୁଖ୍ୟ ପେଟ୍ରୋଲିୟମ୍ ରପ୍ତାନୀକାରୀ ଦେଶ ଭାବେ ପ୍ରସିଦ୍ଧ ?
(କ) କଲମ୍ବିଆ (ଖ) ବଲିଭିଆ (ଗ) ପେରୁ (ଘ) ଭେନେଜୁଆଲା

୭. ୟୁରୋପ୍ ମହାଦେଶର ଦୀର୍ଘତମ ନଦୀଟି ରୁଷ ଦେଶରେ ପ୍ରବାହିତ ହେଉଛି । ସେହି ନଦୀର ନାମ କ'ଣ ?
(କ) ଡାନ୍ୟୁବ୍ (ଖ) ରାଇନ୍ (ଗ) ଭୋଲ୍‌ଗା (ଘ) ସିଏନ୍

୮. ଆୟତନ ଦୃଷ୍ଟିରୁ ଭାରତର କ୍ଷୁଦ୍ରତମ ରାଜ୍ୟର ନାମ କ'ଣ ?
(କ) ସିକିମ୍ (ଖ) ଗୋଆ (ଗ) ମିଜୋରାମ (ଘ) ତେଲେଙ୍ଗାନା

୯. ନର୍ମଦା ନଦୀ ଶଯ୍ୟାରେ ଥିବା ଧୂଆଁଧାର ଜଳପ୍ରପାତଟି କେଉଁ ରାଜ୍ୟରେ ରହିଛି ?
(କ) ମଧ୍ୟପ୍ରଦେଶ (ଖ) ଛତିଶଗଡ଼ (ଗ) ମହାରାଷ୍ଟ୍ର (ଘ) ଗୁଜରାତ

୧୦. ଓଡ଼ିଶାରେ କେଉଁ ଅଭୟାରଣ୍ୟରେ ସର୍ବାଧିକ ସଂଖ୍ୟକ ହାତୀ ରହିଛନ୍ତି ?
(କ) ଚନ୍ଦକା (ଖ) ଶିମିଳିପାଳ
(ଗ) ସାତକୋଶିଆ (ଘ) ସୁନାବେଡ଼ା

**ଉତ୍ତର**

୧. (ଗ) ପୁଦୁଚେରୀ, ୨.(ଖ) ଇଂରାଜୀ, ୩. (କ) ଅମୃତ ଫଳ, ୪. (ଗ)୨୦୧୬, ୫. (କ) ନୋମାଡ଼ଲାଣ୍ଡ, ୬. (ଘ) ଆନ୍ଥୋନୀ ହପ୍‌କିନ୍ସ, ୭.(ଖ) ଫ୍ରାନ୍‌ସେସ୍ ମାକ୍‌ଡୋରମାଣ୍ଡ, ୮. (ଘ) ରଜନୀକାନ୍ତ, ୯.(ଗ) ନବମ, ୧୦. (କ) ଗୌତମ ବୁଦ୍ଧ

୧. (କ) ଶୂନ ଡିଗ୍ରୀ, ୨.(ଗ) ମେଘନା, ୩. (ଖ) ଗ୍ରେଟ୍ ବ୍ରିଟେନ, ୪.(ଗ)ସୁଦାନ୍, ୫.(ଖ) ଜାପାନ, ୬.(ଘ) ଭେନେଜୁଆଲା, ୭.(ଗ) ଭୋଲ୍‌ଗା, ୮.(ଖ) ଗୋଆ, ୯.(ଖ) ମଧ୍ୟପ୍ରଦେଶ, ୧୦.(ଖ) ଶିମିଳିପାଳ।

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ମର୍ଲେ ମିଣ୍ଟୋ ସଂସ୍କାର ଆଇନ କେବେ ପ୍ରଣୟନ ହୋଇଥିଲା ?
(କ)୧୯୦୯ (ଖ)୧୯୧୯ (ଗ)୧୯୯୧ (ଘ)୧୯୩୫

୨. କେଉଁଟି, ବ୍ୟକ୍ତିବାଦୀ ରାଷ୍ଟ୍ର ଓ ସମାଜବାଦୀ ରାଷ୍ଟ୍ର ମଧ୍ୟରେ ଏକ ସାଲିସ ମୂଳକ ମଧ୍ୟମ ପନ୍ଥା ଅଟେ ?
(କ)ଉଦାରବାଦୀ (ଖ)ଜନମଙ୍ଗଳ
(ଗ)ମାର୍କ୍ସବାଦୀ (ଘ) ଏକଛତ୍ରବାଦୀ

୩. ଜାତିସଂଘ ନିରାପତ୍ତା ପରିଷଦରେ କେତେଜଣ ସ୍ଥାୟୀ ସଦସ୍ୟ ଅଛନ୍ତି ?
(କ)୪ (ଖ)୫ (ଗ)୬ (ଘ)୭

୪. କେଉଁ ରାଷ୍ଟ୍ରର ସମ୍ବିଧାନକୁ ଏଲିଫାଣ୍ଟ ସାଇଜ ସମ୍ବିଧାନ କୁହାଯାଏ ?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ଭାରତ
(ଗ) ଅଷ୍ଟ୍ରେଲିଆ (ଘ) ଇଂଲଣ୍ଡ

୫. ଭାରତ ଜାତୀୟ ବ୍ୟବସ୍ଥାପିକାର ନାମ କଣ ?
(କ) ମଜିଲିସ୍ (ଖ) ଡାଏଟ
(ଗ) କଂଗ୍ରେସ (ଘ) ସଂସଦ

୬. କ୍ଷମତା ପୃଥକୀକରଣ ତତ୍ତ୍ୱର ପ୍ରବକ୍ତା କିଏ ?
(କ) ହବ୍ସ (ଖ) ବେନ୍ଥାମ୍ (ଗ) ମଣ୍ଟେସ୍କ୍ୟୁ (ଘ) ଲାସି

୭. ଲୋକସଭାର ସର୍ବାଧିକ ସଦସ୍ୟ ସଂଖ୍ୟା କେତେ ହୋଇପାରେ ?
(କ) ୫୩୦ (ଖ) ୫୪୫ (ଗ) ୫୪୭ (ଘ) ୫୫୨

୮. ଓଡ଼ିଶାର ଉଚ୍ଚନ୍ୟାୟାଳୟ କଟକଠାରେ କେବେ ପ୍ରତିଷ୍ଠା କରାଯାଇଥିଲା ?
(କ) ୧୯୪୭ (ଖ) ୧୯୪୮ (ଗ) ୧୯୫୦ (ଖ) ୧୯୫୫

୯. ଓଡ଼ିଶା ରାଜ୍ୟରୁ ରାଜ୍ୟସଭାକୁ କେତେଜଣ ପ୍ରତିନିଧିତ୍ୱ କରିଥାନ୍ତି ?
(କ)୧୦ (ଖ)୧୨ (ଗ)୧୪ (ଘ)୧୬

୧୦. କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କାହାଦ୍ୱାରା ପରିଚାଳିତ ?
(କ) ରାଜ୍ୟ (ଖ) କେନ୍ଦ୍ର (ଗ) ସ୍ୱୟଂ (ଘ) ସର୍ବୋଚ୍ଚ ନ୍ୟାୟାଳୟ

## (୧୭) କମ୍ପ୍ୟୁଟର ଶିକ୍ଷା

୧. ଅପରେଟିଭ୍ ସିଷ୍ଟମର ଷ୍ଟାର୍ଟିଙ୍ଗକୁ କ'ଣ କୁହାଯାଏ ?
(କ) ଷ୍ଟାର୍ଟିଙ୍ଗ (ଖ) ଏଣ୍ଟରିଙ୍ଗ (ଗ) ବୁଟିଙ୍ଗ (ଘ) ଫର୍ମାଟିଙ୍ଗ

୨. କମ୍ପ୍ୟୁଟର ତଥ୍ୟକୁ ଯେତେବେଳେ ସୂଚନାରେ ପରିଣତ କରାଯାଏ ତାକୁ କ'ଣ କୁହାଯାଏ ?
(କ) ପ୍ରୋଗ୍ରାମିଙ୍ଗ (ଖ) ଷ୍ଟୋରିଙ୍ଗ
(ଗ) ଅର୍ଗାନାଇଜିଙ୍ଗ (ଘ) ପ୍ରୋସେସିଙ୍ଗ

୩. ପ୍ରଥମ ମାଇକ୍ରୋପ୍ରୋସେସର ୧୯୭୧ରେ କାହାଦ୍ୱାରା ବିକାଶ ଲାଭ କରିଥିଲା ?
(କ) Apple (ଖ) NASA (ଗ) Intel (ଘ) କୌଣସିଟି ନୁହେଁ

୪. କ୍ଲିକ୍ ଏବଂ ଡବ୍‌ଲ କ୍ଲିକ୍ କାହାଦ୍ୱାରା କରାଯାଇଥାଏ ?
(କ) ମାଉସ୍ (ଖ) କିବୋଡ୍
(ଗ) ମୋଡେମ୍ (ଘ) ହେଡ୍‌ପିନ୍

୫. ଦୃଶ୍ୟ ମାଧ୍ୟମରେ କେଉଁ କମ୍ପ୍ୟୁଟରର କାର୍ଯ୍ୟକଳାପକୁ ଦୃଷ୍ଟିଗୋଚର କରିଥାଏ ?
(କ) ପ୍ରିଣ୍ଟର (ଖ) କି-ବୋର୍ଡ (ଗ) ମନିଟର (ଘ) ମାଉସ

୬. ସିପିୟୁ ଏବଂ ପ୍ରାଇମେରୀ ମିମୋରୀ କେଉଁଠାରେ ଅବସ୍ଥିତ ?
(କ) ଏକ୍ସପାନ୍‌ସନ୍ ବୋର୍ଡ (ଖ) ମଦରବୋର୍ଡ
(ଗ) ଷ୍ଟୋରେଜ୍ ଡିଭାଇସ୍ (ଘ) ଆଉଟପୁଟ ଡିଭାଇସ୍

୭. ଗୋଟିଏ ନେଟ୍‌ୱର୍କରେ କାହା ମାଧ୍ୟମରେ ଅଧିକ କମ୍ପ୍ୟୁଟର ସହ ସମ୍ପର୍କ ରଖାଯାଇ ପାରିବ ?
(କ) ସରଭର (ଖ) ୱର୍କଷ୍ଟେସନ୍
(ଗ) ଇମ୍‌ବେଡେଡ୍ (ଘ) ସ୍କାନର

୮. CRTର ପୂରାନାମ କ'ଣ ?
(କ) Crystal ray tube (ଖ) Cosmos ray tube
(ଗ) Combine ray tube (ଘ) Cathode ray tube

୯. ସିଡି ଏବଂ ଡିଭିଡି ଆକାରରେ କେଉଁ ପ୍ରକାର ?
(କ) ଗୋଲାକାର (ଖ) ବର୍ଗାକାର
(ଗ) ଚତୁର୍ଭୁଜ (ଘ) ତ୍ରିଭୁଜାକାର

୧୦. RAM କାହାର ଏକ ୟୁନିଟ୍ ?
(କ) ମନିଟର (ଖ) ସିଷ୍ଟମ ୟୁନିଟ୍ (ଗ) କି-ବୋର୍ଡ (ଘ) ମାଉସ୍

**ଉତ୍ତର**

**୧.**(କ)୧୯୦୯, **୨.** (ଖ) ଜନମଙ୍ଗଳ, **୩.**(ଖ)୫, **୪.**(ଖ) ଭାରତ, **୫.**(ଘ) ସଂସଦ,୭, **୬.**(ଗ) ମଣ୍ଟେସ୍କ୍ୟୁ, **୭.**(ଘ)୫୫୨,**୮.**(ଖ)୧୯୪୮, **୯.**(କ)୧୦, **୧୦.** (ଖ) କେନ୍ଦ୍ର

**୧.** (କ) ଷ୍ଟାର୍ଟିଙ୍ଗ, **୨.** (ଘ) ପ୍ରୋସେସିଙ୍ଗ, **୩.** (ଗ) Intel, **୪.** (କ) ମାଉସ୍, **୫.** (ଗ) ମନିଟର, **୬.** (ଖ) ମଦରବୋର୍ଡ, **୭.** (କ) ସରଭର, **୮.** (ଘ) Cathode ray tube, **୯.** (କ) ଗୋଲାକାର, **୧୦.** (ଖ) ସିଷ୍ଟମ ୟୁନିଟ୍

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏକ ନଟିକାଲ ମାଇଲ (ଆନ୍ତର୍ଜାତିକ)ର ମାପ ସ୍ଥଳପଥରେ କେତେ ହେବ ?
(କ) ୧ ମାଇଲ (ଖ) ୧.୧୫ ମାଇଲ
(ଗ) ୨ ମାଇଲ (ଘ) ୨.୨୫ ମାଇଲ

୨. ନିର୍ଦ୍ଦିଷ୍ଟ ସମାକଳ (Definte Integral) ର ମୂଲ୍ୟ ନିରୂପଣ ପାଇଁ କେଉଁ ଯନ୍ତ୍ର ବ୍ୟବହୃତ ହୁଏ ?
(କ) ହ୍ୱିଲ (ଖ) ଡ଼ିସ୍କରଣ୍ଟିଗ୍ରେଟର
(ଗ) ଇଣ୍ଟିଗ୍ରେଟର (ଘ) ପାଣ୍ଟୋଗ୍ରାଫ୍

୩. ଆଜିକାଲି ବ୍ୟବହୃତ ହେଉଥିବା 'ଦଶମିକ ପଦ୍ଧତି'ରେ ସଂଖ୍ୟା ଗଣନା ପ୍ରଥମେ କେଉଁ ଦେଶରେ ଆରମ୍ଭ ହୋଇଥିଲା ?
(କ) ଭାରତ (ଖ) ୟୁରୋପ (ଗ) ଆରବ (ଘ) ଚୀନ

୪. ଦୁଇ ସମାନ୍ତର ସରଳରେଖାର ସ୍ଲୋପର ଅନ୍ତର ସର୍ବଦା କେତେ ?
(କ) ୦ (ଖ) ୧ (M) -୧ (ଘ) କୌଣସିଟି ନୁହେଁ

୫. ସମୁଦ୍ରରେ ଜାହାଜର ବେଗ ମାପ ପାଇଁ କେଉଁ ଏକକ ବ୍ୟବହାର କରାଯାଏ ?
(କ) ମିଟର/ସେକେଣ୍ଡ (ଖ) କିଲୋମିଟର/ସେକେଣ୍ଡ
(ଗ) ମାଇଲ/ସେକେଣ୍ଡ (ଘ) ନଟ (Knot)

୬. ବକ୍ରରେଖାର ଦୈର୍ଘ୍ୟ ମାପ ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?
(କ) ପ୍ଲେନିମିଟର (ଖ) ସ୍ଲାଇଡ୍‌ରୁଲ
(ଗ) କର୍ଭିମିଟର (ଘ) ଡ଼ିଭାଇଡର

୭. ବିୟୋଗ ପାଇଁ ବ୍ୟବହାର କରାଯାଇଥିବା '-' ଚିହ୍ନ ପ୍ରଥମେ କିଏ ବ୍ୟବହାର କରିଥିଲେ ?
(କ) କାର୍ଡ଼ନ (ଖ) ଫେରାରି
(ଗ) ବ୍ରହ୍ମଗୁପ୍ତ (ଘ) ଜୋହାନ ୱିଡମ୍ୟାନ

୮. କେଉଁ ସଂଖ୍ୟାର ଗୁଣନାତ୍ମକ ବିଲୋମୀ ସେହି ସଂଖ୍ୟା ?
(କ)୦ (ଖ)୧ (ଗ) -୧ (ଘ)୧ଓ-୧

୯. 'ରାମାନୁଜ ଗଣିତ ସଂସ୍ଥାନ' କେଉଁଠାରେ ଅବସ୍ଥିତ ?
(କ) ମୁମ୍ବାଇ (ଖ) ଚେନ୍ନାଇ (ଗ) କୋଲକତା (ଘ) ହାଇଦ୍ରାବାଦ

୧୦. କେଉଁ ଦୁଇଅଙ୍କ ବିଶିଷ୍ଟ ସଂଖ୍ୟାର ବର୍ଗମୂଳ ଏହାର ଅଙ୍କମାନଙ୍କ ସମଷ୍ଟି ସହିତ ସମାନ ?
(କ)୧୬ (ଖ) ୪୯ (ଗ) ୬୪ ଘ) ୮୧

## (୧୯) ସାଧାରଣ ବିଜ୍ଞାନ

୧. ନିମ୍ନଲିଖିତ କେଉଁ ପଦାର୍ଥବିଜ୍ଞାନୀ ଓଡ଼ିଆ ଜନପ୍ରିୟ ବିଜ୍ଞାନ ଲେଖକ ଭାବରେ ସୁନାମ ଅର୍ଜନ କରିଛନ୍ତି ?
(କ) ଡ.କୁଳମଣି ସାମଲ (ଖ) ଡ.ଲକ୍ଷ୍ମୀଧର ଶତପଥୀ
(ଗ) ଡ.ବିଭୁତିଭୂଷଣ ନାୟ (ଗ) ଡ.ତ୍ରିଲୋଚନ ପ୍ରଧାନ

୨. ଦୁର୍ବଳ ବିଦ୍ୟୁତ୍-ଚୁମ୍ବକୀୟ ବଳ ଉପରେ ଗବେଷଣା କରି ନୋବେଲ ପୁରସ୍କାର ପାଇଥିବା ଏକମାତ୍ର ପାକିସ୍ତାନୀ ପଦାର୍ଥ ବିଜ୍ଞାନୀ କିଏ ?
(କ) ଡ.ଅବଦୁସ୍ ସାଲାମ (ଖ) ଡ.ଅବଦୁଲ୍ କାଦିର୍ ଖାନ୍
(ଗ) ଡ.ବିଶିମିଲା ଖାଁ (ଘ) ଷ୍ଟିଫେନ୍ ୱିନ୍ ବର୍ଗ

୩. କେଉଁ ବୈଜ୍ଞାନିକ ଭାରତର ଓପନ୍‌ହେଇମ୍‌ର ରୂପେ ପରିଚିତ ?
(କ) ଡ.ମେଘନାଦ ସାହା (ଖ) ଡ.ଜେ.ସି.ବୋଷ
(ଗ) ଡ.ହୋମି ଜାହାଙ୍ଗୀର ଭାବା (ଘ) ଡ.ସି.ଭି.ରମଣ

୪. କେଉଁ ବୈଜ୍ଞାନିକ ପ୍ରଥମେ ଇଲେକ୍‌ଟ୍ରୋନର ଚାର୍ଜ ସମ୍ପର୍କରେ ନିର୍ଭୁଲ ତଥ୍ୟ ପ୍ରଦାନ କରିଥିଲେ ?
(କ) ରବର୍ଟ ମିଲିକାନ୍ (ଖ) ଜେ.ଜେ.ଟମ୍‌ସନ୍
(ଗ) ଅରନେଷ୍ଟ ରଦରଫୋର୍ଡ଼ (ଘ) ଜେମ୍‌ସ ଚାଡ୍‌ୱିକ୍

୫. କେଉଁ ବୈଜ୍ଞାନିକ (ଜ୍ୟୋତିର୍ବିଜ୍ଞାନୀ) ଦି ପ୍ଲାନେଟାରି ସୋସାଇଟି ନାମରେ ପ୍ରସିଦ୍ଧ ସଂଘ ଗଠନ କରିଥିଲେ ?
(କ) ୱିଲିୟମ୍ ହରଶ୍ଚେଲ (ଖ) କାର୍ଲ ସାଗଲ
(ଗ) ଏଡ୍‌ୱିନ୍ ହବଲ୍ (ଘ) ମିଲଟନ୍ ହ୍ୟୁମାସନ୍

୬. ପଦାର୍ଥବିଜ୍ଞାନରେ ସର୍ବପ୍ରଥମେ ନୋବେଲ ପୁରସ୍କାର କେଉଁ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଥିଲା ?
(କ) ଏଚ୍.ଏ.ଲରେନସ (ଖ) ମ୍ୟାରି କ୍ୟୁରି
(ଗ) ଲର୍ଡ଼ ର୍‌ୟାଲେ (ଘ) ଡବ୍ଲ୍ୟୁ.ସି.ରୁନ୍ତଗେନ୍(ରଞ୍ଜନ)

୭. ନିମ୍ନଲିଖିତ କେଉଁ ପଦାର୍ଥ ବିଜ୍ଞାନୀ ୧୯୭୪ରେ ପୋଖରାନ୍‌ଠାରେ ଆଣବିକ ବିସ୍ଫୋରଣ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିଥିଲେ ?
(କ) ଡ.ରାଜା ରମନ୍ନା (ଖ) ଡ.ଆର୍ ଚିଦାମ୍ବରମ୍
(ଗ) ଏ.ପି.ଜେ.ଅବଦୁଲ୍ କାଲାମ୍ (ଘ) ଏମ୍.ଜି.କେ. ମେନନ୍

୮. ନିମ୍ନଲିଖିତ କେଉଁ ପଦାର୍ଥବିଜ୍ଞାନୀ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀପଦ ପାଇଥିଲେ ?
(କ) ଡ.ଆର୍ ଚିଦାମ୍ବରମ୍ (ଖ) ଡ.ସତୀଶ ଧାୱନ୍
(ଗ) ଡ.ରାଜା ରମନ୍ନା (ଘ) ଏ.ଏମ.ଜି.କେ.ମେନନ୍

୯. ନିମ୍ନଲିଖିତ କେଉଁ ବୈଜ୍ଞାନିକ ସି.ଭି.ରମଣଙ୍କ ରମଣ ସିଦ୍ଧାନ୍ତ ଆବିଷ୍କାରରେ ମୁଖ୍ୟ ସହଯୋଗୀ ଥିଲେ ?
(କ) ଡଃ.କେ.ଏସ.କ୍ରିଷ୍ଣନ (ଖ) ଏଲ୍.ରାମଦାସ
(ଗ) ଡଃ.ସି.ଏନ୍.ଆର୍.ରାଓ (ଘ) ଲାଣ୍ଡନ ବର୍ଗ

୧୦. ତାପମାନ ଯନ୍ତ୍ର ବା ଥର୍ମୋମିଟର କିଏ ଉଦ୍ଭାବନ କରିଥିଲେ ?
(କ) ଗାଲିଲିଓ (ଖ) ଗ୍ରାବିଏଲ ଫାଇନ୍‌ହିଟ୍ (ଗ) ଲର୍ଡ କେଲ୍‌ଭିନ୍

**ଉତ୍ତର**

**୧.**(ଖ)୧.୧୫ ମାଇଲ, **୨.**(ଗ)ଇଣ୍ଟିଗ୍ରେଟର, **୩.**(କ)ଭାରତ, **୪.**(ଗ)-୧ , **୫.**(ଘ)ନଟ, **୬.**(ଗ)କର୍ଭିମିଟର, **୭.**(ଘ)ଜୋହାନ ୱିଡମ୍ୟାନ, ୮.(ଘ)୧ଓ-୧, **୯.**(ଖ)ଚେନ୍ନାଇ, **୧୦.**(ଘ)୮୧.

**୧.**(କ) ଡ.କୁଳମଣି ସାମଲ, **୨.**(କ) ଡ.ଅବଦୁସ୍ ସାଲାମ, **୩.**(ଗ) ଡ.ହୋମି ଜାହାଙ୍ଗୀର ଭାବା, **୪**(କ) ରବର୍ଟ ମିଲିକାନ୍ **୫.**(ଖ) କାର୍ଲ ସାଗଲ, **୬.**(ଘ) ଡବ୍ଲ୍ୟୁ.ସି.ରୁନ୍ତଗେନ୍(ରଞ୍ଜନ), **୭.**(କ) ଡ.ରାଜା ରମନ୍ନା, ୮.(ଗ)ଡ.ରାଜାରମନ୍ନା, **୯.** (କ) ଡଃ.କେ.ଏସ.କ୍ରିଷ୍ଣନ, **୧୦.**(କ) ଗାଲିଲିଓ

ସଂସାରରେ ବହୁତ କଥା ଭଲ ନହୋଇ ମଧ୍ୟ ଭଲଲାଗେ ଏବଂ ବହୁତ ଭଲକଥା ମଧ୍ୟ ଖରାପ ଜଣାଯାଇଥାଏ । -ଜୟଶଙ୍କର

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ଖୋର୍ଦ୍ଧା
୨. ଗଠନ - ୧ ଏପ୍ରିଲ, ୧୯୯୩
୩. କ୍ଷେତ୍ରଫଳ - ୨୮୧୩ବର୍ଗ.କି.ମି
୪. ଜନସଂଖ୍ୟା - ୨୨୪୬୩୪୧
(କ) ପୁରୁଷ - ୧୧୬୬୯୪୯
(ଖ) ମହିଳା - ୧୦୭୯୩୯୨
୫. ଉପଖଣ୍ଡ - ୨
୬. ତହସିଲ - ୧୦ (ଖୋର୍ଦ୍ଧା ସଦର, ବାଣପୁର, ବାଲିପାଟଣା, ବାଲିଅନ୍ତା, ଚିଲିକା, ଟାଙ୍ଗି, ବେଗୁନିଆ, ଜଟଣୀ, ବୋଲଗଡ଼, ଭୁବନେଶ୍ୱର ।)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୧୦ (ଖୋର୍ଦ୍ଧା ସଦର, ବାଣପୁର, ବାଲିପାଟଣା, ବାଲିଅନ୍ତା, ଚିଲିକା, ଟାଙ୍ଗି, ବେଗୁନିଆ, ଜଟଣୀ, ବୋଲଗଡ଼, ଭୁବନେଶ୍ୱର ।)
୮. ଗ୍ରାମ ପଞ୍ଚାୟତ - ୧୬୮
୯. ଗ୍ରାମ - ୧୫୩୪
୧୦. ଥାନା - ୩୨
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) - ୨
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)- ୧
୧୩.କରପୋରେସନ୍ - ୧
୧୪. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୮
୧୧୧.ଜୟଦେବ(SC), ୧୧୨. ଭୁବନେଶ୍ୱର ସେଣ୍ଟ୍ରାଲ, ୧୧୩. ଭୁବନେଶ୍ୱର ନର୍ଥ(ଉତ୍ତର),୧୧୪. ଏକାମ୍ର ଭୁବନେଶ୍ୱର, ୧୧୫. ଜଟଣୀ, ୧୧୬. ବେଗୁନିଆ, ୧୧୭. ଖୋର୍ଦ୍ଧା, ୧୧୮. ଚିଲିକା।
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୨୨୨୨୭୫(୯୧୦)
୧୫. ସାକ୍ଷରତା ହାର - ୮୭.୫୧%
୧୬.ପୁରୁଷ ସାକ୍ଷରତା ହାର - ୯୨.୫୫%
୧୭. ମହିଳା ସାକ୍ଷରତା ହାର - ୮୨.୦୬%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୯.୬୫%
୧୯.ଜନସଂଖ୍ୟା ଘନତ୍ୱ - ୭୯୯ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୨୫
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୭୪
୨୨. ନିଆଁଲିଭା କେନ୍ଦ୍ର - ୯
୨୩. ଲୋକସଭା ଆସନ ସଂଖ୍ୟା - ୧
୨୪ ଜଙ୍ଗଲ ଜମି - ୬୧୮.୬୭ବର୍ଗ କି.ମି
୨୫. ହାରାହାରି ତାପମାତ୍ରା - ସର୍ବନିମ୍ନ ୯.୫୦- ସର୍ବୋଚ୍ଚ ୪୨.୪୦
୨୬. ସାଧାରଣ ବୃଷ୍ଟିପାତ - ୧୪୦୮.୪ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୦୨,ଓ.ଡି.- ୩୩,
୨୮.ପର୍ଯ୍ୟଟନସ୍ଥଳୀ - ଅତ୍ରି, ବାଣପୁର, ବରୁଣେଇ, ଭୁବନେଶ୍ୱର, ଭୁଷଣ୍ଡପୁର, ଚିଲିକା(ବଡ଼କୁଳ), ଧଉଳି, ଗଡ଼ମାଣିତ୍ରୀ, ହୀରାପୁର, କେନ୍ଦୁଲି, ଖଣ୍ଡିଗିରି ଓ ଉଦୟଗିରି, ନନ୍ଦନକାନନ ଏବଂ ରାମେଶ୍ୱର।

## ପର୍ବପର୍ବାଣୀ

### ସେପ୍ଟେମ୍ବର ୨୦୨୧

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା.୧ | ଘ୫/୩୫ | ଘ୫/୫୯ |
| ତା.୧୦ | ଘ୫/୩୬ | ଘ୫/୫୧ |
| ତା.୨୦ | ଘ୫/୩୯ | ଘ୫/୪୨ |
| ତା.୩୦ | ଘ୫/୪୧ | ଘ୫/୩୩ |

ତା.୩ କାଳୀୟ ଦଳନ ଏକାଦଶୀ ଓ ହଳ ନିଷେଧ
ତା.୫ ଗୁରୁଦିବସ, ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଜୟନ୍ତୀ, ପଣ୍ଡିତ ବାସୁଦେବ ଖଡ଼ିରତ୍ନଙ୍କ ଶ୍ରାଦ୍ଧ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା
ତା.୭ ଶ୍ରୀମନ୍ଦିରେ ସପ୍ତପୁରୀ ଅମାବାସ୍ୟା ଓ ଗୋସହସ୍ରୀ ସ୍ନାନ
ତା.୮ ଦ୍ୱିତୀୟାର ଚନ୍ଦ୍ରଦର୍ଶନ
ତା.୯ ବାଲି ତୃତୀୟା ଓ ଗୌରୀ ବ୍ରତ
ତା.୧୦ ଗଣେଶ ଚତୁର୍ଥୀ ବ୍ରତ ବା ଗଣେଶ ପୂଜା
ତା.୧୧ ନୂଆଖାଇ, ଋଷି ପଞ୍ଚମୀ
ତା.୧୨ ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ ଓ କୁକୁଟୀ ବ୍ରତ
ତା.୧୩ ଶ୍ରୀଦୁର୍ଗା ଶୟନୋତ୍ସବ
ତା.୧୪ ଶ୍ରୀ ରାଧାଷ୍ଟମୀ
ତା.୧୫ ତାଳନବମୀ
ତା.୧୬ ସୁଦଶା ବ୍ରତ, ଶରଣ ଆରମ୍ଭ ଓ ମାସାନ୍ତ
ତା.୧୭ କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ, ବାମନ ଜନ୍ମ ଓ ହଳ ନିଷେଧ
ତା.୧୮ ସୁନିଆଁ ଅ୬୪ଙ୍କ, ସନ ୧୪୨୯ ସାଲ ପ୍ରବେଶ
ତା.୧୯ ଅନନ୍ତ ବ୍ରତ ଓ ଅଘୋର ଚତୁର୍ଦ୍ଦଶୀ
ତା.୨୦ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାର ଚନ୍ଦ୍ରପୂଜା,ଭାଗବତ ଜନ୍ମ ଓ ଶରଣଶେଷ
ତା.୨୧ ଅପରପକ୍ଷାରମ୍ଭ
ତା.୨୬ ଅଶ୍ୱପଞ୍ଚମୀ
ତା.୨୭ ଗଜଷଷ୍ଠୀ
ତା.୨୮ ଦେବ୍ୟୁତ୍ଥାପନ ଓ ସହସ୍ର କୁମ୍ଭାଭିଷେକ
ତା.୨୯ ମୂଳାଷ୍ଟମୀ, ଦ୍ୱିତୀୟବାହନ ଓଷା ଓ ଷୋଡ଼ଶ ଦିନାତ୍ମକ ପୂଜାରମ୍ଭ

### ଅକ୍ଟୋବର, ୨୦୨୧

| | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ତା.୧ | ଘ୫/୨୬ | ଘ୫/୧୯ |
| ତା.୧୦ | ଘ୫/୨୯ | ଘ୫/୧୪ |
| ତା.୨୦ | ଘ୫/୩୧ | ଘ୫/୦୮ |
| ତା.୩୧ | ଘ୫/୩୪ | ଘ୫/୫୯ |

ତା.୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କଜୟନ୍ତୀ, ଇନ୍ଦିରା ଏକାଦଶୀ ଓ ହ.ନି
ତା.୫ ଚନ୍ଦ୍ରକ୍ଷୟ, ନିଶିପାଳନ, ଫୁଲ୍ଲେରୀ ଓଷା, ଶିବ ଚତୁର୍ଦ୍ଦଶୀ, ବେଢ଼ା ଓ ହଳ ନିଷେଧ
ତା.୬ ମହାଳୟା ଅମାବାସ୍ୟା, ପିତୃପକ୍ଷ ସମାପ୍ତି, ଶ୍ରୀ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭ ଓ ହ.ନି
ତା.୭ ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ବିରଜା ଦେବୀଙ୍କ ରଥଯାତ୍ରା
ତା.୧୦ ନତଃ ପଞ୍ଚମୀ
ତା.୧୧ ତପଃଷଷ୍ଠୀ,ପୀଠେ ଶ୍ରୀ ଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ସପ୍ତମୀ ପୂଜା
ତା.୧୨ ମୃଣ୍ମୟୀ ଦେବୀଙ୍କ ସପ୍ତମ୍ୟାଦି ତ୍ରିଦିନାତ୍ମକ ପୂଜାରମ୍ଭ ଓ ପୀଠେ ମହାଷ୍ଟମୀ ଓ ଦୁର୍ଗାବ୍ରତ
ତା.୧୩ ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, ପୀଠେ ମହାନବମୀ ପୂଜା ଓ ଶରଣ ଆରମ୍ଭ
ତା.୧୪ ପୀଠେ ବିଶ୍ରାମ ଓ ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା
ତା.୧୫ ଶ୍ରୀ ମନ୍ଦିରେ ପୀଠେ, ମୃଣ୍ମୟୀ ଦେବୀଙ୍କ ଦଶହରା ଓ ସୋମନାଥ ବ୍ରତ ଉଦ୍‌ଯାପନ
ତା.୧୬ ପାପାଙ୍କୁଶା ଏକାଦଶୀ,ଭଷାଣୀ,ଗୋଷାଣୀ ଯାତ୍ରା,ହ.ନି,ମାସାନ୍ତ
ତା.୧୭ ତୁଳା (ଗର୍ଭଣା) ସଂକ୍ରାନ୍ତି, ଶରଣ ଶେଷ ଓ ହ.ନି
ତା.୧୯ ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ଗଜଲକ୍ଷ୍ମୀ ପୂଜା, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
ତା.୨୦ କୁମାର ପୂର୍ଣ୍ଣିମା ଓ କୁମାରୋତ୍ସବ
ତା.୨୧ କାର୍ତ୍ତିକ ବ୍ରତାରମ୍ଭ, ପଣ୍ଡି ପରୀକ୍ଷିତ ଓ ବିଷ୍ଣୁ ପ୍ରସାଦ ଖଡ଼ିରତ୍ନଙ୍କ ଶ୍ରାଦ୍ଧ

## ବିଭିନ୍ନ ଦିବସ ପାଳନ

### ସେପ୍ଟେମ୍ବର,୨୦୨୧

ତା।୦୨ - ବିଶ୍ୱ ନାରିକେଳ ଦିବସ
ତା।୦୫ - ଗୁରୁ ଦିବସ
ତା।୦୭ - କ୍ଷମା ଦିବସ
ତା।୦୮ - ବିଶ୍ୱ ସାକ୍ଷରତା ଦିବସ
ତା।୧୦ - ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ
ତା।୧୧ - ବିଶ୍ୱ ଭାତୃତ୍ୱ ଦିବସ
ତା।୧୪ - ହିନ୍ଦୀ ଦିବସ
ତା।୧୫ - ଇଞ୍ଜିନିୟର ଦିବସ
ତା।୧୫ - ଆନ୍ତର୍ଜାତୀୟ ଗଣତନ୍ତ୍ର ଦିବସ
ତା।୧୬ - ବିଶ୍ୱ ଓଜନ ଦିବସ
ତା।୧୮ - ଜାତୀୟ ହାସ୍ୟ ଦିବସ
ତା।୨୧ - ଆନ୍ତର୍ଜାତୀୟ ଶାନ୍ତି ଦିବସ
ତା।୨୫ - ଆନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ
ତା।୨୬ - ବିଶ୍ୱ ମୂକ ବଧିର ଦିବସ
ତା।୨୭ - ବିଶ୍ୱ ପର୍ଯ୍ୟଟନ ଦିବସ
ତା।୨୮ - ବିଶ୍ୱ ଜଳାତଙ୍କ ଦିବସ
ତା।୨୮ - ଇରମ ଶହୀଦ ଦିବସ
ତା।୨୯ - ବିଶ୍ୱ ହୃତ୍‌ପିଣ୍ଡ ଦିବସ
ତା।୩୦ - ବିଶ୍ୱ ସାହାଯ୍ୟ ଦିବସ

### ଅକ୍ଟୋବର,୨୦୨୧

୧. ବିଶ୍ୱ ପ୍ରୌଢ଼ ଦିବସ
୨. ଗାନ୍ଧି ଜୟନ୍ତୀ, ଆନ୍ତର୍ଜାତୀକ ଅହିଂସା ଦିବସ
୩. ବିଶ୍ୱ ପ୍ରକୃତି ଦିବସ
୪. ବିଶ୍ୱ ପ୍ରାଣୀ ଦିବସ
୫. ବିଶ୍ୱ ଶିକ୍ଷକ ଦିବସ
୬. ବିଶ୍ୱ ବନ୍ୟପ୍ରାଣୀ ଦିବସ
୮. ଭାରତୀୟ ବାୟୁସେନା ଦିବସ
୯. ବିଶ୍ୱ ଡାକସେବା ଦିବସ
ଉତ୍କଳମଣୀ ଗୋପବନ୍ଧୁ ଜନ୍ମ ଦିବସ
୧୦. ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ,
ଜାତୀୟ ଡାକ ଦିବସ
୧୧. ଜୟପ୍ରକାଶ ନାରାୟଣ ଜୟନ୍ତୀ,
ସହୀଦ୍ ବାଜିରାଉତ ଶ୍ରାଦ୍ଧ ଦିବସ
୧୧. ଜାତୀୟ ଧୂମପାନ ନିଷେଧ ଦିବସ
୧୩. ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ
୧୬. ବିଶ୍ୱ ଖାଦ୍ୟ ଦିବସ
୨୦. ସୀମାସୁରକ୍ଷା କର୍ମୀ ଦିବସ,
ରାଷ୍ଟ୍ରୀୟ ସୌହାର୍ଦ୍ଦ ଦିବସ
୨୨. ଆଜାଦ ହିନ୍ଦ ଫୌଜ ଦିବସ
୨୪. ଜାତିସଂଘ ଦିବସ
୨୯. ଜାତୀୟ ବିପର୍ଯ୍ୟୟ ଦିବସ
୩୧. ଜାତୀୟ ସଂହତି ଦିବସ

# ସ୍ମୃତି ବଳୟରେ



(ନାଟ୍ୟଭୂଷଣ)

## ✓ ଡା. ଧନେଶ୍ୱର ସାହୁ

ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ

ଆବିର୍ଭାବ : ୦୮.୦୩.୧୯୫୪
ତିରୋଧାନ : ୦୩.୦୭.୨୦୨୧

AMARISATYA ODISHA Estd.: 2006

Postal Regd. No.: PURI-33/2019-21
Volume- 12 | Issue No. - 3 | Monthly | September - 2021 | RNI Regn. No. ODI/ODI/2010/35051 | Page-52

# AMARISATYA YouTube CHANNEL

















Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash